୬ ଟି-୨୦ରେ ୧୦୦ ୱିକେଟ୍ ନେଇ ଇତିହାସ ରଚିଲେ ବୁମ୍ରା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୧୨ ● ୧୦ ଡିସେମ୍ବର ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-312 ● 10th December 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ବାରବାଟୀରେ ବଡ଼ ବିଜୟ

# ଦକ୍ଷିଣ ଆଫ୍ରିକାକୁ ୧୦୧ ରନ୍‌ରେ ହରାଇଲା ଭାରତ

**କଟକ, ୯।୧୨**
**ନ୍ୟୁଜ୍ ବ୍ୟୁରୋ**

ଭାରତର ବାରବାଟୀ ବିଜୟ। ଦକ୍ଷିଣ ଆଫ୍ରିକାକୁ ୧୦୧ ରନ୍‌ରେ ହରାଇଲା ଟିମ୍ ଇଣ୍ଡିଆ। ମାତ୍ର ୭୪ ରନ୍ କରି ଦକ୍ଷିଣ ଆଫ୍ରିକା ଅଲ୍ ଆଉଟ୍ ହୋଇଯାଇଛି। କଟକର ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ଟି ମ୍ୟାଚ୍ ବିଶିଷ୍ଟ ଟି-୨୦ସିରିଜର ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ଟିମ୍ ଇଣ୍ଡିଆ ୬ ୱିକେଟ୍‌ରେ ୧୭୫ ରନ୍ କରିଥିଲା। ଦକ୍ଷିଣ ଆଫ୍ରିକାକୁ ଦେଇଥିଲା ୧୭୬ ରନ୍‌ର ଟାର୍ଗେଟ୍। ଏହି ଲକ୍ଷ୍ୟର ପିଛା କରି ଦକ୍ଷିଣ ଆଫ୍ରିକା ପଡ଼ିଆକୁ ଓହ୍ଲାଇଥିଲା।

ଏହାର ପ୍ରାରମ୍ଭିକ ବ୍ୟାଟିଂ ଖୁବ୍ ଖରାପ ରହିଥିଲା। ପ୍ରଥମ ଓଭରରେ ଦ୍ୱିତୀୟ ବଲ୍‌ରେ ଅର୍ଶଦୀପ କ୍ୱିଣ୍ଟନ ଡିକକ୍‌ଙ୍କୁ ଆଉଟ୍ କରିଥିଲେ। ଡିକକ୍ ଖାତା ଖୋଲି ପାରି ନଥିଲେ। ତାଙ୍କ ପରେ ୩ୟ ଓଭରରେ ଅର୍ଶଦୀପ ଷ୍ଟବ୍ସଙ୍କୁ ମଧ୍ୟ ଆଉଟ୍ କରିଥିଲେ। ଷ୍ଟବ୍ସଙ୍କ ଖାତାରେ ୧୪ରନ୍ ଆସିଥିଲା। ଷଷ୍ଠ ଓଭରର ପ୍ରଥମ ବଲରେ ଅକ୍ଷର ପଟେଲ ଅଧିନାୟକ ଏଡେନ ମାର୍କରନ୍‌କୁ ଆଉଟ୍ କରିଥିଲେ।

ଏହି ଟି-୨୦ ସିରିଜ୍ ଦୁଇ ମାସ ପରେ ଆରମ୍ଭ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ର ପ୍ରସ୍ତୁତ ନେଇ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। ଏହି ମୁକାବିଲାରେ ସାଉଥ୍ ଆଫ୍ରିକାର ଅଧିନାୟକ ଏଡେନ ମାର୍କରନ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି



ନେଇଥିଲେ। ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। କଟକ ଟି-୨୦ରେ ଭାରତର ପ୍ରାରମ୍ଭିକ ଖୁବ୍ ଖରାପ ରହିଥିଲା ଏବଂ ଶୁଭମନ ଗିଲ୍ ମାତ୍ର ୪ ରନ୍ କରି ପ୍ରଥମ ଓଭରରେ ଲୁଙ୍ଗି ଏନଗିଡିଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। କିଛି ସମୟ ପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ୧୧ ରନ୍‌ରେ ଲୁଙ୍ଗିଙ୍କ ବଲ୍‌ର ଶିକାର ହୋଇଥିଲେ। ୬ ଓଭର ପରେ ଭାରତର ସ୍କୋର ୪୦-୨ ଥିଲା। ୭ମ ଓଭରରେ ଭାରତକୁ ୩ୟ ଝଟ୍‌କା ଲାଗିଥିଲା, ଯେବେ ଅଭିଷେକ ଶର୍ମା ୧୭ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ତିଳକ ବର୍ମା ଓ ଅକ୍ଷର ପଟେଲଙ୍କ ମଧ୍ୟରେ ପାର୍ଟନରସିପ୍ ଆଗେଇ ଚାଲୁଥିଲା, କିନ୍ତୁ ୧୨ତମ ଓଭରରେ ତିଳକ ବର୍ମା ୨୬ ରନ୍ କରି ଆଉଟ୍ ହୋଇଥିଲେ। ୧୪ତମ ଓଭରରେ ଭାରତକୁ ୫ମ ଝଟ୍‌କା ଲାଗିଥିଲା, ଅକ୍ଷର ପଟେଲ ୨୩ ରନ୍‌ରେ ଆଉଟ୍ ହୋଇଥିଲେ। ଏହାପରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ୍ ଦୁବେଙ୍କ ମଧ୍ୟରେ ଭଲ ପାର୍ଟନରସିପ୍ ହୋଇଥିଲା। ଉଭୟଙ୍କ ମଧ୍ୟରେ ୧୯ଟି ବଲ୍‌ରେ ୩୩ ରନ୍‌ର ପାର୍ଟନରସିପ୍ ହୋଇଥିଲା। ୧୮ତମ ଓଭରରେ ଶିବମ ଦୁବେ ଆଉଟ୍ ହୋଇଥିଲେ। ଶିବମ ୧୧ ରନ୍ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୨୫ଟି ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ହାର୍ଦ୍ଦିକ ୨୮ଟି ବଲ୍‌ରେ ଅପରାଜେୟ ୫୯ ରନ୍‌ର ଇଂନିସ୍ ଖେଳିଥିଲେ। ତାଙ୍କ ଦ୍ୱାରା ଭାରତ ଦକ୍ଷିଣ ଆଫ୍ରିକା ସାମ୍ନାରେ ୧୭୬ରନ୍‌ର ଏକ ଲକ୍ଷ୍ୟ ରଖି ପାରିଥିଲା।

## ଇଣ୍ଡୋନେସିଆରେ ଅଗ୍ନିକାଣ୍ଡ : ୨୦ ମୃତ

**ଜାକର୍ତ୍ତା, ୯।୧୨**

ଇଣ୍ଡୋନେସିଆର ଜାକାର୍ତ୍ତାରେ ମଙ୍ଗଳବାର ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ୨୦ ଜଣଙ୍କ ମୃତ୍ୟୁ ହୋଇଛି। ଏକ ୭ ମହଲା ବିଶିଷ୍ଟ କୋଠାରେ କାର୍ଯ୍ୟାଳୟ ଚାଲିଥିବାବେଳେ ସେଥିରେ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ତେବେ ନିଆଁ ଯୋଗୁ ପ୍ରବଳ ଧୂଆଁ ସୃଷ୍ଟି ହେବା ଫଳରେ ଶ୍ୱାସରୁଦ୍ଧ ହୋଇ ଲୋକଙ୍କ ପ୍ରାଣହାନୀ ଘଟିଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡ ଯୋଗୁ ଆଖପାଖରେ ଥିବା ବାସିନ୍ଦାମାନେ ଭୟଭୀତ ହୋଇପଡ଼ିବା ସହିତ ବାହାରକୁ ଚାଲି ଆସିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲା। ଏହା ସହିତ କୋଠାରେ ଫଶିଯାଇଥିବା ଲୋକଙ୍କୁ ମଧ୍ୟ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା।

ମୃତକଙ୍କ ମଧ୍ୟରେ ୫ ଜଣ ପୁରୁଷ ଏବଂ ୧୫ ଜଣ ମହିଳା ରହିଥିବା ସୂଚନା ମିଳିଛି। ମୃତ ମହିଳାଙ୍କ ମଧ୍ୟରେ ଜଣେ ଗର୍ଭବତୀ ମଧ୍ୟ ରହିଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡ ସମୟର ଦୃଶ୍ୟ ସମ୍ବଳିତ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେଉଛି। ଯେଉଁଥିରେ ଅଞ୍ଚଳଟି ଧୂଆଁମୟ ହୋଇଯାଇଥିବା ଦେଖିବାକୁ ମିଳିଛି।

### ମାତ୍ର ୧୧ ଦିନରେ ସରିଲା ଶୀତକାଳୀନ ଅଧିବେଶନ

## ଅନିର୍ଦ୍ଦିଷ୍ଟକାଳ ପାଇଁ ବିଧାନସଭା ମୁଲତବୀ

**ଭୁବନେଶ୍ୱର, ୯।୧୨**
**ନ୍ୟୁଜ୍ ବ୍ୟୁରୋ**

ନଭେମ୍ବର ୨୭ ତାରିଖରୁ ଆରମ୍ଭ ହୋଇଥିବା ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ମଙ୍ଗଳବାର ଶେଷ ହୋଇଛି। ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବାକୁ ଧାର୍ଯ୍ୟ ହୋଇଥିବା ଏହି ଅଧିବେଶନକୁ ନିର୍ଦ୍ଧାରିତ ଅବଧିର ୧୮ ଦିନ ପୂର୍ବରୁ ଅର୍ଥାତ୍ ମାତ୍ର ୧୧ଟି କାର୍ଯ୍ୟଦିବସ ସଂପନ୍ନ ପରେ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

ଏହି ଅଧିବେଶନ କାଳରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୭,୪୪୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ସମେତ ୭ଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଲ୍ ପାରିତ ହୋଇଛି। ଚଳିତ ଅଧିବେଶନ କାଳରେ ମୋଟ ୧୧ଟି କାର୍ଯ୍ୟଦିବସ ମଧ୍ୟରୁ ୫ଟି ସରକାରୀ କାର୍ଯ୍ୟଦିବସ ରହିଥିଲା। ଏଥିରେ ୨୮ଟି ତାରକାଚିହ୍ନିତ ପ୍ରଶ୍ନ ଉପରେ ଆଲୋଚନା ହୋଇଥିବା ବେଳେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ୬ଟି ମୁଲତବୀ ପ୍ରସ୍ତାବ ଉପରେ ମଧ୍ୟ ଗୃହରେ ଆଲୋଚନା ହୋଇଥିଲା। ସେହିପରି ୨୯୯୫ଟି ଅଣତାରକା ଚିହ୍ନିତ ପ୍ରଶ୍ନର ଉତ୍ତର ଗୃହରେ ଉପସ୍ଥାପନ କରାଯାଇଥିଲା। ଅଧିବେଶନର ପ୍ରଥମ ଦିନରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଥମ ଥର ପାଇଁ ବିଧାନସଭାରେ ସଦସ୍ୟମାନଙ୍କୁ ସମ୍ବୋଧିତ କରିଥିଲେ। ଅଧିବେଶନର ଶେଷ ଦିନରେ ବିଧାନସଭାର ସଦସ୍ୟ, ବାଚସ୍ପତି, ଉପବାଚସ୍ପତି ଓ ମନ୍ତ୍ରୀଙ୍କ ଦରମା ଭତ୍ତା ଓ ପେନ୍‌ସନ୍ ସଂକ୍ରାନ୍ତ ସଂଶୋଧନ ବିଲ୍ ଗୃହରେ ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା।

ଆଉ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନଥିବା ଦର୍ଶାଇ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ବିଧାନସଭା ଅଧିବେଶନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖିବାକୁ ପ୍ରସ୍ତାବ ଦେଇଥିଲେ। ଏହା ଉପରେ ବାଚସ୍ପତି ଗୃହର ମତ ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଧାନସଭାକୁ ମୁଲତବୀ ଘୋଷଣା କରିଥିଲେ।

ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିବା ପୂର୍ବରୁ ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଦାୟକାଳୀନ ସମ୍ଭାଷଣ ପ୍ରଦାନ କରି ବିଧାନସଭାର ସୁପରିଚାଳନା ଓ ଏଥିରେ ସହଯୋଗ ପାଇଁ ବାଚସ୍ପତି, ଉପବାଚସ୍ପତି, ପ୍ୟାନେଲ ଅଫ୍ ଚେୟାରମ୍ୟାନ୍‌ଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥି ସହ ବିରୋଧୀ ଦଳ ଉପନେତା ମନ୍ତ୍ରୀ, ବିଧାୟକ, ବିଧାନସଭା ଷ୍ଟାଫ୍, ନିରାପତ୍ତା ଅଧିକାରୀ ଓ କର୍ମଚାରୀ, ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ମିଡିଆର ପ୍ରତିନିଧି ଏବଂ ରାଜ୍ୟବାସୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇବା ସହ ଆଗାମୀ ୨୦୨୬ ନବ ବର୍ଷ ଉପଲକ୍ଷେ ଆଗୁଆ ଅଭିନନ୍ଦନ ଜଣାଇଥିଲେ।

### ମାଲକାନଗିରିରେ ବଢ଼ିଲା ଇଣ୍ଟରନେଟ୍ କଟକଣା

## ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଦାବି କଲେ ବିରୋଧୀ

**ମାଲକାନଗିରି/ଭୁବନେଶ୍ୱର, ୯।୧୨**
**ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଥାନା ଅଧୀନ ଡୁଡ଼ାମେଟଲା ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା ପରେ ରାଖେଲଗୁଡ଼ା ଏବଂ ଏମ୍‌ଭି-୨୬ ଗ୍ରାମ ମଧ୍ୟରେ ବିବାଦ, ଗୋଷ୍ଠୀ ସଂଘର୍ଷ ଓ ପୋଡ଼ାଜଳା ଯୋଗୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏଥିଯୋଗୁ ମାଲକାନଗିରି ଜିଲ୍ଲାରେ ଆଉ ୧୮ ଘଣ୍ଟା ପର୍ଯ୍ୟନ୍ତ ଇଣ୍ଟରନେଟ କଟକଣାକୁ ବୃଦ୍ଧି କରାଯାଇଛି। ବୁଧବାର ଦିନ ୧୨ଟା ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ଆରଡିସି ଏବଂ ଜିଲାପାଳଙ୍କ ମଧ୍ୟରେ ଆଲୋଚନା ପରେ ଇଣ୍ଟରନେଟ କଟକଣା ବୃଦ୍ଧି ହୋଇଛି। ଏନେଇ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶନାମା ଜାରି କରିଛନ୍ତି।





ଅନ୍ୟପକ୍ଷରେ ମଙ୍ଗଳବାର ବିଧାନସଭାର ଶୂନ୍ୟକାଳରେ ବିରୋଧୀ ଦଳ ବିଜେଡ଼ିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ପ୍ରସଙ୍ଗ ଉଠାଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଜିଲ୍ଲାରେ ସୃଷ୍ଟି ହୋଇଥିବା ଆଇନ ଶୃଙ୍ଖଳା ପରିସ୍ଥିତି ବିଶେଷକରି ଆଦିବାସୀ ସମ୍ପ୍ରଦାୟ ଓ ବଙ୍ଗାଳିଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ, ପୋଡ଼ାଜଳା ଘଟଣା ଭଳି ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସରକାର ଆଉ ନୀରବଦ୍ରଷ୍ଟା ନରହି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ *(ପୃଷ୍ଠା ୭ରେ)*

## ସେନସେକ୍ସ ୬୧୦ ପଏଣ୍ଟ ଓ ନିଫ୍ଟି ୨୨୬ ପଏଣ୍ଟ ହ୍ରାସ

**ନୂଆଦିଲ୍ଲୀ, ୯।୧୨**

ଘରୋଇ ଇକ୍ୱିଟି ସୂଚକାଙ୍କ ହ୍ରାସ ପାଇଛି। ସୂଚକାଙ୍କଗୁଡ଼ିକ ଦିନସାରା କାରବାରରେ କ୍ଷତି ସହିବା ସହ ନକରାତ୍ମକ ଭାବେ ଶେଷ ହୋଇଛି। ସେନସେକ୍ସ ୬୧୦ ପଏଣ୍ଟ କିମ୍ବା ୦.୭୧% ହ୍ରାସ ପାଇ ୮୫ ହଜାର ୧୦୩ରେ ବନ୍ଦ ହୋଇଥିବା ବେଳେ ନିଫ୍ଟି ୨୨୬ ପଏଣ୍ଟ କିମ୍ବା ୦.୮୬% ହ୍ରାସ ପାଇ ୨୫ ହଜାର *(ପୃଷ୍ଠା ୭ରେ)*

## ବୃଦ୍ଧି ହେଲା ବିଧାନସଭା ସଦସ୍ୟ, ବାଚସ୍ପତି ଓ ମନ୍ତ୍ରୀଙ୍କ ଦରମା

**ଭୁବନେଶ୍ୱର, ୯।୧୨**
**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ବିଧାନସଭାରେ ୪ଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଲ୍ ପାରିତ ହୋଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ଗୃହରେ ଉପସ୍ଥାପିତ ହୋଇଥିବା ଏହି ୪ଟି ବିଲ୍ ଯଥା ଓଡ଼ିଶା ବିଧାନସଭା ସଦସ୍ୟ, ବାଚସ୍ପତି, ଉପବାଚସ୍ପତି ଏବଂ ମନ୍ତ୍ରୀଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍-୨୦୨୫ ଗୃହରେ ସର୍ବସମ୍ମତିକ୍ରମେ ପାରିତ ହୋଇଛି। ସଂଶୋଧିତ ବିଧେୟକ ଅନୁସାରେ ବିଧାନସଭାର ସଦସ୍ୟମାନେ ପୂର୍ବରୁ ମୂଳ ଦରମା ବାବଦରେ ୪୦ ହଜାର ଟଙ୍କା ପାଉଥିବାବେଳେ ଏଣିକି ତାହାକୁ ୯୬ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ସହିତ ସେମାନଙ୍କୁ ଅନ୍ୟାନ୍ୟ ଭତ୍ତା ମଧ୍ୟ ମିଳିବ।

ବିଧାନସଭା ସଦସ୍ୟମାନଙ୍କୁ ନିର୍ବାଚନମଣ୍ଡଳୀ ଓ ଲୋକସେବା ଭବନ ଗସ୍ତ ଖର୍ଚ୍ଚ ଭତ୍ତା ବାବଦକୁ ୨୦ ହଜାର ବଦଳରେ ୭୫ ହଜାର ଟଙ୍କା ମିଳିବ। କମିଟି ବୈଠକ ଭତ୍ତା ୧୫୦୦ ଟଙ୍କା *(ପୃଷ୍ଠା ୭ରେ)*

## ବିଧାନସଭାରେ ବନ୍ଦେ ମାତରମ୍ : ସଂକଳ୍ପ ସର୍ବସମ୍ମତିକ୍ରମେ ପାରିତ

**ଭୁବନେଶ୍ୱର, ୯।୧୨**
**ନ୍ୟୁଜ୍ ବ୍ୟୁରୋ**

ବନ୍ଦେ ମାତରମ୍ ଜାତୀୟ ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ବିଧାନସଭାରେ ଆଗତ ସଂକଳ୍ପ ସର୍ବସମ୍ମତିକ୍ରମେ ପାରିତ ହେବା ସହ ଗୃହରେ ଏହାକୁ ଗାନ କରାଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଆଗତ ଏହି ସଂକଳ୍ପକୁ ସର୍ବାନ୍ତକରଣରେ ସ୍ୱାଗତ ଓ ସମର୍ଥନ କରି ଏହାର ଗୁରୁତ୍ୱ, ପ୍ରାସଙ୍ଗିକତା ଓ ମହତ୍ତ୍ୱ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସବୁଦଳର ବିଧାୟକମାନେ ଉପାଦେୟ ମତ ଉପସ୍ଥାପନ କରିଥିଲେ।

ସଂକଳ୍ପ ଆଗତ କରି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, ବନ୍ଦେ ମାତ୍‌ରମ୍ କେବଳ ଏକ ଗୀତନୁହେଁ ଏହା ଏକ ସାମୂହିକ ସ୍ମୃତି ଓ ସାଂସ୍କୃତିକ ଶକ୍ତି। ସ୍ୱାଧୀନତାର ମନ୍ତ୍ରପାଠ କରି ମହର୍ଷି ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ବିରଚିତ ଏହି ଗୀତ ଥିଲା ରାଷ୍ଟ୍ରୀୟତାର ଅଭିବ୍ୟକ୍ତି। ମାଆ ଭାରତୀର ଆରାଧାନା ଓ ସାଧନା ପାଇଁ ଏହା କେବଳ ଏକ ପୂର୍ଣ୍ଣ୍ୟ ଉଚ୍ଚାରଣ ନଥିଲା ବରଂ ଅନ୍ତରରେ ରାଷ୍ଟ୍ରବାଦର ଦୀପ ଜାଳି ଭାରତମାତାକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବାର ବଜ୍ରଘୋଷ ଦେଇଥିଲା ବନ୍ଦେ ମାତରମ୍। ସ୍ୱାଧୀନତାର ଅମୃତ ଲଂଗ୍ନରେ ଏହା ସମସ୍ତ ଭାରତୀୟଙ୍କୁ ଏକ କରି ଜାତୀୟତା ଓ ସ୍ୱାଧୀନ ଚେତନାର ଜାଗରୁକ ପାଇଁ ପ୍ରଚୋଦିତ ଏହି ଗୀତ ଆମକୁ ଇତିହାସ ସହିତ ଯୋଡିଥାଏ, ବର୍ତ୍ତମାନରେ ଆତ୍ମବିଶ୍ୱାସୀ କରାଏ ଓ ଭବିଷ୍ୟତରେ ସ୍ୱପ୍ନ ପୂରଣ କରିବାର ଦୁର୍ବାର ସାହସ ପ୍ରଦାନ କରେ। କୋଟି କୋଟି ଭାରତୀୟଙ୍କୁ ଆବେଗିକ ସୂତ୍ରରେ ବାନ୍ଧି ଭାରତକୁ ବିକଶିତ, ଓ ଆତ୍ମନିର୍ଭର କରିବାର ଉପକ୍ରମ ବନ୍ଦେ ମାତରମ୍। ୧୮୭୫ରେ ଲିଖିତ ଏହି ଗୀତର *(ପୃଷ୍ଠା ୭ରେ)*

## ଯୁକ୍ତ ଦୁଇ ପରୀକ୍ଷା ସୂଚୀରେ ପରିବର୍ତ୍ତନ

**ଭୁବନେଶ୍ୱର, ୯।୧୨**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ୨୦୨୬ ମସିହା ପାଇଁ ହେବାକୁ ଥିବା ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ସୂଚୀରେ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘୋଷଣା କରିଛି।

ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ୨୦୨୬ ମାର୍ଚ୍ଚ ୧୧ ତାରିଖ (ବୁଧବାର)ରେ ହେବାକୁ ଥିବା ପରୀକ୍ଷାକୁ ଏବେ ମାର୍ଚ୍ଚ ୨୩ (ସୋମବାର) କୁ ଘୁଞ୍ଚାଇ ଦିଆଯାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଓଡ଼ିଆ ଭାଷା *(ପୃଷ୍ଠା ୭ରେ)*

### ଏକାଳ ପଖାଳ



ମଣ୍ଡିରେ ପଡିଛି ଧାନ
ସେଇ ଗୁଡା କେବେ ବିକ୍ରି ହେବ
ଜାଣିଛନ୍ତି ଭଗବାନ
ଚିନ୍ତାରେ ଚାଷୀର ମନ
ବଡବଡ ନୋକ କିଛିତ କର
ଦିଅ ଏଇ ଆଡେ ଧ୍ୟାନ।

## ଭୁବନେଶ୍ୱର : ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ କାମ ହେଉଛି



**ଭୁବନେଶ୍ୱର, ୯।୧୨**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ସହରରେ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ସରକାରୀ ସ୍ତରରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ସଂପୂର୍ଣ୍ଣ ସହରର ଡ୍ରେନେଜ୍ ନେଟ୍‌ୱାର୍କକୁ ବିଚାରକୁ ନେଇ ଷ୍ଟ୍ରର୍ମ ୱାଟର ଡ୍ରେନେଜ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ନିମନ୍ତେ ଆଇଆଇଟି, ରୁର୍କିକୁ ନିଯୁକ୍ତ କରାଯାଇଛି। ଏ ପର୍ଯ୍ୟନ୍ତ ପ୍ରାରମ୍ଭିକ ରିପୋର୍ଟ ଓ ହାଇଡ୍ରୋଲଜିକାଲ୍ କ୍ୟାଚ୍‌ମେଣ୍ଟ ସର୍ଭେ ସମାପ୍ତ ହୋଇଛି। ଏହା ବ୍ୟତୀତ ଭୁବନେଶ୍ୱର ସହରର ଜଳ ନିଷ୍କାସନ ଦକ୍ଷତା ଏବଂ ବନ୍ୟା ପରିଚାଳନାରେ ଉନ୍ନତି ଆଣିବା ପାଇଁ ନ୍ୟାସନାଲ ଡିଜାଷ୍ଟର ମିଟିଗେସନ ଫଣ୍ଡ (ଏନ୍‌ଡିଏମ୍‌ଏଫ୍)ରୁ ୨୦୦ କୋଟି ଟଙ୍କା ଅର୍ଥ ପ୍ରଦାନ ପାଇଁ ଭୁବନେଶ୍ୱରକୁ ଚୟନ କରାଯାଇଛି। ଏଥି ନିମନ୍ତେ ଆବଶ୍ୟକ ପ୍ରସ୍ତାବ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ମାଧ୍ୟମରେ ନ୍ୟାସନାଲ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି (ଏନ୍‌ଡିଏମ୍‌ଏ)ଙ୍କ ନିକଟରେ ଦାଖଲ କରାଯାଇଛି। ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ *(ପୃଷ୍ଠା ୭ରେ)*

## ଓଡ଼ିଶାକୁ ‘ଶ୍ରେଷ୍ଠ ବନ୍ୟଜୀବ ସଂରକ୍ଷଣ ପ୍ରୟାସ’ ପୁରସ୍କାର

**ଭୁବନେଶ୍ୱର, ୯।୧୨**
**ନ୍ୟୁଜ୍ ବ୍ୟୁରୋ**

ହାଇଦ୍ରାବାଦରେ ଆୟୋଜିତ ତିନି ଦିନିଆ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଟ୍ରାଭେଲ ମାର୍ଟ (ଆଇଆଇଟିଏମ୍) ରେ ଓଡ଼ିଶାକୁ ‘ଭାରତରେ ଶ୍ରେଷ୍ଠ ବନ୍ୟଜୀବ ସଂରକ୍ଷଣ ପ୍ରୟାସ’ ପୁରସ୍କାରରେ ସମ୍ମାନିତ କରାଯାଇଛି।

ରାଜ୍ୟର ବନ୍ୟଜୀବ ବାସସ୍ଥାନଗୁଡ଼ିକୁ ସୁରକ୍ଷା ଦେବା, ବିପଦସଙ୍କୁଳ ପ୍ରଜାତିର ସଂରକ୍ଷଣ କରିବା ଏବଂ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳରେ ଧାର୍ଯ୍ୟ କରାଯାଇଥିବା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାରେ ଓଡ଼ିଶାର ଉଲ୍ଲେଖନୀୟ ପଦକ୍ଷେପ



ପାଇଁ ଏହି ସ୍ୱୀକୃତି ମିଳିଛି।

ଏଚ୍‌ଆଇଟିଇଏକ୍ସ ପ୍ରଦର୍ଶନୀ କେନ୍ଦ୍ରରେ ଉଦ୍‌ଘାଟିତ ଏହି ଜାତୀୟ ଟ୍ରାଭେଲ୍ ପ୍ରଦର୍ଶନୀରେ ଭାରତ ତଥା ବିଦେଶରୁ ୨୦୦ରୁ ଅଧିକ ପ୍ରଦର୍ଶକ ସାମିଲ୍ ହୋଇଥିଲେ। ଓଡ଼ିଶାର ମୋଟ ୧୧ ଜଣ ସହ-ପ୍ରଦର୍ଶକ ଏଥିରେ *(ପୃଷ୍ଠା ୭ରେ)*





# ହାତୀ ପେଟରେ ଚାଷୀଙ୍କ ଫସଲ : ବନଖଣ୍ଡ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**



ଆଠଗଡ଼ ବ୍ଲକ ଅନ୍ତର୍ଗତ କନ୍ଦରପୁର ଗ୍ରାମରେ ହାତୀପଲଙ୍କ ଉପଦ୍ରବରେ ଚାଷୀକୂଳ ହତାଶ ହୋଇପଡ଼ିଛନ୍ତି। ମୁଣ୍ଡ ଝାଳ ତୁଣ୍ଡରେ ମାରି ଅକ୍ଳାନ୍ତ ପରିଶ୍ରମ କରି ଅମଳ କରିବାକୁ ଚାହିଁ ବସିଥିବା ଚାଷୀ ସେମାନଙ୍କ ଫସଲ ହାତୀ ପେଟକୁ ଯାଉଥିବା ଦେଖି ଧୈର୍ଯ୍ୟହରା ହୋଇପଡୁଛନ୍ତି। ସୁକାଶନ ଜଙ୍ଗଲରେ ରହୁଥିବା ହାତୀପଲ ନିକଟବର୍ତ୍ତୀ କନ୍ଦରପୁର ଗ୍ରାମର ଚାଷ ଜମିରେ ପଶି ବ୍ୟାପକ ଫସଲ ନଷ୍ଟ କରିଥିବା ଅଭିଯୋଗ ନେଇ ଗ୍ରାମର ଶତାଧିକ ଚାଷୀ ଚାରି ଦଫା ଦାବି ସହ ଆଠଗଡ଼ ବନଖଣ୍ଡ କାର୍ଯ୍ୟାଳୟ ଘେରାଉ କରିଥିଲେ। ସୂଚନା ମୁତାବକ, ରାତିରେ ପ୍ରାୟ ୨୦ଟି ହାତୀ କନ୍ଦରପୁର ଓ ଫୁଲବାଡ଼ି ଗହିରରେ ପଶି ୨୫ ଏକରରୁ ଊର୍ଦ୍ଧ୍ୱ ଜମିରେ ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କର ଲଙ୍କା, କଲରା, ବିନ୍, ଝୁଡୁଙ୍ଗ, ବୋଦି, ସୋରିଷ, ବିରି, କୋଳଥ ଚାଷକୁ ସମ୍ପୂର୍ଣ୍ଣ ନଷ୍ଟ କରିଛନ୍ତି। ଚାଷୀମାନେ ବିଲରେ ଗଛ ମାଡ଼ିବା ପାଇଁ ପୋତି ଥିବା ରଞ୍ଜା, ବାଉଁଶ ବାଡ଼ ଆଦି ସବୁ ଭାଙ୍ଗି ଦେଇଛନ୍ତି। ରାତି ସାରା ଅନିଦ୍ରା ହୋଇ ଚାଷୀମାନେ ନିଜ ନିଜ ଚାଷକୁ ଜଗିଥିଲେ ସୁଦ୍ଧା ହାତୀପଲଙ୍କୁ ଆୟତ୍ତ କରିବାରେ ସକ୍ଷମ ହୋଇ ନ ଥିଲେ। ଏଥିରେ ସେମାନଙ୍କୁ ବନ କର୍ମଚାରୀ ସହଯୋଗ କରି ନ ଥିବା ଅଭିଯୋଗ କହିଛନ୍ତି। ସକାଳୁ ଚାଷୀମାନେ ନିଜ ନିଜ ଚାଷବାସର ଏଭଳି ଅବସ୍ଥା ଦେଖି ହତାଶ ହେବା ସହ ବନ ବିଭାଗକୁ ଜଣାଇବାକୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିବା ସତ୍ତ୍ୱେ କୌଣସି ଅଧିକାରୀ କ୍ଷେତ୍ରକୁ ଆସି ନ ଥିଲେ। ଶେଷରେ ବାଧ ହୋଇ କ୍ଷତିଗ୍ରସ୍ତ ଚାଷୀ ଆଠଗଡ଼ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ ଏବଂ ବନ ବିଭାଗ ଉଦ୍ଦେଶ୍ୟରେ ୪ ଗୋଟି ଦାବିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଫସଲ କ୍ଷୟକ୍ଷତିର ତୁରନ୍ତ ଆକଳନ କରି ଚାଷୀଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବା, ଚାଷ ଜମିକୁ ହାତୀ ଓ ଜଙ୍ଗଲ ଜନ୍ତୁଠାରୁ ରକ୍ଷା ପାଇଁ ଚାଷ ଜମି ଚାରିପଟେ ସୌର ତାରବାଡ଼ ବ୍ୟବସ୍ଥା କରିବା, ଗ୍ରାମର ମୁଖ୍ୟ ରାସ୍ତା ତଥା ହାତୀ ଚଲା ପଥ ନିକଟରେ ସୋଲାର ଲାଇଟ୍ ସହ ସାଇରନ ବ୍ୟବସ୍ଥା, ହାତୀ ଘଉଡ଼ାଇବାକୁ ଚାଷୀଙ୍କୁ ଆବଶ୍ୟକ ଉଚ୍ଚ କ୍ଷମତା ସମ୍ପନ୍ନ ଟର୍ଚ୍ଚ ଲାଇଟ୍, ଆତସବାଜି, ଶବ୍ଦ ଯନ୍ତ୍ର ଆଦି ଯୋଗାଇଦେବା ଏବଂ ବନ ବିଭାଗର କ୍ଷେତ୍ର କର୍ମଚାରୀ ଚାଷୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଆଦି ଦାବି ନେଇ ଚାଷୀମାନେ ଧାରଣାରେ ବସିଥିଲେ। ଆଠଗଡ଼ ବନଖଣ୍ଡ ଅଧିକାରୀ ଅନୁପସ୍ଥିତ ଥିବା ସ୍ଥଳେ ତାଙ୍କ ନିର୍ଦ୍ଦେଶରେ ଆଠଗଡ଼ ବନାଞ୍ଚଳ ଅଧିକାରୀ ସୁସ୍ମିତା ସାହୁ ଓ ବନପାଳ ଧାରଣାରତ ଚାଷୀଙ୍କ ସହ ଆଲୋଚନା କରି ତାଙ୍କ ଦାବିଗୁଡ଼ିକୁ ପୂରଣ ପାଇଁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନରତ ଚାଷୀ ଧାରଣା ଉଠାଇଥିଲେ। ଏହି ଆନ୍ଦୋଳନରେ ସମାଜସେବୀ ପ୍ରିୟବ୍ରତ ଦାସ, ଇନ୍ଦ୍ରମଣି ସୁତାର, ପ୍ରକାଶ ଚନ୍ଦ୍ର ଦଳାଇ, ଚାଷୀ କୃଷ୍ଣଚନ୍ଦ୍ର ରାଉତ, ଭୀମ ସେନ ସାହୁ, ପ୍ରତାପ ସାହୁ, ପରମାନନ୍ଦ ବେହେରା, ଜନ୍ମେଶ୍ୱର ରାଉତ, ତ୍ରିଲୋଚନ ରାଉତ, ସହଦେବ ସାହୁ, ବିରଞ୍ଚି ସାହୁ, ବିଚିତ୍ରାନନ୍ଦ ସାହୁ, ଲକ୍ଷ୍ମୀଧର ନାୟକ, ନଟବର ଦଳାଇ ପ୍ରମୁଖ ଶତାଧିକ ଚାଷୀ ସାମିଲ ହୋଇଥିଲେ।

# ଧାମରାରେ ବୁଲୁଛି ମହାବଳ ବାଘ : ଭିଡିଓ ଭାଇରାଲ ପରେ ବନ ବିଭାଗ ନାକେଦମ୍

**ଚାନ୍ଦବାଲି, ନ୍ୟୁଜ୍‌ବ୍ୟୁରୋ**



ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ଧାମରା ଅଞ୍ଚଳରେ ଏକ ମହାବଳ ବାଘ ବୁଲୁଛି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବନ ବିଭାଗକୁ ନାକେଦମ ହେବାକୁ ପଡ଼ିଛି।

ସୂଚନା ଅନୁଯାୟୀ, ଧାମରା ବନ୍ଦର ୩ ନଂ. ଗେଟ୍ ଆଗରେ ଏକ ମହାବଳ ବାଘ ବୁଲୁଥିବାର ଭିଡିଓ କେହି ଜଣେ ଭାଇରାଲ କରିଛନ୍ତି। ପ୍ରକୃତରେ ସେଠାରେ ବାଘ ଅଛି ନା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମାଧ୍ୟମରେ ପ୍ରସ୍ତୁତ କରାଯାଇ ଭାଇରାଲ ହୋଇଛି, ତାହାର ପ୍ରକୃତ ତଥ୍ୟ ଜଣାପଡ଼ିନାହିଁ। ତେବେ ଏହି ଭିଡିଓ ଭାଇରାଲ ହେବା ପରେ ଧାମରା ବନପାଳ କୁମୁଦ ଚନ୍ଦ୍ର ସାହୁ ଏବଂ କରଞ୍ଜମାଳ ବନପାଳ ସନ୍ତୋଷ ମାଝୀ ୫ଜଣ ବନରକ୍ଷୀଙ୍କୁ ନେଇ କଇଥଖୋଲା, କରଞ୍ଜମାଳ ଅଞ୍ଚଳ ବୁଲି ଦେଖିବା ସହ କୌଣସି ସ୍ଥାନରେ ବାଘର ପାଦଚିହ୍ନ ମଧ୍ୟ ପାଇନାହାନ୍ତି। ପ୍ରଥମେ ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କ ସିସି କ୍ୟାମେରାରେ ଏହି ଭିଡିଓ କଏଦ୍ ହୋଇଥିବା କଥା ଶୁଣିବାକୁ ମିଳିଥିବା ବେଳେ ଧାମରା ବନ୍ଦର କର୍ତ୍ତୃପକ୍ଷ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଦିନମାନ ବନପାଳ ଏବଂ ବନରକ୍ଷୀମାନେ ସମସ୍ତ ସ୍ଥାନ ବୁଲି ଦେଖିଥିଲେ ମଧ୍ୟ ମହାବଳ ବାଘର କୌଣସି ସୁରାକ୍ ପାଇନାହାନ୍ତି। ଏଣୁ କେଉଁ ପରିସ୍ଥିତିରେ ଏବଂ କିଏ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି, ସେଥିପ୍ରତି ଜିଲ୍ଲା ପ୍ରଶାସନ ସଜାଗ ହେବା ସହ ତୁରନ୍ତ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ତେବେ ଭାଇରାଲ ଭିଡିଓକୁ ଦେଖି ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଏନେଇ ଡିଏଫ୍‌ଓ ସୌଭାଗ୍ୟ ରଞ୍ଜନ ସାହୁ କହିଛନ୍ତି, ଏହା ଏଆଇ ଭିଡିଓ। ଧାମରାକୁ ବାଘ ଆସିବା ପାଇଁ କୌଣସି ଜଙ୍ଗଲ କରିଡ଼ର ନାହିଁ। ଏଣୁ ବାଘ ଏଠାକୁ ଆସିବା ଅସମ୍ଭବ। ତଥାପି ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ଅନୁସନ୍ଧାନ କରାଯାଉଛି।

# ଜନ୍ମଦିନ ପାଳନ ପାଇଁ ମୋବାଇଲ ଲୁଟ୍




**ଫୁଲବାଣୀ, ନ୍ୟୁଜ୍‌ବ୍ୟୁରୋ**

ଏକ ମୋବାଇଲ ଲୁଟ୍ କରି ଆକ୍ରମଣ କରିବା ଘଟଣାରେ ଫୁଲବାଣୀ ଟାଉନ ଥାନା ପୁଲିସ ମାଷ୍ଟର ମାଇଣ୍ଡକୁ ଗିରଫ କରିଛି। ତାଙ୍କ ନିକଟରୁ ଲୁଟ୍ ହୋଇଥିବା ମୋବାଇଲ ସମେତ ୪ଟି ଚୋରି ବାଇକ ଜବତ କରାଯାଇଛି। ଗିରଫ ଯୁବକ ହେଲେ ଫୁଲବାଣୀ ସହର କୁମ୍ଭାରପଡାର ରାକେଶ ବେହେରା ଓରଫ ଛୋଟୁ (୨୪)। ଏହି ଘଟଣାରେ ସମ୍ପୃକ୍ତ ଆଉ ୨ ଜଣ ଫେରାର ଅଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଫୁଲବାଣୀ ଟାଉନ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ କହିଛନ୍ତି।

ସୂଚନା ଅନୁସାରେ, ଗତ ଜୁଲାଇ ୨୦ରେ ରାକେଶ ତାଙ୍କ ଦୁଇ ସାଙ୍ଗଙ୍କ ସହ ଫୁଲବାଣୀ ବସ୍‌ଷ୍ଟାଣ୍ଡ ପାଖରେ ମଦ୍ୟ ପାନ କରିଥିଲେ। ୨୧ ତାରିଖରେ ରାକେଶଙ୍କ ଜନ୍ମ ଦିନ ଥିଲା। ଟଙ୍କା ଅଭାବରୁ ସେମାନେ ଲୁଟ୍ କରିବା ପାଇଁ ଯୋଜନା କରିଥିଲେ। ରାତି ପ୍ରାୟ ସାଢ଼େ ୧୦ଟା ବେଳେ ଜଣେ ବାହାର ଲୋକ ବସ୍‌ଷ୍ଟାଣ୍ଡର ଦୁଇ ନମ୍ବର ଗେଟ୍ ପାଖରେ ବୁଲାବୁଲି କରୁଥିଲେ। ଏହି ୩ ଜଣ ଯାକ ସ୍କୁଟିରେ ଯାଇ ସମ୍ପୃକ୍ତ ଯୁବକଙ୍କୁ ଥାପଡ଼, ଗୋଇଠା ମାରି ମୋବାଇଲ ଫୋନ ଲୁଟି ନେଇଥିଲେ। ଯୁବକ ଜଣକ ଆସି ଥାନାରେ ଅଭିଯୋଗ କରିବାରୁ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ରାକେଶଙ୍କୁ ଗିରଫ କରିବା ପରେ ତାଙ୍କ ପାଖରୁ ଆଉ ଚୋରି ବାଇକ୍ ସହ ଦୁଇଟି ମୋବାଇଲ ଜବତ କରାଯାଇଛି ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ମୋବାଇଲ ଟାୱାରରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ସୋର, ନ୍ୟୁଜ୍‌ବ୍ୟୁରୋ**

ସୋର ଥାନା ମୁବାରକପୁର ଗାଁରେ ଅଘଟଣ। ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ଯୁବକ ମୋବାଇଲ ଟାୱାର ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଛନ୍ତି। ଯୁବକ ଜଣକ ନିତା ସାହୁ (୨୮) ବୋଲି ଜଣାପଡିଛି। ସୂଚନା ଅନୁସାରେ ନିତା ସାହୁ (୨୮) ଦୀର୍ଘ ଦିନ ହେବ ପାରିବାରିକ କଳହକୁ କେନ୍ଦ୍ର କରି ମାନସିକ ଚାପରେ ରହୁଥିଲେ। ସକାଳେ ମୋବାରକପୁର ଗାଁର ଶିବ ମନ୍ଦିର ନିକଟରେ ଥିବା ମୋବାଇଲ ଟାୱାରକୁ ଚଢ଼ି ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

କିଛି ସ୍ଥାନୀୟ ଲୋକ ଏହା ଦେଖି ତାଙ୍କୁ ବୁଝାସୁଝା କରିଥିଲେ। ପରେ ଖବର ପାଇ ସୋର ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଯୁବକ ଜଣଙ୍କୁ ଉଦ୍ଧାର କରିଥିଲେ। ଉକ୍ତ ଯୁବକଙ୍କ ପତ୍ନୀ ୪ ବର୍ଷ ହେବ ତାଙ୍କୁ ଛାଡ଼ି ଚାଲିଯାଇ ଥିଲେ। ଏହି କାରଣରୁ ସେ ପ୍ରାୟ ୪ ବର୍ଷ ହେବ ମାନସିକ ଅବସାଦ ଭିତରେ ରହୁଥିଲେ।

# ଚାଷୀ ସଂଗଠନର ରଣହୁଙ୍କାର : ମଣ୍ଡିରୁ ଧାନ ଉଠା ନ ଗଲେ ଆନ୍ଦୋଳନ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**



ବରଗଡ଼ ଜିଲ୍ଲାରେ ଗତମାସ ୨୮ ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। କିନ୍ତୁ ଏପର୍ଯ୍ୟନ୍ତ ଧାନ ବିକ୍ରିରେ ଅଚଳାବସ୍ଥା ଜାରି ରହିଛି। ଅଧିକାଂଶ ଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳିନାହିଁ। ମିଲ୍ ମାଲିକମାନେ ମଣ୍ଡିକୁ ଯାଉନାହାନ୍ତି। ଯଦି ଏପରି ଅବସ୍ଥା ଜାରି ରହେ, ତା'ହେଲେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବ ବୋଲି ଚାଷୀ ସଂଗଠନ ଜୟ କିଷାନ ଆନ୍ଦୋଳନ ପକ୍ଷରୁ ବରଗଡ଼ ସମତା ଭବନରେ ଅନୁଷ୍ଠିତ ବୈଠକରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ କହିଛନ୍ତି।

ଜୟ କିଷାନ ଆନ୍ଦୋଳନର ସଭାପତି ସୁଶୀଲ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଧାନ ବିକ୍ରି ସମସ୍ୟା ନେଇ ଆଲୋଚନା ହୋଇଥିଲା। ଚଳିତ ଖରିଫ ଋତୁରେ ବିଳମ୍ବରେ ମଣ୍ଡି ଖୋଲାଯାଇଛି। ମାତ୍ର ମଣ୍ଡି ଖୋଲିବାରେ ଆହେତୁକ ବିଳମ୍ବ ହୋଇଥିଲେ ସୁଦ୍ଧା ଧାନ ବିକ୍ରି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। କାଁ ଭାଁ ଗୋଟିଏ ଦୁଇଟି ମଣ୍ଡିରେ ନାମକୁ ମାତ୍ର ଧାନ କିଣା ଯାଇଛି।

ମଣ୍ଡିମାନଙ୍କରେ ହଜାର ହଜାର ବସ୍ତା ଧାନ ପଡ଼ିଥିଲେ ସୁଦ୍ଧା ତାହା କିପରି ବିକ୍ରି କରାଯିବ, ତାକୁ ନେଇ ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁ ନ ଥିବା ବୈଠକରେ ଅଭିଯୋଗ ହୋଇଥିଲା। ସମସ୍ୟାକୁ ନେଇ ରାଜ୍ୟରେ ଚାଷୀମାନେ ଆଶଙ୍କିତ ଏବଂ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଯଦି ଏହି ଅଚଳାବସ୍ଥା ଜାରି ରହେ, ତା'ହେଲେ ଚାଷୀମାନଙ୍କ ମଧ୍ୟରେ ରହିଥିବା ଅସନ୍ତୋଷ ବିସ୍ଫୋରଣର ରୂପ ନେବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା।

ଧାନ ବିକ୍ରି ସମୟରେ ବିଧାନସଭା ଅଧିବେଶନ ଚାଲିଥିଲେ ହେଁ ସମସ୍ୟାର ସମାଧାନ ଦିଗରେ ଆଲୋଚନା ନ କରି ସରକାର ଓ ବିରୋଧୀ ଦଳର ନେତାମାନେ ପରସ୍ପର କାଦୁଅ ଫିଙ୍ଗା ରାଜନୀତି କରି ବାହାସ୍ଫୋଟ ମାରିବାରେ ବ୍ୟସ୍ତ ଅଛନ୍ତି। ଯାହାକି ଚାଷୀମାନଙ୍କ ପ୍ରତି ବିଦ୍ରୁପ ଅଟେ ବୋଲି ବୈଠକରେ ନିନ୍ଦା କରାଯାଇଥିଲା।

ପୂର୍ବ ସରକାର ଭଳି ବର୍ତ୍ତମାନର ସରକାର ମଧ୍ୟ ମିଲମାଲିକମାନଙ୍କ ଭରସାରେ ଧାନ ବିକ୍ରି ବ୍ୟବସ୍ଥାକୁ ଟେକି ଦେଇ ଚାଷୀଙ୍କୁ ଶୋଷଣର ଜାଲ ମଧ୍ୟକୁ ଠେଲି ଦେଉଛି। ଯଦି ସରକାର ଚାଷୀଙ୍କ ସମସ୍ୟା ଏବଂ ଧାନ ବିକ୍ରିକୁ ସୂଚାରୁ ରୂପେ ସମ୍ପାଦନ କରିବାର ଆନ୍ତରିକତା ରହିଛି, ତା'ହେଲେ ଛତିଶଗଡ ଭଳି ଚାଷୀଙ୍କଠାରେ ସିଧାସଳଖ ଧାନ କିଣି ମଣ୍ଡିରେ ଗଚ୍ଛିତ କରିବାର ବ୍ୟବସ୍ଥା କରନ୍ତୁ ଅଯଥା ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ଜୟ କିସାନ ଆନ୍ଦୋଳନର ଏହି ବୈଠକରେ ଦାବି କରାଯାଇଥିଲା।

ଯଦି ସରକାରଙ୍କ ପକ୍ଷରୁ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରା ନ ଯାଏ, ତା'ହେଲେ କୌଣସି ମୁହୂର୍ତ୍ତରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜୟ କିଷାନ ଆନ୍ଦୋଳନର ବରିଷ୍ଠ ନେତା ଶିବ ପ୍ରସାଦ ପ୍ରଧାନ, ସାଧାରଣ ସମ୍ପାଦକ ହର ବଣିଆଁ, ଅରୁଣ କୁମାର ସାହୁ, ଭଞ୍ଜନ ବାରିକ, ଅରୁଣ ପ୍ରଧାନ, ସୁରେନ୍ଦ୍ର ମେହେର, ମିନିଷ୍ଟର ବାରିକ, ବିଜୟ ପ୍ରଧାନ, କୁନା ବେହେରା, ପ୍ରବୀଣ ସାହୁ ଏବଂ ସୀତାରାମ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ପାର ହେଉହେଉ ଭାଙ୍ଗିପଡ଼ିଲା ପୋଲ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ତରତରା କଣ୍ଟିପାଳ ମୁଖ୍ୟ ରାସ୍ତାର କୁକୁରିଆନାଳ ହୋଇଥିବା ପୋଲଟି ଭାଙ୍ଗିଯାଇଛି। ସୂଚନାରୁ ଜଣାପଡ଼ିଛି, ଏହି ପୋଲ ଉପରେ କଣ୍ଟିପାଳ, ତରତରା, କାଠକଟା, ଶାଳବଣି, ବାଉଁଶଗଡ଼ ସମେତ ପ୍ରାୟ ୫ଟି ପଞ୍ଚାୟତର ଲୋକମାନେ ନିର୍ଭର କରିଥାନ୍ତି। ମୁଖ୍ୟ ରାସ୍ତାର ଏହି ସେତୁ ବର୍ଷା ପ୍ରଭାବରେ ୩ ମାସ ତଳେ ଏହା ଦବିଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ସରପଞ୍ଚଙ୍କୁ ଜଣାଇବା ସହ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହି ପୋଲଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବାରୁ ସ୍ଥାନୀୟ ଲୋକେ ବଡ଼ବଡ଼ ଗାଡ଼ି ଛାଡ଼ିବାକୁ ବାରଣ କରିଥାନ୍ତି। ହେଲେ ଏକ ବୋରୱେଲ୍ ଗାଡ଼ି ପାର ହେଉ ହେଉ ସଙ୍ଗେ ସଙ୍ଗେ ପୋଲଟି ଭାଙ୍ଗିଯାଇଥିଲା। ଯାହା ଫଳରେ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଲୋକେ। ଏଠାରେ ଖୁବ୍‌ଶୀଘ୍ର ଏକ ନୂତନ ପୋଲ କରିବା ପାଇଁ ରବୀନ୍ଦ୍ର ହୋ, ରାଜେନ୍ଦ୍ର ମାଝୀ, ପ୍ରମୋଦ ନାଏକ, ଧନେଶ୍ୱର ମାଝୀ, ମାଟୁରାମ ମାଝୀ, ରାଜେନ୍ଦ୍ର ମାଝୀ, କାଳନ୍ଦୀ ହୋ, ଦିବାକର ନାଏକ ପ୍ରମୁଖ ସରକାରଙ୍କୁ ନିବେଦନ କରିଛନ୍ତି।

# ଘରଦ୍ୱାର ଭାଙ୍ଗିଲେ ହାତୀପଲ, ବାଡ଼ିରେ ପଶି ଖାଇଗଲେ

**ଗଜପତି, ନ୍ୟୁଜ୍‌ବ୍ୟୁରୋ**

ଗଜପତି ଜିଲ୍ଲା ଗୁମ୍ମାବ୍ଲକରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ଗତ ସପ୍ତାହେ ହେଲା ୪ ଟିକିଆ ହାତୀପଲ ଗୁମ୍ମା ବ୍ଲକର ଗାଁକୁ ଗାଁ ବୁଲୁଛନ୍ତି। ହେଲେ ବ୍ଲକର ଯାନୀଗୁଡ଼ା ଗ୍ରାମରେ ପଶି ଘର, ଗୁହାଳ ଭାଙ୍ଗିବା ସହ କଦଳିବାଡ଼ି ଭାଙ୍ଗି ନଷ୍ଟ କରିଛନ୍ତି। ଫଳରେ ସ୍ଥାନୀୟ ବାସିନ୍ଦା ଏବେ ଘର ଭିତରେ ଭୟରେ ରହୁଛନ୍ତି। ଗତ ସପ୍ତାହେ ହେଲା ଏହି ହାତୀପଲ ଦେବଗିରି ରେଞ୍ଜର ବିଭିନ୍ନ ଅଞ୍ଚଳ ବୁଲୁଛନ୍ତି। ଏହି ହାତୀଗୁଡ଼ିକ ଆନ୍ଧ୍ର ପଟୁ ଆସିଥିବା ବନ ବିଭାଗ ସୂଚନା ଦେଇଛି। ଏବେ ହାତୀଙ୍କ ଗତିପଥ ଉପରେ ବନ ବିଭାଗ ନଜର ରଖିଛି। ହାତୀଙ୍କ ସହ କୌଣସି ଦୁର୍ବ୍ୟବହାର ନ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ବନ ବିଭାଗ ତରଫରୁ ସଚେତନ କରାଯାଉଛି। ତେବେ ହାତୀମାନେ କରିଥିବା କ୍ଷୟକ୍ଷତି ଆକଳନ କରାଯାଇ ସ୍ଥାନୀୟ ଲୋକଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ବିଭାଗ ତରଫରୁ ସୂଚନା ଦେଇଛନ୍ତି ଗଜପତି ଡିଏଫ୍‌ଓ କେ. ନାଗାରାଜୁ।

# ଚାଷୀଙ୍କ ଦାବି ନେଇ କଳାହାଣ୍ଡିରୁ ଭୁବନେଶ୍ୱର ସାଇକେଲ ଯାତ୍ରା

**ବୋଲଗଡ଼, ନ୍ୟୁଜ୍‌ବ୍ୟୁରୋ**



ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡ଼ିଛି କଳାହାଣ୍ଡି ଜିଲ୍ଲାର ଜନସଂଗ୍ରାମ ସମିତି। ଏହି ସମିତିର ଆବାହକ ସାଉଲ୍ ମଙ୍ଗରାଜ ନେତୃତ୍ୱରେ ୨୦ ଜଣ ଚାଷୀ ସାଇକେଲ ଯାତ୍ରାରେ ବାହାରି ଥିବାବେଳେ ତାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ନବନିର୍ମାଣ କୃଷକ ସଂଗଠନ। ସଂଗଠନର ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହଙ୍କ ନେତୃତ୍ୱରେ ବୋଲଗଡ଼ ବ୍ଲକ ସଂଯୋଜକ କାହ୍ନୁ ଚରଣ ବେହେରା, ସୁଶାନ୍ତ କୁମାର ବେହେରା, ପୂର୍ଣ୍ଣ ଚନ୍ଦ୍ର ବେହେରା, ସୁରେନ୍ଦ୍ର ସେଠୀ, ଅର୍ଜୁନ ବାରିକ, ଦୁର୍ଯ୍ୟୋଧନ ବରିଗଞ୍ଜନ ପ୍ରମୁଖ ଶନିବାର ବୋଲଗଡ଼ ବ୍ଲକ ପିତୁକୁଳି ନେତାଜୀ ଛକ ଠାରେ ନେତାଜୀ ସୁବାସ ଚନ୍ଦ୍ର ବୋଷ ପ୍ରତିମୂର୍ତ୍ତି ଠାରେ ଖୋର୍ଦ୍ଧା ଜିଲ୍ଲା ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ କଳାହାଣ୍ଡି ଆସିଥିବା ଚାଷୀମାନଙ୍କୁ ସମର୍ଥନ କରି ସମ୍ବର୍ଦ୍ଧନା ଦେଇଛନ୍ତି। ଏଠାରେ ନେତାଜୀଙ୍କୁ ଫୁଲମାଳ ଅର୍ପଣ ପରେ ବଜାର ପରିକ୍ରମା କରାଇଥିଲେ।

ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଭେଟି ୮ ଦଫା ଦାବିପତ୍ର ପ୍ରଦାନ କରିବାର ଯୋଜନା ରହିଛି ବୋଲି ସମିତି ସୂଚନା ଦେଇଛି। ଏହି ଯାତ୍ରା ୩୦ ତାରିଖଠାରୁ ଆରମ୍ଭ କରିଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ କର୍ମକର୍ତ୍ତା ଓ ଚାଷୀମାନେ ବୋଲଗଡ଼ ପହଞ୍ଚିଥିଲେ। ସେଠାରେ ନନ୍ଦିଘୋଷ ଭବନ ରାତ୍ରି ଯାପନ କରିଥିଲେ। ମୁଖ୍ୟତଃ ଚାଷଙ୍କ ଦାବିଗୁଡ଼ିକ ମଧ୍ୟରେ ଗୋଲାମୁଣ୍ଡା ବ୍ଲକ୍‌ର ୨୦୨୪-୨୫ ମସିହା ରବି ଋତୁର ମୁଗ ଚାଷୀମାନଙ୍କୁ ତୁରନ୍ତ ଫସଲବୀମା ଟଙ୍କା, ଉଦନ୍ତୀ ନଦୀରେ ବ୍ୟାରେଜ ନିର୍ମାଣ, ଉଠା ଜଳସେଚନକୁ ତୁରନ୍ତ କାର୍ଯ୍ୟକାରୀ କରି ଚାଷୀଙ୍କୁ ପାଇଁ ଗୋଲାମୁଣ୍ଡା ଠାରେ ଧନ୍ଦାମୂଳକ ଓ ପଲିଟେକନିକ ମହାବିଦ୍ୟାଳୟ ନିର୍ମାଣ, ଗୋଲାମୁଣ୍ଡା ବ୍ଲକ୍‌ର ସମସ୍ତ ଚାଷୀଙ୍କୁ ଇନ୍ଦ୍ରାବତୀ କେନାଲ୍ ମାଧ୍ୟମରେ ରବି ଚାଷ ପାଇଁ ଜଳଯୋଗାଣ, ଗୋଲାମୁଣ୍ଡା ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର, କର୍ମଚାରୀ ନିଯୁକ୍ତି, ଶୀତଳଭଣ୍ଡାର ଓ ଗୋଲାମୁଣ୍ଡା ଏମ୍‌ଏସ୍‌ଏମ୍‌ଇ ପାର୍କରେ ଶିଳ୍ପ ପ୍ରତିଷ୍ଠା କରି ଦଳିତ, ଆଦିବାସୀ ଯୁବକଯୁବତୀଙ୍କୁ ଚାକିରି ପ୍ରଦାନ ଇତ୍ୟାଦି ରହିଛି।

# ପ୍ରେମିକାଙ୍କ ପାଇଁ ଗଳା କାଟିଦେଲେ ପ୍ରେମିକ

**ଜି.ଉଦୟଗିରି, ନ୍ୟୁଜ୍‌ବ୍ୟୁରୋ**

କଳିଙ୍ଗା ପଞ୍ଚାୟତର ଡୁଗୁଡ଼ିପାରୀ ଗ୍ରାମରେ ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିଥିବା ଦେଖିବାକୁ ମିଳିଛି। ପ୍ରେମିକାଙ୍କ ନିଜ ଘରକୁ ନେବାକୁ ଆସି ବିଫଳ ହେବା ପରେ ପ୍ରେମିକ ଜଣକ ଏପରି କାଣ୍ଡ କରିଛନ୍ତି। ସୂଚନାନୁସାରେ, ଖଜୁରୀପଡ଼ାର ଶୁଭ୍ରାଂଶୁ ସାହୁ (୨୨) ନାମକ ଜଣେ ଯୁବକ ଡୁଗୁଡ଼ିପାରି ଗ୍ରାମର ଖୁସି ପ୍ରଧାନ(୨୧) ନାମକ ଜଣେ ଯୁବତୀ ସହ କଲେଜରେ ପାଠ ପଢ଼ା ସମୟରେ ଦେଖା ସାକ୍ଷାତ ପରେ ବନ୍ଧୁତା ତା'ପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ପରେ ଉଭୟ ପରିବାରର ଅଜଣାତରେ ଶୁଭ୍ରାଂଶୁ ବାହା ହୋଇ ଖୁସିକୁ ନିଜ ଘରକୁ ନେଇ ଯାଇଥିଲେ। କିନ୍ତୁ ଝିଅ ଅନ୍ୟ ଜାତିର କହି ପୁଅ ପରିବାର ଏହି ପ୍ରେମ ବିବାହକୁ ସ୍ୱୀକାର କରି ନ ଥିଲେ। ଖୁସି ସେଇ ଘରେ ମାନସିକ ନିର୍ଯାତନା ପାଇଥିବାରୁ ସେ ନିଜ ବାପଘରକୁ ଫେରି ଆସିଥିଲେ। କିଛି ଦିନ ପରେ ଶୁଭ୍ରାଂଶୁ ମଧ୍ୟ ଝିଅ ଘରେ ଆସି ରହୁଥିଲେ। ସକାଳେ ଝିଅ ଗାଧୋଇବା ପାଇଁ ନିକଟରେ ଥିବା ଚୁଆକୁ ଯାଇଥିବା ବେଳେ ଶୁଭ୍ରାଂଶୁ ମଧ୍ୟ ଖୁସି ପଛେ ପଛେ ଚୁଆକୁ ଯାଇ ନିଜ ଘର ଖଜୁରୀପଡ଼ା ଯିବାକୁ କହିଥିଲେ କିନ୍ତୁ ଖୁସି ଯିବା ପାଇଁ ମନା କରିଥିବାରୁ ଏକ ବ୍ଲେଡ୍ ସାହାଯ୍ୟରେ ନିଜ ଗଳା କାଟି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ଶୁଭ୍ରାଂଶୁ ତଳେ ପଡ଼ିଯିବା ଦେଖି ଖୁସି ମା' ବାପାଙ୍କୁ ଡାକି ପୋଲିସ ସହ ଯୋଗାଯୋଗ କରିଥିଲେ। ଖବର ପାଇ ମହିଳା ଇନ୍ସପେକ୍ଟର ରଞ୍ଜିତା ବେହେରା ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ପୋଲିସ ଗାଡ଼ିରେ ଜି.ଉଦୟଗିରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଯୁବକଙ୍କ ଗଳାରେ ୧୮ଟି ଷ୍ଟିଚ୍ ଲାଗିଥିବା କାର୍ଯ୍ୟରତ ଡାକ୍ତର କହିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସ୍ଥିତି ଗୁରୁତର ଦେଖି ଯୁବକଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଆଠଗଡ଼ର ବିଭିନ୍ନ ଶିକ୍ଷାନୁଷ୍ଠାନରେ ରାଧାନାଥ ଜୟନ୍ତୀ ପାଳିତ



**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**

ଆଠଗଡ଼ର ସର୍ବପୁରାତନ ପିଏମଶ୍ରୀ ବିଶ୍ୱନାଥ ବିଦ୍ୟାପୀଠରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ମହାନ ଜନସେବକ, ପ୍ରବୀଣ ସାମ୍ବାଦିକ ଓ ପୂର୍ବତନ ମନ୍ତ୍ରୀ ପଦ୍ମଭୂଷଣ ଡ.ରାଧାନାଥ ରଥଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସ୍କୁଲ ପରିସରରେ ପ୍ରତିଷ୍ଠିତ ଡ.ରଥଙ୍କ ପ୍ରତିମୂର୍ତ୍ତିରେ ପ୍ରଧାନଶିକ୍ଷୟତ୍ରୀ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟତ୍ରୀ କୁସୁମାଞ୍ଜଳି ଜେନା, ବରିଷ୍ଠ ଶିକ୍ଷକ ରମେଶ କୁମାର ସ୍ୱାଇଁ, କାଶୀନାଥ ସାହୁ, ମାଧବ ଚନ୍ଦ୍ର ନାୟକ ପ୍ରମୁଖ ଡ.ରଥଙ୍କ ତ୍ୟାଗପୁତ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଗୋପବନ୍ଧୁ ବିଜ୍ଞାନ କଲେଜରେ ମଧ୍ୟ ରାଧାନାଥ ରଥଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ.ଲୋକନାଥ ସାହୁ ଏଥିରେ ଯୋଗଦେଇ ଡ. ରଥଙ୍କ ଭଳି ନିସ୍ୱାର୍ଥପର ଦେଶସେବକ ବୋଲି ମତବ୍ୟକ୍ତ କରିଥିଲେ। ଆଠଗଡ଼ ଅଞ୍ଚଳର ପିଲାମାନଙ୍କୁ ଉଚ୍ଚଶିକ୍ଷାର ସୁଯୋଗ ଦେବା ପାଇଁ ରାଧାନାଥ ରଥ ଏହି କଲେଜ ସହିତ ଅନ୍ୟ ବହୁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ଅନ୍ୟ ଅଧ୍ୟାପକମାନେ ତାଙ୍କ ଅକ୍ଷୟ କିର୍ତ୍ତୀ ତାଙ୍କୁ ଚିର ଅମର କରି ରଖିବ ବୋଲି କହିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଲାଗି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

# ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଉଦ୍ୟାନ କୃଷି କୋଠା : ସବୁ ଜାଣି ପ୍ରଶାସନ ଚୁପ୍

**ଥୁଆମୂଳ ରାମପୁର, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ବିଭିନ୍ନ ଯୋଜନା ମଧ୍ୟରେ ଉଦ୍ୟାନ କୃଷି ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଉଦ୍ୟାନ କୃଷି ଯୋଗୁ ଅଧିକାଂଶ ଉଦ୍ୟାନ ଚାଷୀ ବର୍ତ୍ତମାନ ଉପକୃତ ହେଉଛନ୍ତି। ଏଥିରେ ଉଦ୍ୟାନ ଚାଷୀଙ୍କୁ ଆର୍ଥିକ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଉଦ୍ୟାନ କୃଷିକୁ ପ୍ରାଧାନ୍ୟ ମଧ୍ୟ ଦେଇ କୋଟି କୋଟି ଟଙ୍କାରେ ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି। ହେଲେ ସେ ଅନୁପାତରେ ବିଭିନ୍ନ ବ୍ଲକରେ ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ ନିଜସ୍ୱ ଗୃହ ଅଭାବ ସାଙ୍ଗକୁ ଏବେ ଶୋଚନୀୟ ଅବସ୍ଥାରେ ରହିଛି କିଛି ବ୍ଲକରେ ଅଫିସ୍। କାର୍ଯ୍ୟାଳୟ ନିର୍ମାଣ ହୋଇଛି ସତ କିନ୍ତୁ ତାକୁ କାର୍ଯ୍ୟକ୍ଷମ କରିବାରେ ବିଭାଗ ପକ୍ଷରୁ ଅବହେଳା କରାଯାଉଛି, ଯାହାଫଳରେ କର୍ମଚାରୀ ମାନେ ବିଭିନ୍ନ ସମୟରେ ନିଜ କର୍ତ୍ତବ୍ୟକୁ ଠକିବାରେ ବସିଛନ୍ତି। କିଛି ବ୍ଲକରେ କାର୍ଯ୍ୟାଳୟ ନିର୍ମାଣର କିଛି ବର୍ଷ ବିତିଯାଇଥିଲେ ସୁଦ୍ଧା ଉକ୍ତ କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରାଯାଇନାହିଁ। ଯାହା ଫଳରେ କୋଠାର ଅବସ୍ଥା ଧିରେ ଧିରେ ନଷ୍ଟ ହେବାକୁ ବସିଥିବା ବେଳେ ଏକ ପରିତ୍ୟକ୍ତ ଅବସ୍ଥାକୁ ଆସିଯିବା ସମ୍ଭାବନା ରହିଛି। ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ କୋଠା ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ଏପର୍ଯ୍ୟନ୍ତ କରାଯାଇ ପାରିଲା ନାହିଁ, ଏହାର ସୁଯୋଗ ନେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସେଠାରେ ରହୁ ନ ଥିବା ଦେଖାଯାଉଛି। ଉକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ନିୟମିତ ନ ରହିଲେ ଉଦ୍ୟାନ କୃଷି କିଭଳି ଚାଲିବ ସେନେଇ ଜନସାଧାରଣଙ୍କ ମଧ୍ୟରେ ଆଲୋଚନା ହେଉଥିବା ବେଳେ କର୍ମଚାରୀ ଯଦି ସେଠାରେ ନ ରହିବେ ତେବେ ଉଦ୍ୟାନ ଚାଷୀ କୌଣସି ପରାମର୍ଶ ପାଇବା ପାଇଁ ଗଲେ ତାହାରି ସୁବିଧା ମିଳୁ ନ ଥିବା ବିଷୟରେ ଅଭିଯୋଗ କରୁଥିବା ଜଣାପଡ଼ିଛି।

ଏଭଳି ସମସ୍ୟାର ଜର୍ଜରିତ ଏକ ବ୍ଲକ ରହିଛି ଯାହାକି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକଠାରେ ଏକ ଉଦ୍ୟାନ କୃଷି ପାଇଁ ଉପଯୁକ୍ତ ଅଞ୍ଚଳ ଭାବରେ ପରିଚିତ। ଏଠାରେ ପ୍ରାୟତଃ ଧାନ ଚାଷ କମ୍ ହେଉଥିବା ବେଳେ ଉଦ୍ୟାନ କୃଷି ଉପରେ ଅଧିକ ନିର୍ଭର କରୁଛନ୍ତି। ହେଲେ କର୍ମଚାରୀ ଅଭାବ ସାଙ୍ଗକୁ ସରକାରୀ ଉଦ୍ୟାନ କୃଷି କାର୍ଯ୍ୟାଳୟ ନିର୍ମାଣର ପ୍ରାୟ ୩/୪ ବର୍ଷ ହେଲାଣି ତଥାପି ସେହି ନୂତନ କାର୍ଯ୍ୟାଳୟ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରାଯାଇ ପାରିନାହିଁ। ଏମିତି କି ଏହି କାର୍ଯ୍ୟାଳୟ କିଛି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିବା ସହ ଏଣେ ତେଣେ ମଦ ବୋତଲ ସହ ଅପରିଷ୍କାରରେ ପରିପୂର୍ଣ୍ଣ ହୋଇଛି କାର୍ଯ୍ୟାଳୟ। ଏହା ଦ୍ୱାରା ଅଞ୍ଚଳର ଉଦ୍ୟାନ କୃଷି ହିତାଧିକାରୀ ପ୍ରଭାବିତ ହୋଉଥିବା ଜଣାପଡ଼ିଛି। ଏଦିଗରେ ସ୍ଥାନୀୟ ଜନ ପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀ କୌଣସି ପ୍ରକାରରେ ଏହାର ସମାଧାନ କରିବାରେ ଚେଷ୍ଟା କରୁ ନଥିବା ଉଦ୍‌ବେଗ ଜନକ ପରିସ୍ଥିତି ହୋଇଛି। ତେବେ ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀ ଓ ରାଜନୈତିକ ଦଳର କର୍ମକର୍ତ୍ତା ଉକ୍ତ କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରି ବ୍ଲକର ଉଦ୍ୟାନ କୃଷି ଓ କୃଷକମାନଙ୍କ ଉନ୍ନତି ପ୍ରତି ଧ୍ୟାନ ଦେବେ ବୋଲି ଅଞ୍ଚଳରେ ଆଲୋଚନା ହେଉଛି। ଏନେଇ ବ୍ଲକ ଉଦ୍ୟାନ ଅଧିକାରିଣୀ ସୌମ୍ୟ ସେହେତାଙ୍କୁ ବହୁବାର ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ପାରିନାହିଁ।

ଫଳରେ ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀ ବନଦୁର୍ଗା ହରିଜନଙ୍କୁ ପଚାରିବାରୁ ଆମ କାର୍ଯ୍ୟାଳୟରେ ବିଦ୍ୟୁତ୍ ଏବଂ ପାଣିର ସମସ୍ୟା ରହିଛି, ଆମ ଉଚ୍ଚ ଅଧିକାରୀଙ୍କୁ ଜଣାଉଛୁ ସେମାନେ କାର୍ଯ୍ୟାଳୟ କୋଠା ଆସି ଦେଖି କି ଯାଇଛନ୍ତି ଏବଂ ବିଦ୍ୟୁତ୍ ସଂଯୋଗ ପାଇଁ ମଧ୍ୟ ବିଭାଗକୁ ଚିଠି କରିଛୁ ବୋଲି କହିଥିବା ବେଳେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଶୁଭଜିତ୍ ଜେନାଙ୍କୁ ପଚାରିବାରୁ ନା ସେଭଳି କିଛି ଚିଠି କିମ୍ବା ଉଦ୍ୟାନ ବିଭାଗରେ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଅନ୍ୟ ଆବେଦନ ମଧ୍ୟ ଆସିନାହିଁ ବୋଲି କହିଛନ୍ତି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଡିସେମ୍ବର ୨୦୨୫ ବୁଧବାର





# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ମହାପରିନିର୍ବାଣ ଦିବସ ପାଳନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ଏହାର ମୁଖ୍ୟାଳୟ ଖୋର୍ଦ୍ଧା ରୋଡ୍, ଜଟଣୀ ଠାରେ ଭାରତ ରତ୍ନ ବାବା ସାହେବ ଡ଼. ଭୀମରାଓ ରାମଜୀ ଆମ୍ବେଦକରଙ୍କର ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଅଛି । ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସ୍ୱର୍ଗତ ବାବା ସାହେବ ଡ଼. ବି.ଆର.ଆମ୍ବେଦକରଙ୍କୁ ପୁଷ୍ପମାଲ୍ୟ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଶ୍ରୀ ଶୁଭ୍ରଜ୍ୟୋତି ମଣ୍ଡଳ, ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମାନେ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରେଳମଣ୍ଡଳର ମଣ୍ଡଳ କାର୍ମିକ ଅଧିକାରୀ ଶ୍ରୀ ପ୍ରମୋଦ କୁମାର ବେହେରା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବିଭିନ୍ନ ଷ୍ଟେସନ ଓ କାର୍ଯ୍ୟାଳୟ ମାନଙ୍କରେ ଅଧିକାରୀ ଓ କର୍ମଚାରୀ ମାନେ ମହାପରିନିର୍ବାଣ ଦିବସ ପାଳନ କରିବା ଅବସରରେ ବାବା ସାହେବଙ୍କ ଫୋଟୋ ଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।



## ଶିଶୁପୁତ୍ରକୁ ହସ୍ତାନ୍ତର ପାଇଁ ଅଜାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ଜନ୍ମ ସାର୍ଟିଫିକେଟ ଦାଖଲ ନ ହେବା ଯୋଗୁ ଜିମାରୁ ବଞ୍ଚିତ ହେବେନି ବାପା

**କଟକ, ନ୍ୟୁଜ ବ୍ୟୁରୋ**

ନିଜ ପିତୃତ୍ୱ ପ୍ରମାଣ ପାଇଁ ଜନ୍ମ ସାର୍ଟିଫିକେଟ ଦାଖଲ କରି ନ ପାରିବା କାରଣରୁ ବାପାଙ୍କୁ ଶିଶୁପୁତ୍ରର ଜିମାରୁ ବଞ୍ଚିତ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି । ପତ୍ନୀଙ୍କ ମୃତ୍ୟୁ ସାର୍ଟିଫିକେଟ ଓ ଶିଶୁପୁତ୍ରର ଜନ୍ମ ସାର୍ଟିଫିକେଟ ଦାଖଲ କରିବାରେ ବିଫଳ ହେବାରୁ ସନ୍ତାନର ଜିମା ପାଇବା ପାଇଁ ବାପା ଦାଏର କରିଥିବା ଆବେଦନକୁ ଖାରଜ କରି ଭଦ୍ରକ ପରିବାର ଅଦାଲତ ୨୦୨୨, ଜୁଲାଇ ୭ରେ ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ ଖାରଜ କରିଛନ୍ତି । ପରିବାର ଅଦାଲତରେ ଆବେଦନକାରୀଙ୍କ ଶ୍ୱଶୁର ଦାଖଲ କରିଥିବା ଜବାବରୁ ଶିଶୁପୁତ୍ରର ସେ ବାପା ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଥିଲା । ପରିବାର ଅଦାଲତ ଏହି ତଥ୍ୟକୁ ବିଚାରକୁ ନ ନେଇ ତଥା ଜନ୍ମ ସାର୍ଟିଫିକେଟ ଦାଖଲ କରାଯାଇ ନଥିବା କାରଣରୁ ଆବେଦନକାରୀଙ୍କ ଦରଖାସ୍ତକୁ ଖାରଜ କରିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ମତ ଦେବା ସହିତ ଏହାକୁ ଖାରଜ କରିଛନ୍ତି । ଏଥି ସହିତ ଆବେଦନକାରୀଙ୍କୁ ଶିଶୁପୁତ୍ରର ଜିମା ହସ୍ତାନ୍ତର କରିବାକୁ ଶିଶୁର ଅଜାଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ଘରେ ଶିଶୁକୁ ଅଜା ଯେତେବେଳେ ଚାହିଁବେ ଭେଟି ପାରିବେ । ଏଥି ପାଇଁ ଅଜା ତାରିଖ ଓ ସମୟ ସଂପର୍କରେ ଆବେଦନକାରୀଙ୍କୁ ଆଗୁଆ ସୂଚନା ଦେବେ ବୋଲି ହାଇକୋର୍ଟ କହିଛନ୍ତି । ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ କରାଯାଇଛି ଯେ ଯଦି ଆବେଦନକାରୀଙ୍କୁ ଶିଶୁର ଜିମା ପ୍ରଦାନ କରା ନ ଯାଏ ତେବେ ଉଭୟ ବାପା-ପୁଅ ପରସ୍ପରର ସ୍ନେହ ମମତାରୁ ବଞ୍ଚିତ ହେବେ । ମା'ଙ୍କ ମୃତ୍ୟୁ ହେବା ବେଳେ ଶିଶୁଟି ଅତି ଛୋଟ ଥିଲା ଓ ଏବେ ତାକୁ ସାଢେ ୫ବର୍ଷ ବୟସ । ଏଭଳି ସ୍ଥିତିରେ ଶିଶୁର ପସନ୍ଦ ଆକଳନ କରାଯାଇ ପାରିବ ନାହିଁ । ଅଜାଙ୍କୁ ଶିଶୁର ଜିମା ତାର ବାପାଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଉଛି ବୋଲି ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ କରାଯାଇଛି । ଜଷ୍ଟିସ ସଂଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ମାମଲାର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି ।ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀଙ୍କ ବିବାହ ୨୦୧୯ରେ ହୋଇଥିଲା । ପତ୍ନୀ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ପତ୍ନୀ ଶିଶୁ ସହିତ ବାପଘରେ ଥିବା ବେଳେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିଲା । ସେହିଦିନଠାରୁ ଶିଶୁପୁତ୍ର ତାର ଅଜାଙ୍କ ଘରେ ରହୁଥିଲା । ପୁଅର ଜିମା ପାଇଁ ଆବେଦନକାରୀ ୨୦୨୧ରେ ଭଦ୍ରକ ପରିବାର ଅଦାଲତରେ ମାମଲା ଦାୟର କରିଥିଲେ । ମାମଲାରେ ଅଜା ଦାଖଲ କରିଥିବା ଜବାବରେ ଆବେଦନକାରୀଙ୍କ ବିବାହ ଓ ଶିଶୁପୁତ୍ରର ଜନ୍ମ ପ୍ରସଂଗ ସ୍ୱୀକାର କରାଯାଇଥିଲା । କିନ୍ତୁ ଆବେଦନକାରୀ ପତ୍ନୀଙ୍କ ମୃତ୍ୟୁ ସାର୍ଟିଫିକେଟ ଓ ପୁଅର ଜନ୍ମ ସାର୍ଟିଫିକେଟ ଉପସ୍ଥାପନ କରିବାରେ ବିଫଳ ହୋଇଥିଲେ । ଏହାପରେ ପରିବାର ଅଦାଲତ ଆବେଦନକାରୀଙ୍କ ଦରଖାସ୍ତକୁ ୨୦୨୨, ଜୁଲାଇ ୭ରେ ଖାରଜ କରିଥିଲେ । ଏହି ଆଦେଶକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ଛତିଶଗଡ଼ ଧାନ ଗାଡି ରୋକିଲେ ରାଇଘର ବେପାରୀ

**ରାଇଘର, ନ୍ୟୁଜ ବ୍ୟୁରୋ**

ଛତିଶଗଡ଼କୁ ଚାଲାଣ ହେଉଥିବା ଧାନ ଗାଡି କୁ ଅଟକାଇ ଯୋଗାଣ ଅଧିକାରୀଙ୍କୁ ହସ୍ତାନ୍ତର କରିଛନ୍ତି ରାଇଘର ଅଂଚଳର ବ୍ୟବସାୟୀ ।ସନ୍ଧ୍ୟା ସମୟରେ ଏକ ଟ୍ରକ ଯୋଗେ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ କରି ଜଣେ ଛତିଶଗଡ଼ ବ୍ୟବସାୟୀ ଧାନ ନେଉଥିବାବେଳେ ସ୍ଥାନୀୟ ବ୍ୟବସାୟୀ ଗାଡିକୁ ଧରି ରାଇଘର ସ୍ଥିତ ମଣ୍ଡି ହେଉଥିବା ସ୍ଥାନକୁ ଆଣି ଯୋଗାଣ ବିଭାଗକୁ ଏବଂ ପୋଲିସକୁ ଖବର କରିବା ପରେ ଘଟଣା ସ୍ଥଳରେ ଯୋଗାଣ ବିଭାଗ କର୍ମଚାରୀ ଓ ପୋଲିସ ଏ ଏସ ଆଇ କୌଶିକ ସାହୁ ପହଞ୍ଚିଥିଲେ । ଘଟଣା ସ୍ଥଳରେ ଯୋଗାଣ ବିଭାଗ ଅଧିକାରୀ ଦେବଧର ଧୁରୁଆ ଅନ୍ୟତ୍ର କାମରେ ବ୍ୟସ୍ତ ଥିବାରୁ ଏ ଏସ ଆଇ ଶ୍ରୀ ସାହୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ । ଯୋଗାଣ ଅଧିକାରୀଙ୍କ କହିବା ଅନୁସାରେ ଟ୍ରକ ଗାଡିରେ ଥିବା ୬୦୦ବସ୍ତା ଧାନ ରାଇଘର ସ୍ଥିତ ଧାନ ମିଲକୁ ନେବାପାଇଁ କହିଥିଲେ । ସକାଳେ ଏହାର କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହିଥିଲେ ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ । ମଣ୍ଡି ଖୋଲିବା ବିଳମ୍ବ ହେବାରୁ ବ୍ୟବସାୟୀ ଅଳ୍ପଦରରେ ଧାନ କିଣି ଛତିଶଗଡ଼ କୁ ଚାଲାଣ କରୁଥିବା ଜଣା ପଡିଛି । ଅନେକ ଦିନ ହେଲାଣି ରାଇଘର ଅଞ୍ଚଳରୁ ଧାନ ଚୋରା ଚାଲାଣ ହେଉଥିବା ଜଣାପଡିଛି ।



# କୃଷି ବିଭାଗର ସମସ୍ତ ଯୋଜନା ଯୋଗ୍ୟ କୃଷକଙ୍କ ପାଖରେ ପହଞ୍ଚୁ

**ବରଗଡ, ନ୍ୟୁଜ ବ୍ୟୁରୋ**

ବରଗଡ଼ରେ ଜିଲ୍ଲା ସ୍ତରୀୟ କୃଷି ଯାନ୍ତ୍ରପାତି ମେଳାର ତୃତୀୟ ଦିନରେ ମୁଖ୍ୟ ଅତିଥି ଭାବେ ବିଧାୟକ ବରଗଡ଼, ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟକ ଭଟଳି ଇରାସିସ୍ ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ ।ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଲୋଚନ ଚନ୍ଦ୍ର ମାଝୀ ସ୍ୱାଗତ ଅଭିବାଦନ ମାଧ୍ୟମରେ କହିଥିଲେ ଯେ କୃଷି ବିଭାଗର ସମସ୍ତ ଯୋଜନା ଯୋଗ୍ୟ କୃଷକଙ୍କ ପାଖକୁ ଠିକ୍ ସମୟରେ ପହଞ୍ଚିବା ପାଇଁ କୃଷକ ଓ ଅଧିକାରୀମାନଙ୍କ ସହଯୋଗ ଆବଶ୍ୟକ । ସେ ସମସ୍ତଙ୍କୁ ସକାରାତ୍ମକ ଭାବେ ଓ ସମର୍ପିତ ଭାବରେ କାମ କରିବାକୁ ଅନୁରୋଧ କରିଥିଲେ ।

ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ନିଜ ଭାଷଣରେ ଉଲ୍ଲେଖ କରିଥିଲେ ଯେ, ଗତ ୨୦୨୪-୨୫ ବର୍ଷରେ ବରଗଡ଼ ଜିଲ୍ଲାର ଯେଉଁ ଚାଷୀମାନଙ୍କର ଫାର୍ମ ମେକାନଯେସନ ଓ ଏମ୍‌କେୟୁୱାଇ ଯୋଜନାର ସବସିଡି ଅପେକ୍ଷାରେ ରହିଥିଲା, ସେଗୁଡିକ ମୁକ୍ତି ପାଇଁ ଜିଲ୍ଲା ପ୍ରଶାସନ, ନିର୍ଦ୍ଦେଶକ ଓ ସେକ୍ରେଟେରୀ ଓ ଏପିଆଇସିଓଏଲ୍ ସହ ନିରନ୍ତର ଅନୁସରଣ କରିଛି । ତାର ପରିଣତିରେ, ଅଧିକାଂଶ ବକେୟା ସବସିଡି ଚାଷୀମାନଙ୍କ ପାଖରେ ପହଁଚିଛି ।

ଚଳିତ ବର୍ଷରେ କୃଷି ଯନ୍ତ୍ରପାତି ମେଳା ପାଇଁ କୌଣସି ଟାର୍ଗେଟ ନଥିଲା । କିନ୍ତୁ ପ୍ରିନ୍ସିପାଲ୍ ସେକ୍ରେଟାରୀ ଓ କୃଷି ନିର୍ଦ୍ଦେଶକଙ୍କୁ କହି, ୯୬୩ଟି ଟାର୍ଗେଟ ଆଣାଯାଇଛି । ଆବଶ୍ୟକତା ପଡିଲେ, ଆମ ଜିଲ୍ଲା ପାଇଁ ଅଧିକ ଟାର୍ଗେଟ ମଧ୍ୟ ସେ ନେଇଆସିବେ ବୋଲି ବିଧାକଙ୍କ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ନିଜ ଅଭିଭାଷଣରେ କହିଥିଲେ ।

ଚାଷୀ ଭାଇମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସବୁବେଳେ ସକାରାତ୍ମକ ଭାବଧାରା ନେଇ ଆଗକୁ ଆସିଲେ, ନିଶ୍ଚୟ ସମାଧାନ ମିଳିପାରିବ । ନକାରାତ୍ମକ ଉଦ୍ଦେଶ୍ୟ ନେଇ ଅଜଥା ଆନ୍ଦୋଳନ କଲେ, କେବଳ ଅସନ୍ତୋଷ ପରିସ୍ଥିତି ଉତ୍ପନ୍ନ ହୋଇଥାଏ ବୋଲି ସେ ଚାଷୀମାନଙ୍କୁ ସନ୍ଦେଶ ଦେଇଥିଲେ ।ଚାଷୀମାନଙ୍କ ପାଇଁ ଠିକ୍ ସେବା ଦେବା ଓ ସକାରାତ୍ମକ ଦୃଷ୍ଟିକୋଣ ସହିତ କାମ କରିବାକୁ ସେ ସମସ୍ତ କୃଷି କର୍ମଚାରୀଙ୍କୁ ଆହ୍ୱାନ କରିଥିଲେ ।

ଜିଲ୍ଲା ସ୍ତରୀୟ କୃଷି ଯାନ୍ତ୍ରପାତି ମେଳାରେ ସମ୍ମାନିତ ଅତିଥି ବିଧାୟକ ଭଟଲି ଇରାସିସ ଆଚାର୍ଯ୍ୟ, ଚାଷୀଭାଇ ମାନଙ୍କ ସମ୍ମୁଖରେ କହିଛନ୍ତି ଯେ, କୃଷି ଯାନ୍ତ୍ରପାତି ବ୍ୟବହାର ଚାଷୀଙ୍କ ଋଣକୁ ସହଜ କରିବା ସହିତ ନିଜ ଆୟକୁ ଦୁଇ ଗୁଣିତ କରିବାରେ ସାହାଯ୍ୟକାରୀ ହେବ । ସେ ଉଲ୍ଲେଖ କରିଛନ୍ତି ଯେ, ଆଧୁନିକ ଯନ୍ତ୍ର ଓ କୃଷି ପ୍ରଯୁକ୍ତି ଚାଷୀମାନଙ୍କ କାର୍ଯ୍ୟକୁ ସୁନ୍ଦର, ସୁଲଭ ଏବଂ ଉତ୍ପାଦନଶୀଳ କରିପାରିବ । ଶ୍ରୀ ଆଚାର୍ଯ୍ୟ ଏହା ସହିତ ସରକାର ଓ ବିଭିନ୍ନ କୃଷି ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ସହାୟତା କରାଯାଉଛି, ଯାହା ତାଙ୍କର ଜୀବନ ଏବଂ ଆୟକୁ ସୁଧାରିବ ବୋଲି କହିଛନ୍ତି ।

ସେ ଚାଷୀମାନଙ୍କୁ ଅନୁରୋଧ କରିଛନ୍ତି ଯେ ଏହି ମେଳାରେ ଦେଖାଯାଉଥିବା ଯନ୍ତ୍ର ଓ ପ୍ରଯୁକ୍ତିକୁ ଅନୁସରଣ କରି ନିଜ କୃଷିକୁ ଆଧୁନିକ ଏବଂ ଉତ୍ପାଦନଶୀଳ କରନ୍ତୁ ।

ଜିଲ୍ଲା ସ୍ତରୀୟ କୃଷି ଯାନ୍ତ୍ରପାତି ମେଳାର ତୃତୀୟ ଦିନରେ କୃଷକମାନଙ୍କ ସଫଳତାକୁ ନେଇ କିଛି କୃଷକଙ୍କୁ ସମ୍ମାନିତ କରାଯାଇଛି । ଗୁଣନିଧି ମୁନା (ସୋହେଲା ବ୍ଲକ), ଗୁଣନିଧି ପାଣ୍ଡେ (ବରପାଲି ବ୍ଲକ), ସୁରେଶ୍ୱରୀ ମଟାରୀ (ବରପାଲି ବ୍ଲକ), ସାମନ୍ତ ମାଝୀ (ଭଟଲି ବ୍ଲକ), ସୌଦାମିନୀ ସାହୁ (ବରଗଡ଼ ବ୍ଲକ), ଅହଲ୍ୟା ସା (ବରଗଡ଼ ବ୍ଲକ) ଆଦି ଚାଷୀ ଭାଇ ଓ ଭଉଣୀମାନେ ନିଜର କୃଷି କ୍ଷେତ୍ରରେ ନିଜ ସଫଳତା ପାଇଁ ବିଧାୟକ ବରଗଡ଼ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ ।

ଏହା ସହିତ ଗିର୍ଧର ଅଗ୍ରୱାଲ (ବରଗଡ଼ ବ୍ଲକ), ପି କେ ନିଳୀମା (ଭେଡେନ ବ୍ଲକ), ମନିଶ କୁ ଅଗ୍ରୱାଲ (ଭଟଲି ବ୍ଲକ) ତିନି ଜଣଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମ୍‌କେୟୁୱାଇ) ଏବଂ ସରୋଜ କୁମାର ମହାପାତ୍ର ଓ ରଞ୍ଜିତା ସାହୁଙ୍କୁ (ବରଗଡ଼ ବ୍ଲକ) ଏମ୍‌ଆଇଡିଏଚ୍ ଯୋଜନା ଅନ୍ତର୍ଗତ "ଗୋ ଆହେଡ୍" ବା କାର୍ଯ୍ୟାଦେଶ ଚିଠି ପ୍ରଦାନ କରାଯାଇଛି, ଯାହା ତାଙ୍କୁ ନୂତନ କୃଷି ପ୍ରକଳ୍ପ ଆରମ୍ଭ କରିବାରେ ସାହାଯ୍ୟ କରିବ ।

# ବରଗଡ଼ରେ ଶୀତର ପ୍ରକୋପ ବୃଦ୍ଧି
## ରାତ୍ରି ଯାପନ ଆଶ୍ରୟ ସ୍ଥଳି ଦାବି

**ବରଗଡ଼, ନ୍ୟୁଜ ବ୍ୟୁରୋ**

ଶୀତର ପ୍ରକୋପ ବଢ଼ିବାରେ ଲାଗି ଥିବା ବେଳେ ବରଗଡ଼ରେ ରାତ୍ରି ଯାପନ ଆଶ୍ରୟ ସ୍ଥଳୀ ପାଇଁ ଆମ୍ ଆଦମୀ ପାର୍ଟି ଦାବୀ କରିଛି । ସୋମବାର ଏହି ସମ୍ବନ୍ଧରେ ଜିଲ୍ଲାପାଳ ଙ୍କୁ ଦାବୀ ପତ୍ର ଦେବା ସହ କାହିଁକି ଏହାର ଆବଶ୍ୟକତା ରହିଛି ସେ ବିଷୟରେ ଆଲୋଚନା କରିଛି । ବରଗଡ ସହର ରେ ଗରିବ, ବେସାହାରା ଲୋକଙ୍କ ପାଇଁ ରାତ୍ରି ଆଶ୍ରୟ ସ୍ଥଳିର କୌଣସି ବ୍ୟବସ୍ଥା ନାହିଁ, ଲୋକମାନେ ବହୁତ ହଇରାଣ ହେଉ ଥିବାର ନଜିର ରହିଛି, ଆଗକୁ ବିଶ୍ୱ ପ୍ରସିଦ୍ଧ ଧନୁ ଯାତ୍ରା ସମୟରେ ବରଗଡରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେବ ତେଣୁ ଏହି ଜାଡ ଥଣ୍ଡାରେ ମୁଣ୍ଡ ଗୁଞ୍ଜିବା ପାଇଁ ପ୍ରଶାସନିକ ସ୍ତର ରେ ଅସ୍ଥାୟୀ ଭାବେ ଗୋଟିଏ କିମ୍ବା ଦୁଇଟି ରାତ୍ରି ଯାପନ ଆଶ୍ରୟ ସ୍ଥଳି ବ୍ୟବସ୍ଥା କରିବାକୁ ଆମ୍ ଆଦମୀ ପାର୍ଟି ଦାବି କରିଛି । ଏହା ଏକ ମହତ କାର୍ଯ୍ୟ ହୋଇଥିବାରୁ ସରକାର ଧ୍ୟାନ ପୂର୍ବକ ଏହାକୁ କାର୍ଯ୍ୟକାରୀ କରୁ ବୋଲି ରାଜ୍ୟ ସମ୍ପାଦକ ଭବାନୀ ସାହୁ କହିଛନ୍ତି । ଆପ୍‌ର ପ୍ରତିନିଧି ଦଳ ଯାଇ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଏହି ଦାବି ପତ୍ର ଦେଇଛନ୍ତି । ନାରୀ ନେତ୍ରୀ ମାରିୟମ ବାର୍ଲା, ଅସିତ ସାହୁ, ମିଲୁ ନାଗ, ଲକ୍ଷପତି ନନ୍ଦ ଉପସ୍ଥିତ ଥିଲେ ।



## ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଯାଜପୁର ଜିଲ୍ଲା ଗସ୍ତ

# କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ ପ୍ରକଳ୍ପର କଲେ ସମୀକ୍ଷା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଯାଜପୁର ଜିଲ୍ଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି । ଶ୍ରୀ ମିଶ୍ର ପ୍ରଥମେ ପ୍ରସ୍ତାବିତ ଗୋପାଳପୁର ହସ୍ତତନ୍ତ ଗ୍ରାମ ଏବଂ ହସ୍ତତନ୍ତ ସମବାୟ ପରିଦର୍ଶନ କରି ବୁଣାକାରମାନଙ୍କ ସ୍ଥିତି ବିଷୟରେ ତଦାରଖ କରିଥିଲେ । ଏହା ପରେ ସଠିପୁର କମ୍ପ୍ଲେକ୍ସ, ସାଇନ୍ସ ପାର୍କ ପ୍ରକଳ୍ପ ବୁଲି ଦେଖିଥିଲେ ଏବଂ ପର୍ଯ୍ୟଟନ ଦୃଷ୍ଟିରୁ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଚାନ୍ଦମା ସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର ଏବଂ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ । ଦାନଗଦି ଓ ସୁକିନ୍ଦା ଅଞ୍ଚଳରେ କିଡ୍‌ନୀ ରୋଗୀଙ୍କ ପାଇଁ ପ୍ରସ୍ତାବିତ ଡାୟଲିସିସ କେନ୍ଦ୍ର ଏବଂ କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଆ ଗୃହ ଓ ଏନଆରସି କେନ୍ଦ୍ର ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହାସହ ଓଡ଼ିଶାର ୧୩ଟି ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ଗୋଷ୍ଠୀଙ୍କ ମଧ୍ୟରୁ ଅନ୍ୟତମ ମାଙ୍କିଡ଼ିଆ ଜନଜାତି ଗୋଷ୍ଠୀଙ୍କ ସହ ଆଲୋଚନା କରି ବିଭିନ୍ନ କଥା ପଚାରି ବୁଝିଥିଲେ । ପରେ ବ୍ୟାସନଗର ସ୍ଥିତ ଟାଉନ୍ ହଲରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରମୁଖ ଶାସନ ସଚିବଙ୍କ ସହ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଏବଂ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସମୀକ୍ଷା ବୈଠକରେ ଶ୍ରୀ ମିଶ୍ର କହିଥିଲେ ଯେ ଓଡ଼ିଶା ଏବେ ବିକାଶ ପଥରେ ଆଗେଇ ଚାଲିଛି, ଯେଉଁଥିରେ ଯାଜପୁର ଭଳି ଐତିହ୍ୟ ସମୃଦ୍ଧ ଜିଲ୍ଲାର ମଧ୍ୟ ଏକ ବଡ଼ ଯୋଗଦାନ ରହିଛି । ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ ଯାଜପୁରର ବୌଦ୍ଧକୀର୍ତ୍ତି ଏବଂ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦେଇଥିଲେ । ଏହାସହ ସମାଜର ସବୁଠୁ ଦୁର୍ବଳ ଶ୍ରେଣୀ ନିକଟରେ ଯେମିତି ସରକାରୀ ଯୋଜନା ଏବଂ ସୁବିଧା ପହଞ୍ଚିପାରିବ, ସେ ଦିଗରେ ସମସ୍ତେ ମିଳିତ ପ୍ରୟାସ କରିବା ପାଇଁ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରମୁଖ ଶାସନ ସଚିବ ଶ୍ରୀ ମିଶ୍ରଙ୍କ ଦିଗଦର୍ଶନ ଅନୁଯାୟୀ ଯାଜପୁର ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ସୁଚାରୁ ରୂପେ କାର୍ଯ୍ୟକ୍ଷମ କରିବା ସହ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଅମ୍ବର କୁମାର କର କହିଥିଲେ ।



## ଯୁବ ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ରେଢାଖୋଲ ଅଞ୍ଚଳର ଯୁବ ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଖବରରେ ଗଭୀର ଶୋକପ୍ରକାଶ କରିଛନ୍ତି । ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ଜରିଆରେ ଦେଇଥିବା ଶୋକବାର୍ତ୍ତାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଯୁବ ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ଅକାଳ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ସେ ଜଣେ ଦକ୍ଷ, ସାହସୀ ଏବଂ ନିଷ୍ଠାପର ସାମ୍ବାଦିକ ଥିଲେ । ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି । ଶ୍ରୀ ପ୍ରଧାନ ଏହି ଦୁଃଖଦ ସମୟରେ ମା' ସମଲେଇ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି କାମନା କରିଛନ୍ତି ।

# ୧୧ ଅଭିଯୋଗର ତତ୍କାଳ ସମାଧାନ କଲେ ଜିଲ୍ଲାପାଳ ଓ ଏସ୍‌ପି

**ବାଲେଶ୍ୱର, ନ୍ୟୁଜ**

ସୋର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସୋର ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୧୯ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୧୧ ଗୋଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୦୬ ଗୋଟି ସାମୁହିକ ଅଭିଯୋଗ ଉପସ୍ଥାପନ କରିଥିଲେ ଏବଂ ୦୨ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୧ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରା, ଉପ ଜିଲ୍ଲାପାଳ ବାଲେଶ୍ୱର ଶିବ ମାଲବ୍ୟଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ।



# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୦।୧୨।୨୦୨୫, ମାର୍ଗଶିର ଦି୨୫ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୬।୧୦।୩୬ ଚନ୍ଦ୍ରୋଦୟ-ରାଘ୧୦।୪୩।୧୦**

**ଷଷ୍ଠୀ-** ଦିଘ୧।୪୭ପର୍ଯ୍ୟନ୍ତ । **ମଘାନକ୍ଷତ୍ର-** ରାଘ ୨।୪୫ ପର୍ଯ୍ୟନ୍ତ **ସିଂହଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶୀର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ୧।୪୭ପରେ ନଡିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୫ ଗତେ ଘ ୮।୨୪ ମଧ୍ୟେ । ଦିଘ ୧।୨୮ ଗତେ ଘ ୩।୩୮ ମଧ୍ୟେ । **ପର୍ବୋତ୍ସବ-**ବିଶ୍ୱମାନବାଧିକାର ଦିବସ ।



**ମେଷ:** କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ । ଏଣୁ ତେଣୁ ମନ ଭିତରେ ନାନା ଦୁଶ୍ଚିନ୍ତା ଆସିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଶାନ୍ତି ଲାଭ । ଦୂରଯାତ୍ରା ମଧ୍ୟ କରିପାରନ୍ତି । ଶୁଭ ଖବର ପ୍ରାପ୍ତି ।



**ବୃଷ:** କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ । ଆବଶ୍ୟକତା ଠାରୁ ଆୟ ବୃଦ୍ଧି । କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବାକୁ ପଡିବ । ଘରୋଇ କଳହକୁ ନେଇ ଅଶାନ୍ତି ଲାଗି ରହିବ ।



**ମିଥୁନ:** କର୍ମକ୍ଷେତ୍ରରେ ଉତ୍ସାହ ବଢିବ,ତା ସହିତ ସଫଳତା ହାସଲ ହେବ । କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ ।ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ।



**କର୍କଟ:** ଅଟକି ରହିଥିବା କାମଟି ପୂରଣ ହେବ । ଆୟ ଠାରୁ ବ୍ୟୟର ମାତ୍ରା ବଢିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ । ଉତ୍ତମ ଭୋଜନରେ ଆପାୟିତ ହେବାର ସୂଚନା ।



**ସିଂହ:** କର୍ମକ୍ଷେତ୍ରରେ ସମସ୍ତ କାର୍ଯ୍ୟ ବିଳମ୍ବ ହେବ । ଆର୍ଥିକ ସ୍ଥିତି ସ୍ଥିର ରହିବ । ପରିବାରରେ ପିଲାଙ୍କ ନିମନ୍ତେ ସାମାନ୍ୟ ଚିନ୍ତିତ ହୋଇପାରନ୍ତି । ଶତ୍ରୁଙ୍କ ଠାରୁ ସତର୍କ ରହିବେ ।



**କନ୍ୟା:** ବ୍ୟବସାୟରେ କ୍ଷତି ହୋଇପାରେ । ଶାରୀରିକ ଅସୁସ୍ଥତା ଦେଖାଦେବ । ଘରେ ଅଶାନ୍ତି ଓ କଳହ ଦେଖାଦେବ । ଖର୍ଚ୍ଚର ପରିମାଣ ଅଧିକ ହେବ । ମାନସିକ ଦୁଶ୍ଚିନ୍ତା ଦେଖାଦେବ ।



**ତୁଳା:** ବ୍ୟବସାୟରେ ଲାଭବାନ ହେବେ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁ ଦର୍ଶନ ସହିତ ସାହାଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ । ଆୟରେ ଉନ୍ନତି ।



**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି । ଘରେ ସୁଖ ଶାନ୍ତି ରହିବ । ଉତ୍ତମ ଭୋଜନ କରିପାରନ୍ତି । ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।



**ଧନୁ:** ହଠାତ୍ କୌଣସି ଖବର ପାଇ ଆନନ୍ଦିତ ହେବେ । ଦେବ ଦର୍ଶନ ସହିତ ଧର୍ମକାର୍ଯ୍ୟରେ ମନ ଦେବେ । ପାରିବାରିକ ଜୀବନ ଶାନ୍ତିମୟ ହେବ । ରୋଜଗାର ଭଲ ହେବ ।



**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବା ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରେ ଦୁଶ୍ଚିନ୍ତା ଦେଖାଦେବ । ମନ ଅସ୍ଥିର ରହିବ ।



**କୁମ୍ଭ:**ଉତ୍ତମ ଭୋଜନ କରିପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଦାମ୍ପତ୍ୟ ଜୀବନ ସୁଖ ମଧୁରମୟ ହେବା ଆୟରେ ଉନ୍ନତି ଦେଖାଦେବ । ଦେହ ଭଲ ରହିବ ।



**ମୀନ:**ନିଜର ଲୋକ ଶତ୍ରୁତା ଆଚରଣ କରିବେ । ଅତ୍ୟଧିକ ପରିଶ୍ରମ ଯୋଗୁଁ କ୍ଳାନ୍ତି ଅନୁଭବ କରିବେ । କର୍ମକ୍ଷେତ୍ରରେ ବିଚଳିତ ରହିବେ । ରୋଜଗାରରେ ବାଧା ଆସିପାରେ । ସ୍ୱାଧୀନତା ରହିବ ନାହିଁ ।

# ଆଗାମୀ କାଲିର ପଞ୍ଜିକା

ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

ତା୧୧।୧୨।୨୦୨୫, ମାର୍ଗଶିର ଦି୨୬ନ, ଗୁରୁବାର

ସୂର୍ଯ୍ୟୋଦୟ- ଘ୬।୧୧।୧୩ ଚନ୍ଦ୍ରୋଦୟ- ରାଘ୧୧।୩୫।୧୨

ସପ୍ତମୀ- ଦିଘ୧।୫୭ପର୍ଯ୍ୟନ୍ତ । ପୂର୍ବାଫାଲଗୁନିନିନକ୍ଷତ୍ରରାଘ୩।୫୬ପର୍ଯ୍ୟନ୍ତ । ସିଂହଚନ୍ଦ୍ର- ଅହୋରାତ୍ର ଚନ୍ଦ୍ରଶୁଦ୍ଧି- ବୃଷ, ମିଥୁନ, ସିଂହ,କନ୍ୟା, ତୁଳା,ବିଛା,କୁମ୍ଭ ଓ ମୀନ ରାଶିର । ଘାତ ଚନ୍ଦ୍ର- କର୍କଟ ଓ ମକର ରାଶୀର । ଶ୍ରାଦ୍ଧନିର୍ଣ୍ଣୟ- ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ନିଷିଦ୍ଧ ଖାଦ୍ୟ-ତାଳ ଦିଘ୧।୫୭ପରେ ନଡିଆ ଖାଇବା ମନା । ଆଜିର ଶୁଭବେଳା- ପ୍ରାଘ ୬।୧୫ ଗତେ ଘ ୭।୪୬ ମଧ୍ୟେ । ଦିଘ ୧।୨୮ ଗତେ ଘ ୨।୫୪ ମଧ୍ୟେ ।

31 YEARS
ସମ୍ବାଦ କଳିକା

# ଚାଉଳ ଉପରେ ବଢିବ ଆହୁରି ଶୁଳ୍କ

ଭାରତ ଉପରେ ୫୦ ପ୍ରତିଶତ ଟାରିଫ୍ ଲଦିବା ପରେ ବି ଆହୁରି ଲଗାଇବାକୁ କରୁଛନ୍ତି ଯୋଜନା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ସେ ଜଣାଇଛନ୍ତି ଯେ, ତାଙ୍କ ପ୍ରଶାସନ ଭାରତୀୟ ଚାଉଳ ଏବଂ କାନାଡା ସାର ସମେତ ବିଦେଶୀ କୃଷି ଉତ୍ପାଦ ଉପରେ ନୂତନ ଶୁଳ୍କ ଲାଗୁ କରିବା ବିଷୟରେ ବିଚାର କରୁଛି । ଭାରତରୁ ଆସୁଥିବା ଚାଉଳ ଉପର ଶୁଳ୍କ ଡବଲ କରିବାକୁ ସଙ୍କେତ ଦେଇଛନ୍ତି ସେ । ରିପୋର୍ଟ ଅନୁସାରେ ଏବେ ଭାରତରୁ ଆସୁଥିବା ଚାଉଳ ଉପରେ ଆମେରିକା ଟାରିଫ୍ ବଢାଇବ ବୋଲି କହିଛନ୍ତି । ଏହା ସହିତ କାନାଡାରୁ ଆସୁଥିବା ସାର ଉପରେ ମଧ ଶୁଳ୍କ ବଢାଇବା ଦିଗରେ ବିଚାର କରୁଛି । ଚାଷୀମାନେ ବଜାରରେ ଶସ୍ତା ବିଦେଶୀ ଚାଉଳ ଉପରେ ଟ୍ରମ୍ପଙ୍କ ନିକଟରେ ଅଭିଯୋଗ କରିବା ପରେ ଏହି ସଙ୍କେତ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି । ହ୍ୱାଇଟ୍ ହାଉସରେ ଅନୁଷ୍ଠିତ ବୈଠକରେ ଟ୍ରମ୍ପ୍ ଏହି ବିବୃତ୍ତି ଦେଇଛନ୍ତି । ବୈଠକରେ ଚାଷୀମାନେ ଆମେରିକା ବଜାରରେ ଶସ୍ତା ବିଦେଶୀ ଉତ୍ପାଦର ପ୍ରଭାବ ବିଷୟରେ ଅଭିଯୋଗ କରିଥିଲେ। ଆମେରିକୀୟ ଚାଷୀଙ୍କ ପାଇଁ ଘୋଷଣା କରାଯାଇଥିବା ୧୨ ବିଲିୟନ ଡଲାରର ରିଲିଫ୍ ପ୍ୟାକେଜ୍ ସମୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଉପସ୍ଥିତ ଚାଷୀମାନେ ଅଭିଯୋଗ କରିଥିଲେ ଯେ, କିଛି ଦେଶ ଆମେରିକା ବଜାରରେ କମ୍ ମୂଲ୍ୟରେ ଚାଉଳ ବିକ୍ରି କରୁଛନ୍ତି, ଯାହା ଫଳରେ ଘରୋଇ ଚାଷୀମାନଙ୍କୁ ବହୁତ କ୍ଷତି ହେଉଛି। ଟ୍ରମ୍ପ୍ ଉତ୍ତର ଦେଇଥିଲେ, 'ସେମାନେ ମିଛ କହୁଛନ୍ତି'। ସେ ସୂଚିତ କରିଥିଲେ ଯେ ଖୁବ ଶୀଘ୍ର ଏହି ଅଭିଯୋଗଗୁଡ଼ିକର ତଦନ୍ତ କରାଯିବ ଏବଂ ଆବଶ୍ୟକ ହେଲେ ଶୁଳ୍କ ଲାଗୁ କରାଯିବ । ଭାରତ, ଥାଇଲାଣ୍ଡ ଏବଂ ଚୀନର ଚର୍ଚ୍ଚା ହେଲା– ଲୁଇସିଆନାର କେନେଡି ରାଇସ୍ ମିଲ୍ସର ସିଇଓ ମେରିଲ୍ କେନେଡି ଦାବି କରିଛନ୍ତି ଯେ, ଭାରତ, ଥାଇଲ୍ୟାଣ୍ଡ ଏବଂ ଚୀନ୍ ଏହି କଥିତ ଡମ୍ପିଂ ପାଇଁ ମୁଖ୍ୟ ଦେଶ । ସେ କହିଛନ୍ତି ଯେ ଚୀନ୍, ବିଶେଷକରି, ପୁଏର୍ଟୋ ରିକୋକୁ ବହୁ ପରିମାଣରେ ଚାଉଳ ପଠାଉଛି, ଯେଉଁଠାରେ ଆମେରିକୀୟ ଚାଉଳର ଯୋଗାଣ ବର୍ତ୍ତମାନ ପ୍ରାୟତଃ ବନ୍ଦ ହୋଇଯାଇଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ

ନକାରା ସକାରମ୍‌ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)
ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)
ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)
ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର



ଶ୍ରୀ ଅଭିରାମ ସରସ୍ୱତୀ

ନତି ମ୍ସକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)
(କ୍ରମଶଃ)

# ମାନବାଧିକାର ଦିବସ



ସୌଭାଗ୍ୟ ରଂଜନ ମହାନ୍ତି (ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ମର୍ଯ୍ୟାଦା ଏବଂ ନ୍ୟାୟର ସାର୍ବଜନୀନ ପ୍ରତିଶ୍ରୁତିକୁ ପୁନଃସ୍ଥାପନ କରିବା ପ୍ରତିବର୍ଷ ଡିସେମ୍ବର ୧୦ତାରିଖରେ, ବିଶ୍ୱ ମାନବାଧିକାର ଦିବସ ପାଳନ କରେ, ପ୍ରତ୍ୟେକ ବ୍ୟକ୍ତିଙ୍କ ଅନ୍ତର୍ନିହିତ ମର୍ଯ୍ୟାଦା, ସମାନତା ଏବଂ ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ମାନବତାର ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବାର ଏକ ମୁହୂର୍ତ୍ତ। ଏହି ତାରିଖଟି ୧୯୪୮ ମସିହାରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ମାନବାଧିକାରର ସାର୍ବଜନୀନ ଘୋଷଣାନାମା (UDHR) ଗ୍ରହଣ କରିବାର ଚିହ୍ନିତ କରେ, ଯାହା ଏକ କାର୍ଯ୍ୟ ବିଧ୍ୱଂସକାରୀ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱ ନୈତିକ ଦୃଶ୍ୟପଟକୁ ପରିବର୍ତ୍ତନ କରିଥିଲା। ଛଅଶହ ବର୍ଷ ପରେ, UDHR ଏକ ମାର୍ଗଦର୍ଶକ ଆଲୋକବର୍ତ୍ତିକା ଭାବରେ ରହିଆସିଛି, ତଥାପି ବିଶ୍ୱ ଦାରିଦ୍ର୍ୟ ଏବଂ ସଂଘର୍ଷଠାରୁ ଆରମ୍ଭ କରି ଡିଜିଟାଲ ନିରୀକ୍ଷଣ ଏବଂ ଜଳବାୟୁ ଅନ୍ୟାୟ ପର୍ଯ୍ୟନ୍ତ ପୁରୁଣା ଏବଂ ନୂତନ ମାନବାଧିକାର ଚ୍ୟାଲେଞ୍ଜ ସହିତ ସଂଘର୍ଷ କରିଚାଲିଛି। ରାଷ୍ଟ୍ରଗୁଡିକ ମାନବାଧିକାର ଦିବସ ପାଳନ କରିବା ସମୟରେ, ଏହା ଅତ୍ୟାବଶ୍ୟକ ହୋଇପଡେ। ବିଶେଷକରି ଭାରତ ଭଳି ଗଣତାନ୍ତ୍ରିକ ପରିପକ୍ୱତା ପାଇଁ ଆକାଂକ୍ଷୀ ପୂରଣ କରିବା ପାଇଁ ପଥ ଚିହ୍ନଟ କରିବା। ମାନବାଧିକାର : ସାର୍ବଜନୀନ ନୀତିଶାସ୍ତ୍ର ମାନବାଧିକାର କେବଳ ଆଇନଗତ ଗ୍ୟାରେଣ୍ଟି ନୁହେଁ, ଏଗୁଡିକ ମାନବକୁ ନିଜ ଭିତରେ ଲକ୍ଷ୍ୟ ଭାବରେ ଚିହ୍ନଟ କରିବାରେ ମୂଳ ନୀତିଗତ ନୀତି। UDHRର ୩୦ଟି ଧାରା ନାଗରିକ, ରାଜନୈତିକ, ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାରକୁ ସ୍ପଷ୍ଟ କରେ। ଜୀବନ ଏବଂ ସ୍ୱାଧୀନତାର ଅଧିକାର ଠାରୁ ଆରମ୍ଭ କରି କାମ, ଶିକ୍ଷା ଏବଂ ସାଂସ୍କୃତିକ ଅଂଶଗ୍ରହଣର ଅଧିକାର ପର୍ଯ୍ୟନ୍ତ। UDHRକୁ ବିପ୍ଳବୀ କରୁଥିବା ବିଷୟ ହେଉଛି ଏହାର ସାର୍ବଜନୀନତା। ଏହା ଦାବି କରେ ଯେ ମାନବାଧିକାର ରାଷ୍ଟ୍ରର ଉପହାର ନୁହେଁ ବରଂ ଜାତି, ଜାତୀୟତା, ଲିଙ୍ଗ, ଶ୍ରେଣୀ କିମ୍ବା ବିଶ୍ୱାସ ନିର୍ବିଶେଷରେ ପ୍ରତ୍ୟେକ ମଣିଷ ପାଇଁ ଆନ୍ତରିକ। ଏହି ସାର୍ବଜନୀନତା ଦଲିଲକୁ ମାନବ ଇତିହାସରେ ସର୍ବାଧିକ ଅନୁବାଦିତ ପାଠ୍ୟ କରିଛି, ଯାହା ବିଶ୍ୱବ୍ୟାପୀ ସମ୍ବିଧାନ, ଅନ୍ତର୍ଜାତୀୟ ଚୁକ୍ତି ଏବଂ ଜାତୀୟ ଆଇନକୁ ପ୍ରଭାବିତ କରିଛି। ତଥାପି ସାର୍ବଜନୀନତାର ଅର୍ଥ ସମାନତା ନୁହେଁ। ସମାଜ ପ୍ରସଙ୍ଗ, ଇତିହାସ ଏବଂ କ୍ଷମତାରେ ଭିନ୍ନ। ପ୍ରକୃତ ଚ୍ୟାଲେଞ୍ଜ ହେଉଛି ସାର୍ବଜନୀନ ନୀତିଗୁଡିକ ସ୍ଥାନୀୟ ବାସ୍ତବତା ସହିତ ସନ୍ତୁଳିତ କରିବା। ଏକ ସନ୍ତୁଳନ ଯାହାକୁ ଭାରତ ସମେତ ଅନେକ ରାଷ୍ଟ୍ର ନିରନ୍ତର ହାସଲ କରିବାକୁ ଚେଷ୍ଟା କରନ୍ତି। ସମସାମୟିକ ବିଶ୍ୱ ପ୍ରସଙ୍ଗରେ ମାନବାଧିକାର ନିରନ୍ତର ସଂଘର୍ଷ ଏବଂ ମାନସିକ ସଙ୍କଟ ଗାଜା ଏବଂ ୟେମେନରୁ ୟୁକ୍ରେନ୍ ଏବଂ ସୁଡାନ ପର୍ଯ୍ୟନ୍ତ, ସଶସ୍ତ୍ର ସଂଘର୍ଷ ବହୁଳ ବିସ୍ଥାପନ, ସାଧାରଣ ନାଗରିକଙ୍କ ମୃତ୍ୟୁ ଏବଂ ଅନ୍ତର୍ଜାତୀୟ ମାନବିକ ଆଇନର କ୍ରମାଗତ ଉଲ୍ଲଂଘନ କରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ବିଶ୍ୱ ସର୍ବାଧିକ ସଂଖ୍ୟାକ ବିସ୍ଥାପିତ ଲୋକଙ୍କ ସମ୍ମୁଖୀନ ହେଉଛି, ଯାହା ସାମୂହିକ ଦାୟିତ୍ୱ ଏବଂ ବିଶ୍ୱ ଶାସନ ପ୍ରତିଷ୍ଠାନର ପ୍ରଭାବଶୀଳତା ଉପରେ ପ୍ରଶ୍ନ ଉଠାଇଛି। ଏକାଧିକ ସ୍ୱେଚ୍ଛାଚାରିତା ଏବଂ ଗଣତାନ୍ତ୍ରିକ ପଛଘୁଞ୍ଚାର ଉତଥାନ ଅନେକ ଦେଶ ଗଣତାନ୍ତ୍ରିକ ସ୍ଥାନ ସଙ୍କୁଚିତ ହେବା, ମୁକ୍ତ ପ୍ରେସ୍ ଉପରେ ପ୍ରତିବନ୍ଧକ ଏବଂ ନାଗରିକ ସମାଜର ଦମନ ଦେଖିଛନ୍ତି। ଡିଜିଟାଲ ନିରୀକ୍ଷଣ, ମନମୁଖୀ ଅଟକ ଏବଂ ଭିନ୍ନମତବାଦୀଙ୍କ ଉପରେ ଆକ୍ରମଣ ଆଧୁନିକ ସ୍ୱେଚ୍ଛାଚାରିତାର ଉପକରଣ ପାଲଟିଛି। ତେଣୁ ମାନବାଧିକାର ଦିବସ କେବଳ ସ୍ମାରକୀ ନୁହେଁ ବରଂ ବିରୋଧାତ୍ମକ ହୋଇଯାଏ। ଗଣତନ୍ତ୍ର ମୂଳ ସ୍ତମ୍ଭଗୁଡିକୁ ସୁରକ୍ଷା ଦେବାର ଆବଶ୍ୟକତାକୁ ସ୍ମରଣ କରାଏ। ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶଗତ ଅନ୍ୟାୟ ଜଳବାୟୁ ପରିବର୍ତ୍ତନ କ୍ରମଶଃ ଏକ ମାନବାଧିକାର ସଙ୍କଟ ଭାବରେ ସ୍ୱୀକୃତି ପାଉଚି। ସମୁଦ୍ର ସ୍ତର ବୃଦ୍ଧି, ଅତି ପାଣିପାଗ ଘଟଣା ଏବଂ ପରିବେଶଗତ ଅବନତି ଅସମାନୁଷିତ ଭାବରେ ଦୁର୍ବଳ ସମ୍ପ୍ରଦାୟ–ଜନଜାତି ଗୋଷ୍ଠୀ, ଉପକୂଳବର୍ତ୍ତୀ ଜନସଂଖ୍ୟା ଏବଂ ବିଶ୍ୱ ଗରିବଙ୍କୁ ପ୍ରଭାବିତ କରେ। ତେଣୁ ଜଳବାୟୁ ନ୍ୟାୟ ମାନବାଧିକାର ଆଲୋଚନାର ଏକ ମୁଖ୍ୟ ଉପାଦାନ ଭାବରେ ଉଭା ହୋଇଛି। ଅସମାନତା ଏବଂ ଆର୍ଥିକ ଅନ୍ୟାୟ ବିଶ୍ୱ ଆର୍ଥିକ ଅଭିବୃଦ୍ଧି ସତ୍ତ୍ୱେ, ସମ୍ପତ୍ତି କେନ୍ଦ୍ରୀକରଣ ତୀବ୍ର ହୋଇଛି। ଲକ୍ଷ ଲକ୍ଷ ଲୋକ ସ୍ୱାସ୍ଥ୍ୟ, ଖାଦ୍ୟ, ପରିମଳ ଏବଂ ଶିକ୍ଷା ଭଳି ମୌଳିକ ଆବଶ୍ୟକତାରୁ ବଂଚିତ ଅଛନ୍ତି। କୋଭିଡ–୧୯ ମହାମାରୀ ଏହି ଅସମାନତାକୁ ପ୍ରକାଶ ଏବଂ ତୀବ୍ର କରିଛି, ବିଶ୍ୱକୁ ମନେ ପକାଇ ଦେଇଛି ଯେ ଆର୍ଥିକ ଅଧିକାର ନାଗରିକ ଏବଂ ରାଜନୈତିକ ସ୍ୱାଧୀନତା ପରି ଗୁରୁତ୍ୱପୂର୍ଣ୍ଣ। ଡିଜିଟାଲ ଫ୍ରଣ୍ଟିୟରର କୃତ୍ରିମ ବୁଦ୍ଧିମତା, ତଥ୍ୟ ସଂଗ୍ରହ ମୁଖମଣ୍ଡଳ ଚିହ୍ନଟକରଣ ପ୍ରଯୁକ୍ତିବଦ୍ୟା ଏବଂ ସାମାଜିକ ଗଣମାଧମ ପ୍ରଭାବ କାର୍ଯ୍ୟ ଗୋପନୀୟତା, ସ୍ୱାୟତତା ଏବଂ ମାନସିକ ସୁସ୍ଥତା ପାଇଁ ଅଭୂତପୂର୍ବ ବିପଦ ସୃଷ୍ଟି କରେ। ୨୧ ଶତାବ୍ଦୀର ଚ୍ୟାଲେଞ୍ଜ ହେଉଛି ଯେ ପ୍ରଯୁକ୍ତିବିଦ୍ୟା ପ୍ରଗତି ମାନବ ମର୍ଯ୍ୟାଦାର ମୂଲ୍ୟରେ ନ ଆସିବ ତାହା ନିଶ୍ଚିତ କରିବା। ମାନବାଧିକାର ଦିବସ ଏବଂ ଭାରତ ଏକ ସାମ୍ବିଧାନିକ ପ୍ରତିବଦ୍ଧତା ଭାରତ ବିଶ୍ୱ ମାନବାଧିକାର ଢାଞ୍ଚା ଗଠନରେ ଏକ ସକ୍ରିୟ ଅଂଶଗ୍ରହଣକାରୀ ହୋଇଛି। ହଂସା ମେହେଟ୍ଟାଙ୍କ ସମେତ ଭାରତୀୟ ପ୍ରତିନିଧିମାନେ UDHR ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମେହେଟ୍ଟା ପ୍ରସିଦ୍ଧ ଭାବରେ ନିଶ୍ଚିତ କରିଥିଲେ ଯେ ଧାରା ୧ ରେ ସମସ୍ତ ପୁରୁଷ ବାକ୍ୟାଂଶକୁ ସମସ୍ତ ମଣିଷ ସହିତ ବଦଳାଯାଇଥିଲା। ଭାରତୀୟ ସାମ୍ବିଧାନିକ ଦୃଷ୍ଟିକୋଣ UDHRର ଦୁଇବର୍ଷ ପରେ ଗୃହୀତ ଭାରତୀୟ ସମ୍ବିଧାନ, ଏହାର ଆତ୍ମା ମଧ୍ୟରେ ମାନବାଧିକାରକୁ ସନ୍ନିହିତ କରେ ମୌଳିକ ଅଧିକାର (ଭାଗ – III) ସମାନତା ବାକ୍ ସ୍ୱାଧୀନତା, ଶୋଷଣରୁ ସୁରକ୍ଷା, ଧାର୍ମିକ ସ୍ୱାଧୀନତା ଏବଂ ସାମ୍ବିଧାନିକ ପ୍ରତିକାର ଗ୍ୟାରେଣ୍ଟି ଦିଏ। ରାଜ୍ୟ ନୀତିର ନିର୍ଦ୍ଦେଶାତ୍ମକ ନୀତି (ଭାଗ –IV) ଜୀବିକା, ଶିକ୍ଷା, ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ସାମାଜିକ କଲ୍ୟାଣ ଭଳି ସାମାଜିକ–ଆର୍ଥିକ ଅଧିକାର ଉପରେ ଗୁରୁତ୍ୱ ଦିଏ। ମୌଳିକ କର୍ତ୍ତବ୍ୟ (ଭାଗ–IVA) ନାଗରିକମାନଙ୍କୁ ମାନବିକ ମର୍ଯ୍ୟାଦା ବଜାୟ ରଖିବା, ସଭାବନାକୁ ପ୍ରୋତ୍ସାହିତ କରିବା ଏବଂ ସାର୍ବଜନୀନ ସମ୍ପତ୍ତି ଏବଂ ପରିବେଶକୁ ସୁରକ୍ଷା ଦେବା ପାଇଁ ଉତ୍ସାହିତ କରେ। ଏକତ୍ରିତ ଭାବରେ, ଏହି ବ୍ୟବସ୍ଥାଗୁଡିକ ଏକ ସାମଗ୍ରିକ ମାନବାଧିକାର ଢାଞ୍ଚା ସୃଷ୍ଟି କରେ, ଯାହା ସନ୍ତୁଳନ କରେ ବିଶ୍ୱ ମାନବାଧିକାର ଢାଞ୍ଚା ଗଠନରେ ଭାରତ ଏକ ସକ୍ରିୟ ଅଂଶଗ୍ରହଣକାରୀ ହୋଇଛି। ହଂସା ମେହେଟ୍ଟାଙ୍କ ସମେତ ଭାରତୀୟ ପ୍ରତିନିଧିମାନେ UDHRପ୍ରସ୍ତୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମେହତା ନିଶ୍ଚିତ କରିଥିଲେ ଯେ ଧାରା ୧ରେ ସମସ୍ତ ପୁରୁଷ ବାକ୍ୟାଂଶକୁ ସମସ୍ତ ମଣିଷ ସହିତ ବଦଳାଯାଇଥିଲା। ଭାରତୀୟ ସାମ୍ବିଧାନିକ ଦୃଷ୍ଟିକୋଣ UDHRର ଦୁଇ ବର୍ଷ ପରେ ଗୃହୀତ ଭାରତୀୟ ସମ୍ବିଧାନ, ଏହାର ଆତ୍ମା ଭିତରେ ମାନବାଧିକାରକୁ ସନ୍ନିହିତ କରେ। ମୌଳିକ ଅଧିକାର (ଭାଗ III)ସମାନତା ବାକ୍ ସ୍ୱାଧୀନତା ଶୋଷଣରୁ ସୁରକ୍ଷା, ଧାର୍ମିକ ସ୍ୱାଧୀନତା ଏବଂ ସାମ୍ବିଧାନିକ ପ୍ରତିକାର ଗ୍ୟାରେଣ୍ଟି ଦିଏ। ରାଜ୍ୟ ନୀତିର ନିର୍ଦ୍ଦେଶାତ୍ମକ ନୀତି (ଭାଗ IV) ଜୀବିକା, ଶିକ୍ଷା, ଜନସ୍ୱାସ୍ଥ୍ୟ ଏବଂ ସାମାଜିକ କଲ୍ୟାଣ ଭଳି ସାମାଜିକ–ଆର୍ଥିକ ଅଧିକାର ଉପରେ ଗୁରୁତ୍ୱ ଦିଏ। ମୌଳିକ କର୍ତ୍ତବ୍ୟ (ଭାଗ IV) ନାଗରିକମାନଙ୍କୁ ମାନବ ମର୍ଯ୍ୟଦା ବଜାୟ ରଖିବା, ସଭାବକୁ ପ୍ରୋତ୍ସାହିତ କରିବା ଏବଂ ସାର୍ବଜନୀନ ସମ୍ପତି ଏବଂ ପରିବେଶକୁ ସୁରକ୍ଷା ଦେବା ପାଇଁ ଉତ୍ସାହିତ କରେ। ଏକତ୍ର, ଏହି ବ୍ୟବସ୍ଥାଗୁଡିକ ଏକ ସାମଗ୍ରିକ ମାନବାଧିକାର ଢାଞ୍ଚା ସୃଷ୍ଟି କରେ, ଯାହା ସାମାଜିକ ନ୍ୟାୟ ସହିତ ବ୍ୟକ୍ତିଗତ ସ୍ୱାଧୀନତାକୁ ସନ୍ତୁଳିତ କରେ। ମାନବାଧିକାର ସୁରକ୍ଷା ପାଇଁ ଭାରତୀୟ ଅନୁଷ୍ଠାନ ମାନବ ଅଧିକାରକୁ ବଜାୟ ରଖିବା ପାଇଁ ଭାରତ ଅନୁଷ୍ଠାନଗୁଡିକର ଏକ ନେଟୱାର୍କ ନିର୍ମାଣ କରିଛି। ଜାତୀୟ ମାନବାଧିକାର କମିଶନ (NHRC)–ମାନବ ଅଧିକାର ସୁରକ୍ଷା ଆଇନ, ୧୯୯୩ ଅନ୍ତର୍ଗତ ପ୍ରତିଷ୍ଠିତ। ରାଜ୍ୟ ମାନବାଧିକାର କମିଶନ ମହିଳା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ସଂଖ୍ୟାଲଘୁ, ଶିଶୁ ଅଧିକାର ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଜାତୀୟ କମିଶନ ସ୍ୱାଧୀନ ନ୍ୟାୟପାଳିକା ଏବଂ ଏକ ମୁକ୍ତ ପ୍ରେସ୍, ଯାହାକୁ ପ୍ରାୟତଃ ଅଧିକାରର ରକ୍ଷକ କୁହାଯାଏ ନ୍ୟାୟିକ ବ୍ୟାଖ୍ୟା – ଯେପରିକି ଗୋପନୀୟତା, ସ୍ୱଚ୍ଛ ପରିବେଶ, ଶିକ୍ଷା ଏବଂ ମର୍ଯ୍ୟାଦାପୂର୍ଣ୍ଣ ଜୀବନର ଅଧିକାର ଅନ୍ତର୍ଭୁକ୍ତ କରିବା ପାଇଁ ଧାରା ୨୧କୁ ବିସ୍ତାର କରିବା–ମାନବ ଅଧିକାର ପ୍ରତି ଭାରତର ଗତିଶୀଳ ଆଭିମୁଖ୍ୟକୁ ପ୍ରତିଫଳିତ କରେ। ଭାରତରେ ସମସାମୟିକ ମାନବାଧିକାର ଚ୍ୟାଲେଞ୍ଜ ସାମ୍ବିଧାନିକ ସୁରକ୍ଷା ସତ୍ତ୍ୱେ, ଭାରତ ସାମାଜିକ, ଆର୍ଥିକ ଏବଂ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ଦ୍ୱାରା ଆକୃତି ପାଇଥିବା ଅନେକ ମାନବାଧିକାର ଚ୍ୟାଲେଞ୍ଜର ସମ୍ମୁଖୀନ ହୁଏ। ଦାରିଦ୍ର୍ୟ ଏବଂ ସାମାଜିକ ସାମାଜିକ –ଆର୍ଥିକ ଅସମାନତା ଯଦିଓ ଭାରତ ଦାରିଦ୍ର୍ୟ ହ୍ରାସରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି, ତଥାପି ବହୁମୁଖୀ ଦାରିଦ୍ର୍ୟ ବ୍ୟାପକ ରହିଛି। କୁପୋଷଣ, ପରିମଳର ଅଭାବ, ସ୍ୱାସ୍ଥ୍ୟସେବା ପାଇଁ ସୀମିତ ପ୍ରବେଶ ଏବଂ ଅସମାନ ଶିକ୍ଷାଗତ ସୁଯୋଗର ସମସ୍ୟା ଏବେ ବି ସାମାଜିକ–ଆର୍ଥିକ ଅଧିକାର ହାସଲ କରିବାରେ ବାଧା ସୃଷ୍ଟି କରୁଛି। ଲିଙ୍ଗଗତ ଅସମାନତା ଏବଂ ହିଂସା ଭାରତ ଲିଙ୍ଗଗତ ହିଂସା–ଘରୋଇ ନିର୍ଯାତନା, ଯୌନ ଆକ୍ରମଣ, ଚାଲାଣ ଏବଂ କର୍ମକ୍ଷେତ୍ରରେ ଉତ୍ପୀଡନ ସହିତ ସଂଘର୍ଷ କରିଚାଲିଛି। ଆଇନଗତ ଢାଞ୍ଚା ବିଦ୍ୟାମାନ ଥିଲେ ମଧ, ସାମାଜିକ ମାନଦଣ୍ଡ, ପୁରୁଷକତାବୋଧ ମନୋଭାବ, ଧୀର ନ୍ୟାୟିକ ପ୍ରକ୍ରିୟା ଏବଂ ଅପର୍ଯ୍ୟାପ୍ତ ସହାୟତା ବ୍ୟବସ୍ଥା ପ୍ରଭାବଶାଳୀ କାର୍ଯ୍ୟକାରୀତାକୁ ବାଧା ଦେଉଛି। ଜାତିଭିତ୍ତିକ ଭେଦଭାବ ଜାତି ଏକ ଗଭୀର ଭାବରେ ସ୍ଥାପିତ ସାମାଜିକ ବାସ୍ତବତା ଅଟେ। ଅନୁସୂଚିତ ଜାତି ଏବଂ ଜନଜାତି ବିରୁଦ୍ଧରେ ଅତ୍ୟାଚାର, ହାତରେ ମଇଳା ସଫା କରିବା ଏବଂ ଶିକ୍ଷା ଏବଂ ନିଯୁକ୍ତିରେ ଭେଦଭାବ ନିରନ୍ତର ସାଂରଚନିକ ଅସମାନତା ପ୍ରକାଶ କରେ। ସଂଖ୍ୟାଲଘୁ ଏବଂ ଦୁର୍ବଳ ଗୋଷ୍ଠୀର ଅଧିକାର ପ୍ରବାସୀ, ଶରଣାର୍ଥୀ, ଟ୍ରାନ୍ସଜେଣ୍ଡର, ବ୍ୟକ୍ତି, ବୃଦ୍ଧ ନାଗରିକ ଏବଂ ଅକ୍ଷମ ବ୍ୟକ୍ତିମାନେ ପ୍ରାୟତଃ ବାଦ ପଡିବାର ସମ୍ମୁଖୀନ ହୁଅନ୍ତି। ପ୍ରଗତିଶୀଳ ଆଇନ–ଯେପରିକି ଟ୍ରାନ୍ସଜେଣ୍ଡର ବ୍ୟକ୍ତି (ଅଧିକାର ସୁରକ୍ଷା) ଆଇନ–ବିଦ୍ୟାମାନ, କାର୍ଯ୍ୟକାରିତା ଅସମାନ ରହିଛି। ଡିଜିଟାଲ ଅଧିକାର ଏବଂ ଗୋପନୀୟତାକୁ ମୌଳିକ ଅଧିକାର ଭାବରେ ମାନ୍ୟତା (୨୦୧୭) ପରେ, ନିରୀକ୍ଷଣ, ତଥ୍ୟ ସୁରକ୍ଷା ଏବଂ AI ନୀତିଶାସ୍ତ୍ରର ପ୍ରସଙ୍ଗଗୁଡିକ ପ୍ରମୁଖତା ହାସଲ କରିଛି। ବ୍ୟକ୍ତିଗତ ସ୍ୱାଧୀନତା ସହିତ ସୁରକ୍ଷା ଆବଶ୍ୟକତାକୁ ସନ୍ତୁଳିତ କରିବା ଏକ କେନ୍ଦ୍ରୀୟ ନୀତିଗତ ଚ୍ୟାଲେଞ୍ଜ ହୋଇ ରହିଛି। ବାକ୍ ସ୍ୱାଧୀନତା ଏବଂ ଭିନ୍ନମତ ରାଜଦ୍ରୋହ ଆଇନ ଅନୁଯାୟୀ ଗିରଫଦାରୀ (ସଂସ୍କାର ଚାଲୁଥିଲେ ମଧ), ଇଣ୍ଟରନେଟ୍ ବନ୍ଦ ଏବଂ ଗଣମାଧ୍ୟମ ଉପରେ ଚାପ ଏକ ଗଣତନ୍ତ୍ରରେ ମୁକ୍ତ ମତବ୍ୟକ୍ତର ରୂପରେଖ ବିଷୟରେ ଚାଲିଥିବା ବିତର୍କକୁ ଉଜ୍ଜ୍ୱଳ କରିଥାଏ। ପରିବେଶ ଅଧିକାର ଭାରତ ଗମ୍ଭୀର ପରିବେଶଗତ ଚାପର ସମ୍ମୁଖୀନ ହୁଏ–ବାୟୁ ପ୍ରଦୂଷଣ, ନଦୀ ଅବକ୍ଷୟ, ଜଙ୍ଗଲ କ୍ଷୟ ଏବଂ ଜଳବାୟୁ ଦୁର୍ବଳତା। ପରିବେଶ ଅଧିକାରକୁ ଜୀବନ ଅଧିକାରର ଅବିଚ୍ଛେଦ୍ୟ ଭାବରେ ବର୍ଦ୍ଧିତ ଭାବରେ ବୁଝାଯାଇଛି। ମାନବାଧିକାର ଦିବସ : ପାଳନ ଏବଂ ଆତ୍ମ–ପ୍ରତିଫଳିତ ମଧ୍ୟରେ ମାନବାଧିକାର ଦିବସ କେବଳ ଏକ ଆନୁଷ୍ଠାନିକ ପାଳନ ନୁହେଁ–ଏହା ଅସମ୍ପୂର୍ଣ୍ଣ କାର୍ଯ୍ୟର ସ୍ମରଣକାରୀ। ଭାରତ ପାଇଁ, ପାଳନ କରିବା ପାଇଁ ବହୁତ କିଛି ଅଛି: ଏକ ସ୍ପନ୍ଦନଶୀଳ ଗଣତନ୍ତ୍ର, ଏକ କର୍ମୀ ନ୍ୟାୟାପାଳିକା, ସାମ୍ବିଧାନିକ ସୁରକ୍ଷା, ତୃଣମୂଳକ ସ୍ତରର ଆନ୍ଦୋଳନ ଏବଂ ନିରନ୍ତର ଦାରିଦ୍ର୍ୟ ହ୍ରାସ। ତଥାପି, ଏହାକୁ ସଂସ୍କାର ଆବଶ୍ୟକ କରୁଥିବା କ୍ଷେତ୍ରଗୁଡିକ ଉପରେ ଆତ୍ମନିରୀକ୍ଷଣ ସହିତ ସନ୍ତୁଳିତ କରାଯିବା ଉଚିତ। ଆଜି ମାନବାଧିକାର ଦିବସ କାହିଁକି ଗୁରୁତ୍ୱପୂର୍ଣ୍ଣ ଏହା ସମ୍ବିଧାନ ଏବଂ ଅନ୍ତର୍ଜାତୀୟ ମାନଦଣ୍ଡ ପ୍ରତି ଆମର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରେ। ଏହା ନାଗରିକମାନଙ୍କ ମଧ୍ୟରେ ସଚେତନତାକୁ ପ୍ରୋତ୍ସାହନ କରେ। ଏହ ଅନୁଷ୍ଠାନଗୁଡିକୁ ଆତ୍ମନିରୀକ୍ଷଣ ଏବଂ ଉନ୍ନତି କରିବାକୁ ଉତ୍ସାହିତ କରେ। ଏହା ଅଧିକାର ଉଲ୍ଲଂଘନ ଏବଂ ମାନବିକ ସଙ୍କଟ ପ୍ରତି ବିଶ୍ୱବ୍ୟାପୀ ଧ୍ୟାନ ଆଣେ। ଏହା ନାଗରିକ ସମ୍ପର୍କ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଅଂଶଗ୍ରହଣକୁ ପ୍ରେରଣା ଦିଏ। ଏହି ଦିନର ଗୁରୁତ୍ୱ ଏପରି ଏକ ସମୟରେ ଆହୁରି ସ୍ପଷ୍ଟ ହୋଇଯାଏ ଯେତେବେଳେ ଭୁଲ ସୂଚନା, ଧ୍ରୁବୀକରଣ ଏବଂ ବିଶ୍ୱବ୍ୟାପ ଅସ୍ଥିରତା ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବିପଦରେ ପକାଇଥାଏ। ମାନବାଧିକାର ଏବଂ ଶିକ୍ଷାର ଭୂମିକା ଶିକ୍ଷା ମାନବାଧିକାରକୁ ଆଗକୁ ବଢାଇବା ପାଇଁ ସବୁଠାରୁ ଶକ୍ତିଶାଳୀ ଉପକରଣ ମଧ୍ୟରୁ ଗୋଟିଏ। UDHRର ଧାରା ୨୬ ରାଷ୍ଟ୍ରଗୁଡିକ ମଧ୍ୟରେ ବୁଝାମଣା, ସହନଶୀଳତା ଏବଂ ବନ୍ଧୁତାକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖି ଶିକ୍ଷା ଉପରେ ଗୁରୁତ୍ୱ ଦିଏ। ଭାରତରେ ଶିକ୍ଷା ଅଧିକାର ଆଇନ (୨୦୦୯) ପ୍ରବେଶକୁ ବିସ୍ତାର କରିଛି, କିନ୍ତୁ ଶିକ୍ଷାର ଗୁଣବତ୍ତା, ଡିଜିଟାଲ ବିଭାଜନ ଏବଂ ସାମାଜିକ–ଆର୍ଥିକ ଅସମାନତାକୁ ହ୍ରାସ କରିଛି।

# ୬୦ବର୍ଷ ପରେ ନେହେରୁଙ୍କ ଭୁଲ୍ ଖୋଜିବା ଯୁକ୍ତିହୀନ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ମୃତ୍ୟୁର ୬୦ବର୍ଷରୁ ଅଧିକ ସମୟ ବିତିଗଲାଣି କିନ୍ତୁ ଏବେ ବି ତାଙ୍କର ଭୁଲତୃଟି ଖୋଜା ଚାଲିଛି। ଭାରତର ଅନେକ ସମସ୍ୟା ପାଇଁ ତାଙ୍କୁ ଦାୟୀ କରାଯାଇ ତାଙ୍କର ସମାଲୋଚନା କରାଯାଉଛି। ଅରବିନ୍ଦ ପନଗଡିଆଙ୍କ ଲିଖିତ ପୁସ୍ତକ 'ଦି ନେହେରୁ ଏରା ଇକୋନୋମିକ ହିଷ୍ଟ୍ରି ଆଣ୍ଡ ଥଟ ଆଣ୍ଡ ଦେୟାର ଲାଷ୍ଟିଙ୍ଗ ଇମ୍ପାକ୍ଟ' ପୁସ୍ତକ ଏହାର ଏକ ପ୍ରକୃଷ୍ଟ ଉଦାହରଣ। ଲେଖକ ତାଙ୍କ ପୁସ୍ତକରେ ନେହେରୁଙ୍କ ଆର୍ଥୀକ ଭୁଲ ତୃଟି ବାବଦରେ ଉଲ୍ଲେଖି କରି କହିଛନ୍ତି ଯେ ନେହେରୁଙ୍କ ଭୁଲକୁ ପରବର୍ତ୍ତୀ ସମୟରେ ସୁଧାରିବା ମଧ କଷ୍ଟକର ହୋଇପଡିଛି। ନେହେରୁ ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ କେତେକ ଭୁଲ କରିଥିବେ ନିଶ୍ଚୟ କିନ୍ତୁ ପୁସ୍ତକରେ ତାଙ୍କ ବାବଦରେ ସମାଲୋଚନା କିନ୍ତୁ ସୀମା ଠାରୁ ଅଧିକ ହୋଇଯାଇଛି। ୧୯୬୬ ମସିହାରେ ନେହେରୁ ଶାସନରୁ ଯିବା ପର୍ଯ୍ୟନ୍ତ ଭାରତର ଆର୍ଥୀକ ପ୍ରଦର୍ଶନ ଏସିଆର ପଡ଼ୋଶୀ ଦେଶ ମାନଙ୍କଠାରୁ ପଛରେ ନଥିଲା। ସେତେବେଳେ ଦେଶର ପ୍ରତି ବ୍ୟକ୍ତିର ଆୟ ଥାଇଲ୍ୟାଣ୍ଡ ଠାରୁ କିଛି କମ୍ ଥିଲେ ମଧ ଚୀନ ଓ କୋରିଆଠାରୁ ଅଧିକ ଥିଲା। ୧୯୭୦ ଦଶକ ପରେ ଚୀନ ଓ କୋରିଆ ଠାରୁ ଭାରତର ପ୍ରତିବ୍ୟକ୍ତିର ଆୟ ମଧ ଅଧିକଥିଲା। ଅନ୍ୟପକ୍ଷରେ ନେହେରୁ ରାଜ୍ୟ–ଆଧାରିତ ଆମଦାନୀ ପ୍ରତିସ୍ଥାପନ ମଡ଼େଲକୁ ସମର୍ଥନ କରୁଥିଲେ। ଉପନିବେଶବାଦର ଉନ୍ମଳନ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ପରେ ବିକାଶଶୀଳ ଦୁନିଆକୁ ଅନେକ ଭାଗରେ ବିଭକ୍ତ କରାଯାଇଥିଲା। ଲାଟିନ ଆମେରିକା ଠାରୁ ଆଫ୍ରିକାର ଅଧିକାଂଶ ଅଂଶ (ଦେଶ) ଏବଂ ଚୀନ ଓ ପୂର୍ବ ଏସିଆରେ ନେହେରୁଙ୍କ ମଡ଼େଲ ଲୋକପ୍ରିୟଥିଲା। କିନ୍ତୁ ଭାରତରେ ଲାଇସେନ୍ସ ରାଜ ଥିଲା ଓ ଘରୋଇ କ୍ଷେତ୍ରକୁ ଉତ୍ପାଦନ କୋଟା ଦିଆଯାଉଥିଲା। ୧୯୪୭ ର ଔଦ୍ୟୋଗିକ ବିବାଦ ଅଧିନିୟମ ଅନୁସାରେ ୧୦୦ରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଥିବା ସଂସ୍ଥାର କର୍ମଚାରୀଙ୍କୁ ଛଟେଇ କରିବା ମୁସ୍କିଲ ହୋଇଯାଉଥିଲା। ଲେଖକ ଡ଼ଃ ପନଗଡ଼ିଆଙ୍କ ଏ ପ୍ରସଙ୍ଗରେ ସୂଚନାରୁ ସ୍ପଷ୍ଟ ଯେ ନେହେରୁ ସମାଜବାଦୀ ବିଚାରକୁ ବିକଶିତ କରିଥିଲେ। ଏହି ବିଚାର ସେ ସମୟରେ ପ୍ରଚଳିତ ଥିଲା।

ବାସ୍ତବରେ ୧୯୪୪ ମସିହାରେ ବିରଳା ଏବଂ ଟାଟାଙ୍କ ନେତୃତ୍ୱରେ ପୁଞ୍ଜିପତିମାନଙ୍କର ଏକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ କରାଯାଇଥିବା 'ବମ୍ବେଯୋଜନା' ମଧ ୧୯୫୬ରେ ନେହେରୁ ଏବଂ ମହାଲେନବିସଙ୍କ ଦ୍ୱାରା ଅଣାଯାଇଥିବା ସମାଜବାଦୀ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ସହ ସମାନ ଥିଲା। ଡଃ ପନଗଡିଆ ଅନେକ ମନଗଢା କାହାଣୀର ବ୍ୟାଖ୍ୟା କରି ଲେଖିଛନ୍ତି ଯେ ଏହି ପୁଞ୍ଜିପତିମାନଙ୍କୁ ନେହେରୁଙ୍କ ମାନସିକତା ବାବଦରେ ପୁର୍ବରୁ ଜଣା ଥିଲା। ଏଇଥିପାଇଁ ସେମାନେ 'ବମ୍ବେ ଯୋଜନା' ପ୍ରସ୍ତୁତ କରିଥିଲେ ଯାହାକୁ ବାଧହୋଇ ନେହେରୁ କାର୍ଯ୍ୟକାରୀ କରିଥିଲେ। ଡ଼ଃ ପନଗଡିଆ ଏକଥା ବୁଝିପାରି ନାହାଁନ୍ତି ଯେ ଗାନ୍ଧୀଙ୍କ ସମୟର ଏହି ଶକ୍ତିଶାଳୀ ଉଦ୍ୟୋଗପତି ମାନେ ୧୯୪୪ରେ ନେହେରୁଙ୍କୁ ଡ଼ରୁଥିଲେ କାହିଁକି ? ମେଘନାଦ ଦେଶାଇ ଏବଂ ସଞ୍ଜୟ ବାରୁଙ୍କ ଦ୍ୱାର ସମ୍ପାଦିତ 'ଦି ବମ୍ବେ ପ୍ଲାନ' ଉପରେ ଲିଖିତ ଏକ ପୁସ୍ତକରେ ଲେଖା ଯାଇଛି ଯେ ଭାରତୀ ଉଦ୍ୟୋଗ ଯେଉଁଥିରେ ଔଦ୍ୟୋଗୀକରଣ ପାଇଁ ସରକାରୀ ସମର୍ଥନ ମଗାଯାଇଥିଲା। ଏହା ପରିବର୍ତ୍ତେ ନେହେରୁ ଏଭଳି ଏକ ଯୋଜନା ପ୍ରସ୍ତୁତ କରିଥିଲେ ଯାହା ଫଳରେ ପ୍ରମୁଖ ଉଦ୍ୟୋଗ ରାଜ୍ୟ ଅଧିନରେ ରହିଲା କିନ୍ତୁ ଉପଭୋକ୍ତା ବସ୍ତୁକୁ ଘରୋଇ କ୍ଷେତ୍ର ପାଇଁ ଛାଡି ଦିଆଗଲା।

୧୯୯୧ର ଆର୍ଥୀକ ସଙ୍କଟ ପର୍ଯ୍ୟନ୍ତ ଭାରତର ନୀତି ବଦଳି ନଥିଲା ଏବଂ ସେ ପର୍ଯ୍ୟନ୍ତ ବିଶାଳ ଏବଂ ବିସ୍ତାରିତ ସାର୍ବଜନିକ କ୍ଷେତ୍ର ରହିଥିଲା। ବାସ୍ତବରେ ନେହେରୁଙ୍କ ଉତ୍ତରାଧିକାରୀ ମାନେ ନେହେରୁଙ୍କ ଅନେକ ଅସଫଳ ମଡେଲକୁ କାର୍ଯ୍ୟକାରୀ କରିଥିଲେ। ଇନ୍ଦିରାଗାନ୍ଧୀ ବ୍ୟାଙ୍କିଙ୍ଗ ପ୍ରଣାଳୀର ରାଷ୍ଟ୍ରୀୟ କରଣ କରିଥିଲେ ଯାହା ନେହେରୁ କଳ୍ପନା କରିନଥିଲେ। ନେହେରୁଙ୍କ ସମୟରେ ୫ଟି ସାର୍ବଜନିକ କ୍ଷେତ୍ରର ସଂସ୍ଥା (ପିଏସ୍‌ୟୁ) ଆରମ୍ଭ ହୋଇଥିଲା। ନେହେରୁଙ୍କ ମୃତ୍ୟୁର ୧ବର୍ଷ ପରେ ୧୯୬୫ ବେଳକୁ ଏହାର ସଂଖ୍ୟା ୮୦ରେ ପହଞ୍ଚିଥିଲା। ୧୯୯୧ରେ ଯେତେବେଳେ ଆର୍ଥୀକ ସୁଧାର କଥା ଉଠିଲା ସେତେବେଳକୁ ପିଏସୟୁ ସଂଖ୍ୟା ୨୪୬ ହୋଇଯାଇଥିଲା ଓ ୨୦୧୪–୧୫ ବେଳକୁ ଏହି ସଂଖ୍ୟା ୨୯୮ରେ ପହଞ୍ଚିଥିଲା। ମୋଦୀ ସରକାର ସମୟରେ ଏହି ସଂଖ୍ୟା ମଧ ବଢିଛି। ମହାରତ୍ନ (ବୃହତ୍ ସାର୍ବଜନିକ ଉପକ୍ରମ) ସଂଖ୍ୟା ୭ରୁ ୧୪ ହୋଇଛି ଓ ୨୦୧୮ରେ ଆମଦାନୀ ସଂରକ୍ଷଣ ନୀତିକୁ ପୁଣି ଲାଗୁ କରାଯାଇଛି। ମୋଦୀ ସରକାରଙ୍କ ଶ୍ରମ ନୀତି ଉତ୍ସାହଜନକ ନିଶ୍ଚୟ। ୫ବର୍ଷ ପୂର୍ବେ ପ୍ରଣୟନ କରାଯାଇଥିବା ଶ୍ରମ ନୀତି ଅନୁସାରେ ଶ୍ରମିକ ଛଟେଇ ପାଇଁ ଆବଶ୍ୟକ ପଡୁଥିବା ସଂଖ୍ୟା ୧୦୦କୁ ବୃଦ୍ଧି କରାଯାଇ ୩୦୦ କରାଯାଇଥିଲା ଓ ଅନ୍ୟ କେତେକ ତତ୍ତ୍ୱକୁ ସାମିଲ କରାଯାଇଥିଲା। ଏଣୁ ଏବେ ମୋଦୀ ସରକାର ଶ୍ରମ ନୀତି ବାବଦରେ ଯେଉଁ ଅଧିସୂଚନା ଜାରିକରିଛନ୍ତି ତାହା ଶ୍ରମିକଙ୍କୁ ଅତିରିକ୍ତ ଫାଇଦା ଦେଇପାରିବ ନାହିଁ ତଥାପି ଏହା ସ୍ୱାଗତ ଯୋଗ୍ୟ। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ ଏବଂ ମୁଦ୍ରାସ୍ଫିତି ସତ୍ତ୍ୱେ ଭାରତର ଅର୍ଥନୈତିକ ପ୍ରଦର୍ଶନ ଭଲ ରହିଛି। ଆଶା କରାଯାଉଛି ଆଗାମୀ ବଜେଟ ଏହାଉପରେ କେନ୍ଦ୍ରୀତ ହେବ।

ଏସବୁ ଲେଖିବାର ଉଦ୍ଦେଶ୍ୟ ନୁହେଁ ଯେ ନେହେରୁଙ୍କ ମଡ଼େଲକୁ ସମର୍ଥନ କରିବା। ପ୍ରଖ୍ୟାତ ଅର୍ଥଶାସ୍ତ୍ରୀ ରାଜକୃଷ୍ଣ ନେହେରୁଙ୍କ ମଡ଼େଲର ପ୍ରଖର ସମାଲୋଚକ ଥିଲେ ଓ ରାଇସେନ୍ସ ରାଜର କଠୋର ସମାଲୋଚନା କରୁଥିଲେ। କିନ୍ତୁ କଥା ହେଉଛି ନେହେରୁ ଆମ ପାଇଁ ଯାହା ଛାଡି ଯାଇଥିଲେ ତାକୁ ସୁଧାରିବା ପାଇଁ ଆମ ପାଖରେ ୬୦ ବର୍ଷରୁ ଅଧିକ ସମୟ ଥିଲା କିନ୍ତୁ ତାଙ୍କ ଉତ୍ତରାଧିକାରୀ ମାନେ ଯଦି ସୁଧାରି ପାରିଲେ ନାହିଁ ତେବେ ଏଥିପାଇଁ ନେହେରୁଙ୍କୁ ଦାୟୀ କରାଯିବ କାହିଁକି ? ତାଙ୍କ ଆର୍ଥୀକ ନୀତିକୁ ଦେଖିଲେ କିଛି ତୃଟି ଥାଇପାରେ କିନ୍ତୁ ଭୁଲିଯିବା ଉଚିତ୍ ନୁହେଁ ଯେ ସ୍ୱାଧିନତା ପାଇଁ ତାଙ୍କର ଅବଦାନ ଅନେକ। ୬୦ବର୍ଷ ପରେ ତାଙ୍କ ଭୁଲ ଖୋଜିବା ଉତ୍ତମ ମାନସିକତାର ପରିଚୟ ନୁହେଁ।

# ଶୀତ ସକାଳେ ଗରମ ଚା'



ପ୍ରସନ୍ନ କୁମାର ମିଶ୍ର
୩୮, ଶ୍ରୀକ୍ଷେତ୍ର କଲୋନୀ, ପୁରୀ–୨
ମୋ : ୮୦୧୮୮୭୫୩୩୫

ସକାଳୁ ସକାଳୁ ଗରମ ଗରମ ବଢିଆ ଚା' କପେ ମିଳିଗଲେ ଆମେ ଭାବୁ ଆଜି ଦିନଟା ନିଶ୍ଚୟ ଶୁଭରେ ଯିବ। ନ ହେଲେ ମୁଡ୍ ଖରାପ । ଅଯଥାରେ ଘରେ କଳି କଜିଆ । ପ୍ରଶ୍ନ ଉଠେ ଚା'ରେ ଏମିତି କଅଣ ଅଛି ଯେ ନ ଖାଇଲେ ଲୋକେ ଏମିତି ପାଗଳ ପରି ହୁଅନ୍ତି ? ବିଶେଷଜ୍ଞଙ୍କ ମତରେ ଚା' ପତ୍ରରେ ଥିବା କେତେକ ରାସାୟନିକ ପଦାର୍ଥ ଶରୀରରେ ଉଦ୍ଦୀପନା ଆଣିଥାଏ । ମାନ୍ଦା ଦେହ ସତେଜ ହୁଏ ଓ ମନ ଫୁର୍ତ୍ତି ଲାଗେ । ଏହି ପ୍ରାକୃତିକ ରାସାୟନିକ ପଦାର୍ଥ ଶରୀରକୁ ସୁରକ୍ଷା ଦିଏ ଓ ପ୍ରତିଷେଧକ ଶକ୍ତି ବଢାଇଥାଏ । ମାତ୍ର ଏହାର ଅତ୍ୟଧିକ ସେବନ କ୍ଷତିକାରକ । ନାଲି ଚା' ଦେହ ପାଇଁ ଭଲ ।

ବିଶ୍ୱ ଦରବାରରେ ଚା'ର ପ୍ରଚଳନ କେବେ ଏବଂ କିପରି ହେଲା ଏ ବିଷୟରେ ମତପାର୍ଥକ୍ୟ ରହିଛି। ଜାପାନୀମାନେ ବିଶ୍ୱାସ କରନ୍ତି ଯେ, ବୁଦ୍ଧଦେବ ପ୍ରଥମେ ଯେତେବେଳେ ସିଦ୍ଧିପ୍ରାପ୍ତ ପାଇଁ ତପସ୍ୟା ଆରମ୍ଭ କଲେ, ସେତେବେଳେ ଦିନେ ଅତିଶୟ କ୍ଳାନ୍ତ ହୋଇ ଶୋଇ ପଡ଼ିଥିଲେ। ପରବର୍ତ୍ତୀ ସମୟରେ ସେ ଏଥିପାଇଁ ନିଜର ଚକ୍ଷୁକୁ ଦାୟୀକରି ଆଖି ଦୁଇଟିର ପତା କାଟି ଫିଙ୍ଗି ଦେଇଥିଲେ । କିଛିଦିନ ପରେ ସେହି ପତାଦୁଇଟି ପଡ଼ିଥିବା ସ୍ଥାନରେ ଦୁଇଟି ଗଛ ଉଠିଥିଲା। ଏହି ଗଛ ଦୁଇଟିରୁ ପତ୍ର ଖାଇ ବୌଦ୍ଧ ସନ୍ନ୍ୟାସୀମାନେ ତନ୍ଦ୍ରାହୀନ ଭାବେ ଧ୍ୟାନମଗ୍ନ ରହିପାରିଥିଲେ। ପୃଥିବୀ ପୃଷ୍ଠରେ ଏ ଦୁଇଟି ଥିଲା ପ୍ରଥମ ଚା'ର ଗଛ ବୋଲି ସେମାନେ ବିଶ୍ୱାସ କରନ୍ତି। ଚୀନ ଦେଶରେ ପ୍ରଚଳିତ ଲୋକକଥା ଅନୁଯାୟୀ ସେ ଦେଶର ମହାନ ଶାସକ ତଥା କିମ୍ବଦନ୍ତୀ ପୁରୁଷ ସେଙ୍ଗ୍ ନୁଙ୍ଗଙ୍କ ସମୟରେ ଚା'ର ପ୍ରଚଳନ ହୋଇଥିଲା। ସେଙ୍ଗ ନୁଙ୍ଗଙ୍କ ୨୭୩୭ରୁ ୨୬୯୭ ଖ୍ରୀଷ୍ଟପୂର୍ବ ପର୍ଯ୍ୟନ୍ତ ଶାସନ କାଳ ମଧ୍ୟରେ ଚୀନ ଦେଶର ଅଭୂତପୂର୍ବ ଉନ୍ନତି ସାଧିତ ହୋଇଥିଲା। ତାଙ୍କର ୪୦ ବର୍ଷ ଶାସନ ମଧ୍ୟରେ କୃଷି କ୍ଷେତ୍ରରେ ବହୁବିଧ ଉନ୍ନତି ହୋଇଥିବାରୁ ଚୀନବାସୀ ତାଙ୍କୁ 'କୃଷିର ପିତା' ହିସାବରେ ସମ୍ମାନ ଦେଇଥାଆନ୍ତି। ଦିନେ ସମ୍ରାଟ ସେଙ୍ଗ ନୁଙ୍ଗ ବଗିଚାରେ ବସି ପାଣି ଫୁଟାଉଥିବା ବେଳେ ନିକଟବର୍ତ୍ତୀ ବୃକ୍ଷର ଦୁଇ ତିନୋଟି ଶୁଖିଲାପତ୍ର ଉଡ଼ି ଉଡ଼ି ସେହି ଫୁଟିଲା ପାଣିରେ ପଡ଼ିଯାଇଥିଲା। ସମ୍ରାଟ ଉକ୍ତ ଶିଝାପାଣି ଚାଖିଲେ। ତାଙ୍କୁ ଏହି ପତ୍ରର ସିଝାପାଣି ଏତେ ଭଲଲାଗିଲା ଯେ ସେ ଦୈନିକ ଏହା ପାନ କରିବାରେ ଲାଗିଲେ। ଏହାହିଁ ଥିଲା ଚୀନ ଦେଶରେ ପ୍ରଥମ ଚା'। ଖୁବଶୀଘ୍ର ଏହି 'ପତ୍ରଫୁଟା ପାଣି' ବା ଚା' ରାଜମହଲରୁ ବାହାରକୁ ଆସି ସମଗ୍ର ଚୀନ ଦେଶରେ ଏକ ନୂତନ ଓ ଲୋକପିୟ ପାନୀୟ ହିସାବରେ ପ୍ରଚଳିତ ହୋଇଗଲା। ଏହା ଦେଖି ସରକାର ରାଜସ୍ୱ ଆଦାୟ ଲକ୍ଷ୍ୟରେ ଖ୍ରୀଷ୍ଟାବ୍ଦ ୭୮୦ରେ ସେ ଦେଶରେ ଚା'ଉପରେ ଟିକସ ବସାଇ ଦେଇଥିଲେ। ଚା' ଉତ୍ପାଦନ, ଚାଷ, ରପ୍ତାନି ଓ ବିଶେଷ ଭାବେ ଏଥିରେ ସଂପୃକ୍ତ ସଭିଙ୍କର ସହାୟତା ନିମନ୍ତେ ଚୀନର ବିଖ୍ୟାତ୍ ଶିକ୍ଷାବିତ୍ ଓ କବି 'ଲୟ' ଚେ ଜୀଙ୍ଗ୍' ଦି କ୍ଲାସିକ ଅଫ୍ ଟି'ନାମରେ ଏକ ଉପାଦେୟ ପୁସ୍ତକ ରଚନା କରିଥିଲେ। ଆଜିକାଲି ମିଳୁଥିବା ସବୁଜ, କଳା ଓ ପାଉଁଶିଆ ରଙ୍ଗର ଚା' ପତ୍ର ଚୀନର ମିଙ୍ଗ୍ ରାଜବଂଶ (୧୩୬୮–୧୬୪୪) ପ୍ରଥମେ ପ୍ରଚଳନ କରିଥିଲେ । ଚା' ଶବ୍ଦର ଆରମ୍ଭ ଚୀନ ଓ ଜାପାନ ଦେଶର ମୂଳ ଭୂଖଣ୍ଡରେ ପ୍ରଚଳିତ ଭାଷା ଅନୁଯାୟୀ ହୋଇଥିଲା । ଇଂରେଜମାନଙ୍କ ଦ୍ୱାରା ଏହାର ପ୍ରଚଳିତ ନାମଟି ରଖାଯାଇ ଥିବାବେଳେ ଜାପାନର ଫୁଜିଆନ ପ୍ରଦେଶରେ ଚା'କୁ ଟେ କୁହାଯାଉଥିଲା। ବିଶ୍ୱଦରବାରରେ ଚା'ର ପ୍ରଚଳନ ଓ ଏହାର ଆମଦାନୀ ଓ ରପ୍ତାନୀ ଦିଗରେ ହଲାଣ୍ଡବାସୀଙ୍କ ଅବଦାନ ଅବିସ୍ମରଣୀୟ। ସେମାନେ ପ୍ରଥମେ ଫୁଜିଆନ ମାନଙ୍କ ସହିତ ଯୋଗାଯୋଗ ରଖି ସେଠାରୁ ପଶ୍ଚିମ ଗୋଲାର୍ଦ୍ଧର ବିଭିନ୍ନ ଦେଶରୁ ଚା' ଆମଦାନୀ କରିଥିଲେ। ପରବର୍ତ୍ତୀ ସମୟରେ ସେମାନେ ବିଭିନ୍ନ ୟୁରୋପୀୟ ଦେଶଗୁଡ଼ିକୁ ଚା' ଚାଲାଣ କରିଥିଲେ। ପର୍ତ୍ତୁଗାଲ, ରୁଷ ଓ ଚୀନ ସହିତ ସ୍ୱତନ୍ତ୍ରଭାବେ ଚା' ବ୍ୟବସାୟ ଚାଲୁ ରଖିଥିଲେ। ପର୍ତ୍ତୁଗାଲରେ ଚା'କୁ 'ଟେ', ରଷରେ 'ଚାଇ' ଏବଂ ଲଣ୍ଡନରେ 'ଟେ' କୁହାଯାଉଥିଲା। ଏବେ ପୃଥିବୀର ବିଭିନ୍ନ ଦେଶରେ ଚା'କୁ ଇଂରାଜୀରେ ଟି କୁହାଯାଉଛି। ଏଇହେଲା ସର୍ବଜନ ଆଦୃତ ଆମର ଏକାନ୍ତ ପ୍ରିୟ ଚା'ର କାହାଣୀ। ଆଜିକାଲି ଆମ ଦେଶର ଗାଁଠାରୁ ଆରମ୍ଭ କରି ସହର ବଜାର ସବୁଆଡେ ଚା'ର ଆଦର। ଏବେ ଫୁଲବାଣୀର ଷ୍ଟେଟବ୍ୟାଙ୍କ ଛକ, ସମ୍ବଲପୁର ଗୋଲବଜାର, କେନ୍ଦୁଝରର ବ୍ୟାଙ୍କ ଛକ, ବ୍ରହ୍ମପୁର ବ୍ରହ୍ମେଶ୍ୱର ମନ୍ଦିର ଛକ, କୋରାପୁଟର ପାଲେସ ବଜାର, କଟକର କଲେଜ ଛକ କିମ୍ବା ପୁରୀ ମାର୍କେଟ ଛକର ଉମାଶଙ୍କର ଚା' ଦେକାନରେ ଶୀତ ଶକାଳର ଭୋର ୫ଟାରେ ରାସ୍ତା କଡରେ ଠିଆହେଇ ବନ୍ଧୁମେଳରେ ଚା ପିଇବାର ମଜା ନିଆରା– ପିଇଚି ଯିଏ କାଣିଚି ସିଏ। ଶୀଘ୍ର ଆସନ୍ତୁ, ଶୀତଦିନ ସରି ଯାଉଚି ଯେ !

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଆମ ଓଡ଼ିଶାର ଅସ୍ମିତା : ଜଗନ୍ନାଥ ସଂସ୍କୃତି



ଜଗନ୍ନାଥ ଓ ବଳଭଦ୍ର ସଂସ୍କୃତି ଯେପରି ଓଡ଼ିଆ ଅସ୍ମିତା ବା ସ୍ୱାଭିମାନର ପ୍ରାଣକେନ୍ଦ୍ର ଠିକ ସେହିପରି କୃଷି ଓ ଗୋପାଳନ ହେଉଛି ଓଡ଼ିଆ ସଂସ୍କୃତି ଓ ଅର୍ଥନୀତିର ମୌଳିକ କ୍ଷେତ୍ର। ଜୟଦେବଙ୍କ ଗୀତଗୋବିନ୍ଦ ଅନୁସାରେ ଭଗବାନ ବିଷ୍ଣୁଙ୍କ ଅଷ୍ଟମ ଅବତାର ହେଉଛନ୍ତି ବଳରାମ, ଯିଏ ହେଉଛନ୍ତି ବଳଭଦ୍ର। ବଳଭଦ୍ର ଓ ଜଗନ୍ନାଥ ହେଉଛନ୍ତି କୃଷି ଓ ଗୋପାଳନର ପ୍ରବକ୍ତା ଓ ପ୍ରବର୍ତ୍ତକ। ଏ ଦୁଇ ଆର୍ଥନୀତିକ କର୍ମ ବିଶ୍ୱ ତାପନ, ପାଗ ପରିବର୍ତ୍ତନ, ଖାଦ୍ୟ ସଂକଟ, ବାୟୁ-ମୃତ୍ତିକା-ଜଳ ପ୍ରଦୂଷଣ ଏବଂ ବେକାରୀ ଆଦି ସମସ୍ୟାର ସମାଧାନ କରିପାରିବ। ଭୁବନେଶ୍ୱରର ବୁଦ୍ଧ ମନ୍ଦିରରେ ଆୟୋଜିତ ପ୍ରତୀକାତ୍ମକ ଗହ୍ମା ପର୍ବରେ ବକ୍ତାମାନେ ଜଗନ୍ନାଥ ଓ ବଳଭଦ୍ର ତତ୍ତ୍ୱ ସଂପର୍କରେ ଏଭଳି ଅନେକ କଥାର ଅବତାରଣା କରିଛନ୍ତି।

ପାଟରା ଜାତିର ଇଷ୍ଟ ହେଉଛନ୍ତି ପ୍ରଭୁ ବଳଭଦ୍ର। ନିଖିଳ ଉତ୍କଳ ପାଟରା ସମିତି ତରଫରୁ ବଳଭଦ୍ର ତତ୍ତ୍ୱର ପ୍ରଚାର ପ୍ରସାର ପାଇଁ ଆୟୋଜିତ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିରେ ସମିତିର ସଭାପତି ଡାକ୍ତର ରୁଦ୍ର ନାରାୟଣ ପୃଷ୍ଟି। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଦେବେନ୍ଦ୍ର ପୃଷ୍ଟି, ଅମରନାଥ ପରିଡ଼ା, ଆଇନଜୀବୀ ବୀରନାରାୟଣ ପାତ୍ର, ଯୁବନେତା ଆଶିଷ ସାହୁ, ସରୋଜ ପାତ୍ର, ଶିକ୍ଷାବିତ ଦୀନବନ୍ଧୁ ସାହୁ ପ୍ରମୁଖ ଗହ୍ମା ପର୍ବ ଓ ବଳଭଦ୍ରଙ୍କ ମହିମା ସଂପର୍କରେ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିରେ ପୂର୍ବତନ ବିରୋଧୀ ଦଳ ନେତା ସଚ୍ଚିଦାନନ୍ଦ ଦଲାଲଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ବ୍ୟତିତ କଟକ କର୍କଟ ପ୍ରତିଷ୍ଠାର ଡାକ୍ତର ଏସଏନ ସେନାପତିଙ୍କ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୪ ଚକଳା ମନୋନୀତ ୧୪ ଜଣ ବ୍ୟକ୍ତି ତଥା ପ୍ରତିଭାଙ୍କୁ ମଧ୍ୟ ଏହି ଅବସରରେ ଉପଢୌକନ, ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରାଯାଇଥିଲା। ପର୍ବ ଅବସରରେ ପାଟରା ଜାତିର ଜଣେ ମେଧାବୀ ମେଡିକାଲ ଛାତ୍ର ରଘୁନାଥ ବେହେରାଙ୍କୁ ୧୦ ହଜାର ଟଙ୍କାର ପ୍ରସାହନ ରାଶି ପ୍ରଦାନ କରାଯାଇଥିଲା। ପର୍ବରେ ଶିଶୁ କଳାକାର ସାଇଶ୍ରୀ ବେହେରା ଓ ପଦ୍ମାଳୟା ପୃଷ୍ଟି ଓଡ଼ିଶୀ ନୃତ୍ୟ, ସଂଗୀତ ପରିବେଷଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପାଟରା ସମିତିର ଉପସଭାପତି ସଂଜୟ ପାତ୍ର, ଆଲୋକ ସାହୁ, ସାଧାରଣ ସଂପାଦକ ରବୀନ୍ଦ୍ରନାଥ ସେନାପତି, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ପାତ୍ର, ଆୟୋଜକ କମିଟିର ଭୁବନାନନ୍ଦ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସାହୁ. ଆନନ୍ଦ ସାହୁ, ରବୀନ୍ଦ୍ର ସାହୁ ଓ ଗୋଲକ ସାହୁ ପ୍ରମୁଖ ପ୍ରାୟ ୩୦୦ ପାଟରା ପ୍ରତିନିଧି ଯୋଗ ଦେଇଥିଲେ।

# ଶ୍ରୀରାମ ଚରିତ ମାନସ ପୁରୀରେ ଲେଖାଯାଇଥିଲା : ଗବେଷଣା

ଶ୍ରୀରାମଚରିତମାନସ ଭାରତର ଏକ ପ୍ରସିଦ୍ଧ ଭକ୍ତିଗ୍ରନ୍ଥ। ଏଯାବତ ବିଶ୍ୱାସ କରାଯାଇଛି ଯେ ଏହି ପ୍ରସିଦ୍ଧ ଭକ୍ତି ଗ୍ରନ୍ଥଟିକୁ ସନ୍ଥ ତୁଳସୀ ଦାସ ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟା ଠାରେ ରଚନା କରିଥିଲେ। କିନ୍ତୁ ତୁଳସୀ ତାଙ୍କର ସର୍ବଶ୍ରେଷ୍ଠ କୃତି ରାମଚରିତମାନସକୁ ଯେ ଓଡ଼ିଶାର ପୁରୀଠାରେ ରଚନା କରିଥିଲେ ଏ ସମ୍ବନ୍ଧରେ ଯଥେଷ୍ଟ ପ୍ରମାଣ ସେ ନିଜେ ରାମଚରିତମାନସରେ ହିଁ ଲିପିବଦ୍ଧ କରିଯାଇଛନ୍ତି। ମାନସର ବାଳକାଣ୍ଡରେ ତୁଳସୀ ଲେଖିଛନ୍ତି, 'ସବ ବିଧି ପୁରୀ ମନୋହର ଜାନି, ସକଲ ସିଦ୍ଧି ପ୍ରଦ ମଙ୍ଗଲ ଖାନି, ବିମଲ କଥା କର କୀନ୍ହ ଆରମ୍ଭା'। ଏହି ପଂକ୍ତିରେ ତୁଳସୀ ଦାସ ଅତି ସ୍ପଷ୍ଟ ଭାବରେ ଲେଖିଛନ୍ତି, ସବୁଠାରୁ ମନୋହର ସ୍ଥାନ, ମଙ୍ଗଳ ପ୍ରଦ ସ୍ଥାନ 'ପୁରୀ' ଠାରେ ସେ ଏହି ବିମଳ କଥାକୁ ଆରମ୍ଭ କଲେ। ଅନେକ ବିଶ୍ୱାସ କରନ୍ତି, ତୁଳସୀ ଦାସଙ୍କ ସୂଚୀତ ଏହି ପୁରୀ ହେଉଛି ଶ୍ରୀରାମଙ୍କ ଜନ୍ମସ୍ଥାନ ଅଯୋଧ୍ୟାପୁରୀ। କିନ୍ତୁ ପ୍ରକୃତରେ ତୁଳସୀଙ୍କ ସୂଚୀତ ଏହି 'ପୁରୀ' ହେଉଛି ଶ୍ରୀଜଗନ୍ନାଥଙ୍କ ଧାମ 'ପୁରୀ'। ଏ ସମ୍ବନ୍ଧରେ ଯଥେଷ୍ଟ ତଥ୍ୟ ତୁଳସୀ ମାନସରେ ହିଁ ଲିପିବଦ୍ଧ କରିଯାଇଛନ୍ତି। ରାମଚରିତମାନସର ରଚନା ସମୟ ବିଷୟରେ ଆଲୋଚକମାନେ ମତ ଦିଅନ୍ତି, ଏହା ୧୫୭୪ରୁ ୧୫୭୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚିତ ହୋଇଥିଲା। ଏହି ସମୟ ମଧ୍ୟରେ ପୁରୀଠାରେ ଯେଉଁ ପ୍ରମୁଖ ଘଟଣା ଘଟିଥିଲା ତାହା ଥିଲା ଦାରୁବିଗ୍ରହଙ୍କ ନବକଳେବର। ଏହି ନବକଳେବର ହୋଇଥିଲା ୧୫୭୫ ଖ୍ରୀଷ୍ଟାବ୍ଦରେ। ତେଣୁ ନବକଳେବର ସମ୍ବନ୍ଧିତ ପ୍ରସ୍ତୁତିର ସମୟ ଥିଲା ୧୫୭୪ ଖ୍ରୀଷ୍ଟାବ୍ଦର ଶେଷ ସମୟ। ମାନସର ବାଳକାଣ୍ଡରେ ତୁଳସୀ ଲେଖିଛନ୍ତି, 'ଦାରୁ ବିଚାର କି କରଇ କୋଉ ବନ୍ଦିଅ ମଲୟ ପ୍ରସଙ୍ଗ'। ଏହି ଧାଡ଼ିକୁ ବ୍ୟାଖ୍ୟା କରି ବ୍ୟାଖ୍ୟାକାର ଯାହା କୁହନ୍ତି ତାହା ମାନସର ପ୍ରଥମ ଅର୍ଥ। କିନ୍ତୁ ଦ୍ୱିଅର୍ଥରେ ତୁଳସୀଙ୍କ ଏହି ସୂଚନା ହେଉଛି ନବକଳେବର ନିମନ୍ତେ ଦାରୁବିଗ୍ରହଙ୍କ ଦାରୁ ସମ୍ବନ୍ଧରେ ବିଚାର ବିମର୍ଷର ସୂଚନା। ଏହା ପରେ ଦାରୁଙ୍କ ମଧ୍ୟରେ ବ୍ରହ୍ମ ପ୍ରତିଷ୍ଠା ସମ୍ବନ୍ଧରେ ସୂଚନା ଦେଇ ଦ୍ୱିଭାଷୀରେ ତୁଳସୀ ସୂଚାଇଛନ୍ତି, 'ଏକ ଦାରୁ ଗତ ଦେଖିଅ ଏକୁ, ପାଓକ ସମ ଯୁଗ ବ୍ରହ୍ମ ବିବେକୁ'। ଏଠାରେ ତୁଳସୀ ଦୁଇଟି ବ୍ରହ୍ମଙ୍କ ବିଷୟରେ ସୂଚନା ଦେଇଛନ୍ତି। ପ୍ରଥମ ହେଉଛନ୍ତି ପରଂବ୍ରହ୍ମ ଯାହାଙ୍କୁ ଦାରୁଙ୍କ ମଧ୍ୟରେ ସ୍ଥାପନ କରାଗଲା। ଦ୍ୱିତୀୟ ବ୍ରହ୍ମ ହେଉଛନ୍ତି ଗୁରୁବ୍ରହ୍ମ ଯାହାଙ୍କୁ ସେ ନିଜ ସମ୍ମୁଖରେ ଦେଖୁଥିଲେ।

ଏଇଠି କହିରଖୁ ତୁଳସୀଙ୍କ ଗୁରୁ ଥିଲେ ଓଡ଼ିଶାର ପ୍ରସିଦ୍ଧ ସନ୍ଥ ଶିଶୁ ଅନନ୍ତ ଦାସ। ତୁଳସୀଙ୍କ ଗୁରୁ ଅନନ୍ତଙ୍କ ବିଷୟରେ ଏଠାରେ ବିଶେଷ କିଛି ଉଲ୍ଲେଖ ନକରି କେବଳ ଏତିକି କହିବାକୁ ଚାହୁଁ, ଅନନ୍ତଙ୍କ ବାଣୀ ଥିଲା, 'ଗୁରୁଟି ଆପେ ବ୍ରହ୍ମ ରାଶି'। ସେଥିପାଇଁ ତୁଳସୀ ଲେଖିଲେ, 'ଦେଖିଅ ଏକୁ..' ଅର୍ଥାତ ସେଠାରେ ଉପସ୍ଥିତ ଥିବା ତାଙ୍କ ଗୁରୁ ଶିଶୁ ଅନନ୍ତଙ୍କୁ ସେ ସମ୍ମୁଖରେ ଦେଖୁଥିଲେ। ଅନନ୍ତଙ୍କ ଭକ୍ତିର ଆଧାର ଥିଲା ହେତୁ। ତୁଳସୀ ଯେଉଁଠି ଦାରୁ ଶବ୍ଦର ପ୍ରୟୋଗ କରିଛନ୍ତି ସେହି ଦୋହାର ଚୌପାଇରେ ସେ 'ଅନନ୍ତ' ଏବଂ 'ହେତୁ' ଶବ୍ଦର ପ୍ରୟୋଗ କରି ସୂଚାଇ ଦେଇଛନ୍ତି ଯେ ସେ ଶିଶୁ ଅନନ୍ତଙ୍କ କଥା ହିଁ କହିଛନ୍ତି। କେବଳ ସେତିକି ନୁହେଁ ଦୋହାଟିର ପ୍ରଥମ ଧାଡ଼ିରେ 'ପ୍ରିୟ ଲାଗହି .. ରାମ ଜସ ସଙ୍ଗ' ଉଲ୍ଲେଖ କରି ଦ୍ୱିଅର୍ଥରେ ଗଜପତି ରାମଚନ୍ଦ୍ରଦେବଙ୍କ କଥା ମଧ୍ୟ ସୂଚୀତ କରିଛନ୍ତି। ୧୫୭୫ର ଏହି ନବକଳେବର କରାଇବାରେ ତୋଡରମଲଙ୍କର ପ୍ରଚ୍ଛନ୍ନ ଭୂମିକା ଥିଲା। ତୋଡରମଲ ସେ ସମୟରେ ଓଡ଼ିଶାରେ ହିଁ ଅବସ୍ଥାନ କରୁଥିଲେ। ରାମଚରିତମାନସ ସମ୍ବନ୍ଧିତ କିଛି କାହାଣୀରେ କୁହାଯାଏ, ତୁଳସୀ ଦାସ ପୋଥିଟିକୁ ମିତ୍ର ତୋଡରମଲଙ୍କ ପାଖରେ ରଖିଦେଲେ। ଅର୍ଥାତ ଏହା କାଶୀଠାରେ ନୁହେଁ ପୁରୀଠାରେ ଘଟିଥିଲା। ଏଇଠି ଗୋଟିଏ ବଡ଼ ପ୍ରଶ୍ନ ହେଉଛି ତୁଳସୀ ପୋଥିଟିକୁ କାହିଁକି ତୋଡରମଲଙ୍କୁ ଦେଲେ ? ତୋଡରମଲଙ୍କ ପରିଚୟ କଣ ? ଏହା ଏକ ଭିନ୍ନ ପ୍ରସଙ୍ଗ ଯାହା ସ୍ୱତନ୍ତ୍ର ଆଲୋଚନା ଆବଶ୍ୟକ କରେ। ତେବେ କେବଳ ଏତିକି ସୂଚନା ଦିଆଯାଇ ପାରେ, ଗଜପତି ପ୍ରତାପରୁଦ୍ରଙ୍କ ଉପାଧି ଥିଲା 'ତୋଡରମଲ'। 'ତୋଡର' ଏକ ଓଡ଼ିଆ ଶବ୍ଦ। ଯେତେବେଳେ ରାମଚନ୍ଦ୍ରଦେବ ଓଡ଼ିଶାର ରାଜା ହେଲେ ସେତେବେଳେ ଧରି ମଲ ଓଡ଼ିଶାର ଉତ୍ତରଭାଗର ରାଜା ହେଲେ ଏବଂ ତୋଡରମଲଙ୍କ ଜଣେ ପୁତ୍ରଙ୍କ ନାମଥିଲା ଧରି। ଏଠାରେ ତୋଡରମଲଙ୍କ ବିଷୟରେ ସାମାନ୍ୟ ସୂଚନା ଦେବାର କାରଣ ମାନସ ପୁରୀ ଠାରେ ଲେଖାଯାଇଥିବାର ଇତିହାସ ସମ୍ମତ ତଥ୍ୟକୁ ଉପସ୍ଥାପନ କରିବା।

ରାମଚରିତମାନସର ବାଳକାଣ୍ଡର ଗୋଟିଏ ଦୋହାରେ ଦାରୁ ପ୍ରସଙ୍ଗ ଥିବା ବେଳେ ଅନ୍ୟ ଏକ ଦୋହାରେ ତୁଳସୀ ଦାସ ଲେଖିଛନ୍ତି, 'ବିନୁ ପଦ ଚଲଇ ସୁନଇ ବିନୁ କାନା, କର ବିନୁ କରମ କରଇ ବିଧି ନାନା'। ଏହି ପଂକ୍ତି ବିଷୟରେ ଅନେକ ମତ ଦିଅନ୍ତି, ଏହା ଶ୍ରୀଜଗନ୍ନାଥଙ୍କୁ ସମ୍ବୋଧନ କରି ଲେଖାଯାଇଛି ଏବଂ ଏହି ପଂକ୍ତିଟିକୁ ତୁଳସୀ ପୁରୀଠାରେ ଲେଖିଥିଲେ। ଅର୍ଥାତ ଅନେକ ଗବେଷକ ବିଶ୍ୱାସ କରିଛନ୍ତି, ରାମଚରିତମାନସ ରଚନା ଚାଲିଥିବା ସମୟରେ ତୁଳସୀ ପୁରୀରେ ଅବସ୍ଥାନ କରୁଥିଲେ; କିନ୍ତୁ ସମ୍ପୂର୍ଣ୍ଣ ରାମଚରିତମାନସ ଯେ ପୁରୀଠାରେ ରଚିତ ହୋଇଥିଲା ଏହି କଥାଟି ଉପରେ ଆଲୋକ ପଡ଼ି ପାରିନାହିଁ। ଲକ୍ଷ୍ୟ କରିବା କଥା ଯେଉଁ ବାଳକାଣ୍ଡରେ 'ତୁଳସୀ ଦାରୁ ବିଚାର କି କରଇ', 'ବିନୁପଦ ଚଲଇ ..' ଇତ୍ୟାଦି ଲେଖିଛନ୍ତି, ସେହି ବାଳକାଣ୍ଡରେ ଏକଥା ମଧ୍ୟ ଲେଖିଛନ୍ତି, 'ସବ ରଘୁବର ପୁରୀ ନିହାରୀ','ପୁରୀ ବିରାଜିତ ରାଜତି ରଜନୀ' ଏବଂ ଲେଖିଛନ୍ତି 'ଅରୁନ ଚୂଡ଼ ..'।

ଏ ସମସ୍ତ ବର୍ଣ୍ଣନାର ପ୍ରଥମ ଅର୍ଥ ରାମକଥା ହୋଇଥିବା ବେଳେ ଦ୍ୱିଅର୍ଥରେ ଏହା ଯେ ଶ୍ରୀକ୍ଷେତ୍ର ପୁରୀ ସମ୍ବନ୍ଧରେ ସୂଚନା ଏଥିରେ ସନ୍ଦେହ ରହିବା ଉଚିତ ନୁହେଁ। କାରଣ ତୁଳସୀଙ୍କ ରଘୁବର ବା ଶ୍ରୀରାମ ଥିଲେ ଶ୍ରୀଜଗନ୍ନାଥ। ଏକଥା ନିଜେ ତୁଳସୀ ଦାସ ମାନସର ଉତ୍ତରକାଣ୍ଡରେ ଦ୍ୱିଅର୍ଥରେ ସୂଚୀତ କରିଯାଇଛନ୍ତି। ତୁଳସୀ ଲେଖିଛନ୍ତି, 'ରଘୁବର ନିଜ ମୁଖ ଜାସୁ ଗୁନ ଗନ କହତ ଅଗ ଜଗନ୍ନାଥ ଯୋ'। ଅର୍ଥାତ ଇଏ ହେଉଛନ୍ତି ସେହି ରଘୁବର ଯାହାଙ୍କୁ ଗୁଣି ଜନମାନେ ଜଗନ୍ନାଥ କହୁଛନ୍ତି। ଉତ୍ତରକାଣ୍ଡର ଗୋଟିଏ ପଂକ୍ତିରେ ତୁଳସୀ ଶ୍ରୀଜଗନ୍ନାଥଙ୍କୁ ରଘୁବର ଭାବରେ ଦର୍ଶାଇ ଥିବା ବେଳେ ଅନ୍ୟ ଏକ ପଂକ୍ତିରେ ଲେଖିଛନ୍ତି, 'ଦେଖୁ ଗରୁଡ଼ ନିଜ ହୃଦୟ ବିଚାରି, ମେଁ ରଘୁବୀର ଭଜନ ଅଧିକାରୀ'। ଅର୍ଥାତ ତୁଳସୀଙ୍କୁ ରଘୁବରଙ୍କ ବା ଜଗନ୍ନାଥଙ୍କ ଭଜନ ଗାନର ଅଧିକାର ମିଳିଛି।

# ଚକ୍ରାସନ କଲେ ସୁସ୍ଥ ରହିବେ



ଏହି ଆସନ କରିବାଦ୍ୱାରା ମେରୁଦଣ୍ଡ ନମନୀୟ ହୋଇଥାଏ। ପେଟ, ଜଂଘ, ଛାତି, ଗଳାଦିକୁ ସଂପ୍ରସାରଣ କରିଥାଏ ଏବଂ ତତ୍‌ଜନୀତ ସମସ୍ୟା ପାଇଁ ଲାଭଦାୟକ ଅଟେ। ଶ୍ୱାସ ଓ ସ୍ନାୟୁ ବିଭାଗକୁ ସୁଦୃଢ଼ କରିବା ସହିତ ହାତ ଓ ଗୋଡ଼କୁ ସୁଦୃଢ଼ କରାଇଥାଏ। ଏହି ଆସନ କରିବାଦ୍ୱାରା ମେରୁଦଣ୍ଡ ନମନୀୟ ହୋଇଥାଏ। ପେଟ, ଜଂଘ, ଛାତି, ଗଳାଦିକୁ ସଂପ୍ରସାରଣ କରିଥାଏ ଏବଂ ତତ୍ ?ଜନୀତ ସମସ୍ୟା ପାଇଁ ଲାଭଦାୟକ ଅଟେ। ଶ୍ୱାସ ଓ ସ୍ନାୟୁ ବିଭାଗକୁ ସୁଦୃଢ଼ କରିବା ସହିତ ହାତ ଓ ଗୋଡ଼କୁ ସୁଦୃଢ଼ କରାଇଥାଏ। ଏହାକୁ କରିବା ପାଇଁ ପ୍ରଥମେ ପିଠିମାଡ଼ି ଚିତ୍ ?ହୋଇ ଶୋଇଯାଆନ୍ତୁ । ଦୁଇଗୋଡ଼ ଭାଙ୍ଗି ଗୋଇଠିକୁ ଅଣ୍ଟା ପାଖକୁ ଆଣନ୍ତୁ । ଦୁଇପାଦ ଏବଂ ଦୁଇ ଆଣ୍ଠୁ ମଧ୍ୟରେ ସାମାନ୍ୟ ୩୦ ସେମି ଦୂରତା ରହିବ । ଦୁଇ ପାପୁଲି କାନ୍ଧର ଉଭୟ ପାର୍ଶ୍ୱରେ ଭୂମିସ୍ପର୍ଶ କରି ରହିବ। ହାତର ଅଙ୍ଗୁଳିଗୁଡ଼ିକ କାନ୍ଧ ଆଡ଼କୁ ସିଧା ରହିବ। କହୁଣୀ ସିଧା ଉପରକୁ ରହିବ।

ଧୀରେ ଧୀରେ ଦୁଇପାପୁଲି ଓ ପାଦକୁ ଭୂମିରେ ଲଗାଇ ଶରୀରକୁ ଉପରକୁ ଉଠାନ୍ତୁ ଓ ମେରୁଦଣ୍ଡକୁ ବକ୍ର କରନ୍ତୁ। ମୁଣ୍ଡକୁ ତଳକୁ ଝୁଲେଇ ଦିଅନ୍ତୁ। ଦୁଇହାତକୁ ଗୋଇଠିର ନିକଟବର୍ତ୍ତୀ କରାନ୍ତୁ

ଦୁଇ ବାହୁ ଏବଂ ଗୋଡ଼କୁ ଯେତେ ସମ୍ଭବ ସିଧା କରନ୍ତୁ ଏବଂ ଅଧିକ ଉପରକୁ ଶରୀରକୁ ଉଠାନ୍ତୁ। ଯେତେ ସମ୍ଭବ ଶରୀରକୁ ବକ୍ର କରି ଗୋଲାକାର କରନ୍ତୁ। ଏହାପରେ ପ୍ରାରମ୍ଭିକ ସ୍ଥିତିକୁ ଫେରିଆସନ୍ତୁ। ପ୍ରଥମେ କାନ୍ଧ ଏବଂ ମୁଣ୍ଡକୁ ତଳେ ଲଗାନ୍ତୁ ତା'ପରେ ଅଣ୍ଟା ଓ ପିଠି ଲଗାନ୍ତୁ। ପରିଶେଷରେ ଶବାସନରେ ବିଶ୍ରାମ ନିଅନ୍ତୁ। ପେଟ ଘା', କୌଣସି ପ୍ରକାରର ଶାରିରୀକ ଯନ୍ତ୍ରଣା, ଜ୍ୱର, ମେରୁଦଣ୍ଡ ଗତ ସମସ୍ୟା, ଉଚ୍ଚରକ୍ତଚାପ, ହୃଦ୍ ?ରୋଗ ଆଦି କୌଣସି ପ୍ରକାରର ସମସ୍ୟା ଥିଲେ ଏହା ବର୍ଜନୀୟ। ଏହା ସହିତ ଗର୍ଭାବସ୍ଥାରେ ଏହାକୁ କରିବେ ନାହିଁ।

# ଶୀତ ଦିନରେ କିପରି ନେବେ ମେକଅପ୍

ଶୀତ ଦିନ ଆସିବା ମାତ୍ରେ ଆମ ତ୍ୱଚାକୁ ନେଇ ବହୁ ଚିନ୍ତାରେ ରହିଥାଉ। କାହିଁକି ନା ଶୀତ ଦିନେ ଆମ ତ୍ୱଚା ବହୁତ ଡ୍ରାଏ ହୋଇଯାଏ। ସେଥିପାଇଁ ଆମେ ଯଦି ତ୍ୱଚା ଉପରେ ଧାନ ନଦେବା, ଆଗକୁ ଯାଇ ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଆହୁରୀ ବଢ଼ିଯିବ। ଶୀତ ଦିନ ଆସିବା ମାତ୍ରେ ଆମ ତ୍ୱଚାକୁ ନେଇ ବହୁ ଚିନ୍ତାରେ ରହିଥାଉ। କାହିଁକି ନା ଶୀତ ଦିନେ ଆମ ତ୍ୱଚା ବହୁତ ଡ୍ରାଏ ହୋଇଯାଏ। ସେଥିପାଇଁ ଆମେ ଯଦି ତ୍ୱଚା ଉପରେ ଧାନ ନଦେବା, ଆଗକୁ ଯାଇ ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଆହୁରୀ ବଢ଼ିଯିବ। ଏହି ପରିସ୍ଥିତିରେ ଯଦି ଆପଣ କୌଣସି ବାହାଘର କିମ୍ବା ପାର୍ଟିକୁ ଯାଉଛନ୍ତି, ତାହାଲେ ମେକଅପ ପ୍ରତି ଧ୍ୟାନ ଦଅନ୍ତୁ। ନହେଲେ ଡ୍ରାଏ ପାଇଁ ମେକଅପ ପୂରା ଖରାପ ହୋଇଯିବ । ଶୀତଦିନେ ମେକ୍ଅପ୍ ? ନେବା ପୂର୍ବରୁ, ସ୍କିନ୍‌କୁ ଏକ ଭଲ ମଶ୍ଚରାଇଜରରେ ଧୀରେ ଧୀରେ ମସାଜ କରିବେ। ଅତିକମ୍‌ରେ ୨ ମିନିଟ୍, ପାଇଁ ମସାଜ୍, କରିବା ଜରୁରୀ। ଯାହାଦ୍ୱାରା ମୁହଁରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବ ଏବଂ ମେକ୍ଅପ୍ ପରେ ଚେହେରା ଅଧିକ ସୁନ୍ଦର ଦେଖାଯିବ। ଏହାସହ ମେକ୍ଅପ୍ ପରେ ମୁହଁ ଶୁଖିଲା ମଧ୍ୟ ଦେଖାଯିବ ନାହିଁ ।

ଫାଉଣ୍ଡେସନ୍‌ରେ ତେଲ ମିଶାଇ ମୁହଁରେ ବ୍ୟବହାର କରନ୍ତୁ । ଆପଣଙ୍କ ସ୍କିନ୍ ଡ୍ରାଏ, ତାହେଲେ ଆପଣ ମେକ୍ଅପ୍ ? କରିବା ପୁର୍ବରୁ ଫାଉଣ୍ଡେସନ୍‌ରେ ଦୁଇ ବୁନ୍ଦା ମୁହଁରେ ବ୍ୟବହାର ହେଉଥିବା ତେଲ ମିଶାଇ ଦିଅନ୍ତୁ। ତାପରେ ହିଁ ସେହି ଜିନିଷକୁ ବେକ, ମୁହଁ ଓ ହାତରେ ଲଗାଇ ଦିଅନ୍ତୁ। ତେବେ ଏପରି କରିବା ଦ୍ୱାରା ଆପଣ ମେକ୍ଅପ୍ ନେବା ପରେ ଆପଣଙ୍କ ମୁହଁ ଡ୍ରାଏ ଦେଖାଯିବ ନାହିଁ ।

ଶୀତଦିନେ ଅତ୍ୟଧିକ ମେକଅପ୍ ଲଗାଇବା ଦ୍ୱାରା ସ୍କିନ୍ର ପ୍ରାକୃତିକ ଚମକ କମିଯାଏ। ଯଦି ଆପଣ କେବଳ ହାଲୁକା ମେକଅପ୍ କରନ୍ତି ତେବେ ଏହା ଭଲ ହେବ। କିନ୍ତୁ ଫାଉଣ୍ଡେସନ୍ ଲଗାଇବା ପରେ ହାଇଲଟ୍ ?ର ବ୍ୟବହାର କରିବେ।



# ଲକ୍ଷଣ ନଥିଲେ ମଧ୍ୟ ଏହିସବୁ ରୋଗ ବଢୁଥାଏ

ସାଧାରଣତଃ ଶରୀରରେ କୌଣସି ସମସ୍ୟା ଥିଲେ ତାହା ଆପଣାଛାଏଁ ସଙ୍କେତ ଦେଇ ଦେଇଥାଏ । କିନ୍ତୁ ଆପଣମାନେ ଜାଣନ୍ତି କି ଏମିତି ଅନେକ ଗମ୍ଭୀର ରୋଗ ଅଛି ଯାହାକୁ ସାଇଲେଣ୍ଟ କିଲର କୁହାଯାଏ। ଏହି ରୋଗଗୁଡ଼ିକ କୌଣସି ସଙ୍କେତ ବିନା ଧୀରେଧୀରେ ଶରୀରରେ ପ୍ରଭାବ ବିସ୍ତାର କରିଚାଲିଥାଏ। ଯାହାଫଳରେ ଆଗାମୀ ଦିନରେ ଯକୃତ, ବୃକକ୍ ଏବଂ ପାନକ୍ରିୟାସ୍ ଭଳି ଅଙ୍ଗଗୁଡ଼ିକ ନଷ୍ଟ ହେବାକୁ ଲାଗିଥାଏ। ତେଣୁ, ଏହି ରୋଗଗୁଡ଼ିକ ପ୍ରତି ସଚେତନ ରହିବା ନିହାତି ଆବଶ୍ୟକ। ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ଏକ ସୁସ୍ଥ ଜୀବନଶୈଳୀ ଏବଂ ସମୟାନୁସାରେ ସ୍କ୍ରିନିଂ ଏହି ଲୁକ୍କାୟିତ ବିପଦରୁ ରକ୍ଷା କରିବାର ସବୁଠାରୁ ପ୍ରଭାବଶାଳୀ ଉପାୟ। ଯକୃତରେ ଅତ୍ୟଧିକ ଚର୍ବି ଜମା ହୋଇ ରହିଛି କି। ଡାକ୍ତର ଆପଣଙ୍କୁ ଫ୍ୟାଟି ଲିଭରର ସଙ୍କେତ ଦେଇଛନ୍ତି କି ? ଶରୀରରେ ଯଦି ଏହି ସମସ୍ୟା ରହିଛି ତେବେ ଆଗାମୀ ଦିନରେ ଆପଣଙ୍କ ଜୀବନ ବିପଦରେ ପଡ଼ିପାରେ। ପ୍ରାରମ୍ଭିକ ସମୟରେ ଏହା କୌଣସି ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଦେଖାଦିଏ ନାହିଁ। ଏହି କାରଣରୁ ଅନେକ ଲୋକ ଏହାକୁ ଗମ୍ଭୀରତାର ସହ ନିଅନ୍ତି ନାହିଁ। ଯଦି ଏହାର ଶୀଘ୍ର ସମାଧାନ ନ କରାଯାଏ, ତେବେ ଏହା ଯକୃତକୁ ଧୀରେଧୀରେ ନଷ୍ଟ କରି ଦେଇଥାଏ। ହୃଦରୋଗ ମଣିଷ ମୃତ୍ୟୁର ପ୍ରମୁଖ କାରଣ ପାଲଟିଗଲାଣି। ପ୍ରାରମ୍ଭିକ ପର୍ଯ୍ୟାୟରେ ହୃଦରୋଗ ଥିଲେ ଏହା କୌଣସି ପ୍ରକାର ଲକ୍ଷଣ ଦେଖା ଦେଇ ନଥାଏ। ଉଦାହରଣ ସ୍ୱରୂପ ଧମନୀଗୁଡ଼ିକ ଧୀରେ ଧୀରେ ସଂକୁଚିତ ହୁଏ, କୌଣସି ଯନ୍ତ୍ରଣା କିମ୍ବା ଅସ୍ୱସ୍ତିକର ଅନୁଭବ ହୁଏ ନାହିଁ କିନ୍ତୁ ହଠାତ୍ ହୃଦଘାତ ହେବାର ଆଶଙ୍କା ରହିଥାଏ। ସାଇଲେଣ୍ଟ ହାର୍ଟଆଟାକ ଅତ୍ୟନ୍ତ ବିପଜ୍ଜନକ । ଏହି ହାର୍ଟଆଟାକ ହେଲେ ଛାତିରେ ଯନ୍ତ୍ରଣା ହୋଇ ନଥାଏ କିନ୍ତୁ ଥକ୍କାପଣ, ହାଲୁକା ଯନ୍ତ୍ରଣା, ଶ୍ୱାସକ୍ରିୟାରେ ସାମାନ୍ୟ ସମସ୍ୟା ଦେଖା ଦେଇଥାଏ ଯାହାକୁ ଲୋକମାନେ ପ୍ରାୟତଃ ଅଣଦେଖା କରି ଦେଇଥାଆନ୍ତି। ଉଚ୍ଚ ରକ୍ତଚାପ ବି ସାଇଲେଣ୍ଟ କିଲର ରୋଗ ତାଲିକାରେ ସାମିଲ ଅଛି । ଏହା ପ୍ରାୟତଃ କୌଣସି ସତର୍କ ସୂଚନା ବିନା ମାଡ଼ିମାଡ଼ି ଚାଲିଥାଏ। ଏହା ଧୀରେଧୀରେ ରକ୍ତବାହୀ ନଳୀକୁ କ୍ଷତି ପହଞ୍ଚାଇବା ସହିତ ହୃଦଘାତ, ଷ୍ଟ୍ରୋକ ଏବଂ ବୃକକ୍ ବିଫଳତାର କାରଣ ହୋଇପାରେ।

ଏଚଆଇଭି ସଂକ୍ରମଣ ପ୍ରାରମ୍ଭରେ କୌଣସି ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଦେଖାଇ ନଥାଏ । ପ୍ରାୟତଃ, ହାଲୁକା ଜ୍ୱର କିମ୍ବା ଗଳା ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଏ। ଯାହାକୁ ଲୋକମାନେ ପ୍ରାୟତଃ ଅଣଦେଖା କରିଥାଆନ୍ତି ଏବଂ ଭାବିଥାନ୍ତି ଯେ ଏହା ଏକ ସାଧାରଣ ଭାଇରସ୍ ସଂକ୍ରମଣ। ତଥାପି ଏହି ଭାଇରସ୍ ଧୀରେଧୀରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରି ଦେଇଥାଏ।

ଏହି ରୋଗରେ ଶରୀରର ଇନସୁଲିନ୍ ଠିକ୍ ଭାବରେ ପ୍ରତିକ୍ରିୟା କରେ ନାହିଁ କିମ୍ବା ପର୍ଯ୍ୟାପ୍ତ ଇନସୁଲିନ୍ ଉତ୍ପାଦନ କରେ ନାହିଁ। ପ୍ରାରମ୍ଭରେ ଏହା କୌଣସି ସ୍ପଷ୍ଟ ଲକ୍ଷଣ ଦେଖାଇ ନଥାଏ କିନ୍ତୁ ଧୀରେ ଧୀରେ ଏହା ହୃଦୟ, ବୃକକ୍, ଆଖି ଏବଂ ସ୍ନାୟୁକୁ କ୍ଷତି ପହଞ୍ଚାଇବା ଆରମ୍ଭ କରି ଦେଇଥାଏ। ସୁସ୍ଥ ଯକୃତ ପାଇଁ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ ନିୟମିତ ବ୍ୟାୟାମ କରନ୍ତୁ। ଓଜନକୁ ନିୟନ୍ତ୍ରଣ ରଖିବା ସହିତ ନିୟମିତ ଯକୃତ ପରୀକ୍ଷା କରନ୍ତୁ।

# ମଟରର ଚୋପାରେ ଥାଏ ଭିଟାମିନ



ପରିବା ଏବଂ ଫଳ ଆମ ଶରୀର ପାଇଁ ଅନେକ ଲାଭଦାୟକ ହୋଇଥାଏ। ଏଥିରେ ରହିଥିବା ନାନାଦି ପ୍ରକାର ଭିଟାମିନ୍ ଏବଂ କ୍ୟାଲସିୟମ ଆମ ଶରୀରର ଅନେକ ଆବଶ୍ୟକତାକୁ ପୂରଣ କରିବାରେ ସାହାର୍ଯ୍ୟ କରିଥାଏ। ଡାକ୍ତର ମାନେ ବି ପ୍ରତ୍ୟେହ ଫଳ ଏବଂ ଭରପୁର ସବୁଜ ପନିପରିବା ଖାଇବାକୁ ପରାମର୍ଶ ଦେଇଥାଆନ୍ତି। କିନ୍ତୁ ଆମେ ପ୍ରତ୍ୟେକ ପନିପରିବା ବା ଫଳକୁ ଖାଇବା ସମୟରେ ତା ଦେହରୁ ବାହାରୁଥିବା ଚୋପାକୁ ଫୋପାଡି ଦେଇଥାଉ। କିନ୍ତୁ ଏଭଳି କିଛି ଫଳ ରହିଛି ଯାହାର ଚୋପା ପୋଷକ ତତ୍ତ୍ୱରେ ପରିପୁଣ ହେବା ସହ ଶରୀର ପାଇଁ ଅଧିକ ଲାଭଦାୟକ ହୋଇଥାଏ। ଶୀତଦିନେ ବଜାରରେ ଗ୍ରୀନ୍ ମଟର ସୁବିଧାରେ ଉପଲବ୍ଧ ହୋଇଥାଏ। ମଟରକୁ ଆମେ ମଟର ସୁପ, ପନିର ମଟର ତରକାରୀ, ଉପମା ପରି କେତେ ବ୍ୟଞ୍ଜନରେ ବ୍ୟବହାର କରିଥାଉ। ସାଧାରଣତଃ ମଟରକୁ ବ୍ୟବହାର କରି ଆମେ ସେଥିରୁ ବାହାରୁ ଥିବା ଚୋପାକୁ ଫୋପାଡି ଦେଇଥାଉ। କେତେ ଲୋକ ମଟରରୁ ବାହାରୁଥିବା ଚୋପାକୁ ଗାଇଗୋରୁଙ୍କୁ ଖାଇବାକୁ ଦେବାରେ ବ୍ୟବହାର କରିଥାଆନ୍ତି। ଆୟୁର୍ବେଦ ଏବଂ ବୈଜ୍ଞାନିକ ଗବେଷଣା ଅନୁସାରେ ମଟର ଦାନା ପରି ଏହାର ଚୋପା ଶରୀର ପାଇଁ ବରଦାନ ଅଟେ। ତେବେ ଆସନ୍ତୁ ଏହାର ଫାଇଦା ସଂପର୍କରେ ଅଧିକ ଆଲୋଚନା କରିବା।

ମଟର ଚୋପାରେ କପର, ଭିଟାମିନ ସି, କ୍ୟାଲସିୟମ, ଫାଇବର ଭରପୁର ମାତ୍ରାରେ ରହିଥାଏ। ଏଥିରେ ଥିବା ପୋଟାସିୟମ ଶରୀରରେ ଥିବା ତରଳ ପଦାର୍ଥର ସନ୍ତୁଳନକୁ ବଜାଇ ରଖିବା ସହ ହୃଦୟକୁ ଭଲଭାବରେ କାମ କରିବାରେ ସାହାର୍ଯ୍ୟ କରିଥାଏ। ଭିଟାମିନ୍ ସି ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ। ଭିଟାମିନ୍ କେ ସ୍ୱାଭାବିକ ରକ୍ତ ଜମାଟ ବାନ୍ଧିବାରେ ସାହାଯ୍ୟ କରେ ଏବଂ ହାଡ଼କୁ ମଜବୁତ କରିଥାଏ। ମଟର ଚୋପାରେ କ୍ୟାରୋଟିନଏଡ୍ ନାମକ ପ୍ରାକୃତିକ ରାସାୟନିକ ପଦାର୍ଥ ରହିଥାଏ। ଯାହା ଆଖି ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ଆଖି କୋଷ କାର୍ଯ୍ୟକୁ ବଜାୟ ରଖିବା ସହିତ ଆଲୋକ କ୍ଷତିରୁ ଆଖିକୁ ସୁରକ୍ଷା ଦେଇଥାଏ।

ମଟରର ଚୋପାରେ ଭରପୁର ମାତ୍ରାରେ ଫାଇବର ରହିଥାଏ। ଯାହା ଆମ ଶରୀରର ପେଟ ସମସ୍ୟରେ ସୁଧାର ପରିଲକ୍ଷିତ କରିଥାଏ। ମଟର ଚୋପାର ସେବନ ଫଳରେ ଶରୀରରେ ଉପନ୍ନ କୋଷ୍ଠକାଠିନ୍ୟ, ଗ୍ୟାସ ପରି ଜଟିଳ ସମସ୍ୟାରୁ ଏହା ଆରାମ ଦେଇଥାଏ। ଏହା ଶରୀରରେ ପାଚନ କ୍ରିୟାକୁ ସରଳ କରିଥାଏ। ଏହି ମଟର ଚୋପାକୁ ଡାଏଟ କରୁଥିବା ଲୋକମାନେ ଚଟଣି କରି ଖାଇପାରିବେ। ମଟରର ଚୋପାରେ ଫାଇବର ଭରପୁର ମାତ୍ରାରେ ରହିଥାଏ । ଫାଇବର ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ବହୁତ ସମୟ ପର୍ଯ୍ୟନ୍ତ ଭୋକ ଲାଗି ନଥାଏ। ଯେଉଁମାନେ ଡାଏଟ କରୁଛନ୍ତି ସେମାନେ ମଟରର ଚୋପାକୁ ପ୍ରତିଦିନ ଖାଇବା ଫଳରେ ମୋଟା ହୋଇନଥାଆନ୍ତି।

# ବସି ରହିଲେ ସ୍ୱାସ୍ଥ୍ୟ ସମସ୍ୟା ବଢେ

ଆଜିକାଲି ପ୍ରତି ଅଫିସରେ କାମ ଚାପ ବଢିଲାଣି । ଲମ୍ୱା ସମୟ ଧରି ମିଟିଂ ଏବଂ କାମ ଚାପ ଭିତରେ କର୍ମଚାରୀମାନେ ଘଣ୍ଟା ଘଣ୍ଟା ଧରି ଚେୟାରରେ ଗୋଟେ ସ୍ଥାନରେ ବସି ରହୁଥିବା ଦେଖିବାକୁ ମିଳୁଛି । ଯାହା ପରବର୍ତ୍ତୀ ସମୟରେ ଅଣ୍ଟା ଦରଜ ସହ ଅନ୍ୟାନ୍ୟ ରୋଗର କାରଣ ସାଜୁଛି । ପ୍ରତି ଅଫିସରେ କାମ ଚାପ ବଢିଲାଣି । ଏଆଇ ଯୁଗରେ ଗୋଟେ ପଟେ ଛଟେଇ ବଢୁଥିବା ବେଳେ ଏଆଇକୁ ମାତ୍ ଦେବାକୁ କାମର ପ୍ରତିଯୋଗିତା ବି ବଢିଲାଣି । ଲମ୍ୱା ସମୟ ଧରି ମିଟିଂ ଏବଂ କାମ ଚାପ ଭିତରେ କର୍ମଚାରୀମାନେ ଘଣ୍ଟା ଘଣ୍ଟା ଧରି ଚେୟାରରେ ଗୋଟେ ସ୍ଥାନରେ ବସି ରହୁଥିବା ଦେଖିବାକୁ ମିଳୁଛି । ଯାହା ପରବର୍ତ୍ତୀ ସମୟରେ ଅଣ୍ଟା ଦରଜ ସହ ଅନ୍ୟାନ୍ୟ ରୋଗର କାରଣ ସାଜୁଛି । ଆଜିକାଲି ଅଧିକାଂଶ ଲୋକଙ୍କ ଜୀବନଶୈଳୀ ଏବଂ କାର୍ଯ୍ୟ ସଂସ୍କୃତି ଏପରି ହୋଇଯାଇଛି ଯେ ସେମାନଙ୍କୁ ଗୋଟିଏ ସ୍ଥାନରେ ଘଣ୍ଟା ଘଣ୍ଟା ବସି କାମ କରିବାକୁ ପଡୁଛି । ଯାହା ଯୋଗୁଁ ସେମାନେ ପ୍ରାୟ ଚାଲିପାରୁନାହାଁନ୍ତି । କାର୍ଯ୍ୟ ସମୟ ସାରଣୀ ଏତେ କଠିନ ଯେ ବହୁତ କମ୍ ଲୋକ ଜିମ୍ ଯିବା ପାଇଁ ସମୟ ବାହାର କରିପାରନ୍ତି । କିନ୍ତୁ ଆପଣ କଣ ଜାଣନ୍ତି ଯେ ଏପରି ଭାବରେ ବସି ଲଗାତାର କାମ କରିବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ହୋଇପାରେ । ବିଶେଷଜ୍ଞଙ୍କ ମତରେ, 'ନିରନ୍ତର ବସିବା ଧୂମପାନ ପରି ବିପଦପୂର୍ଣ୍ଣ' । ଆମର ଶରୀର ଏପରି ଭାବରେ ଡିଜାଇନ୍ କରାଯାଇଛି ଯେ ଏହା ଯଥାସମ୍ଭବ ସକ୍ରିୟ ରହିଥାଏ। ଏପରି ପରିସ୍ଥିତିରେ, ଯେତେବେଳେ ଆମେ ଦୀର୍ଘ ସମୟ ଧରି ଲଗାତାର ବସିଥାଉ , ଏହା ଆମର ସାମଗ୍ରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ । ଜାଣନ୍ତୁ ଅଧିକ ସମୟ ଧରି କୌଣସି ସ୍ଥାନରେ ବସି ରହିଲେ କଣ ସବୁ ସମସ୍ୟା ଦେଖାଯାଏ । ଘଣ୍ଟା ଘଣ୍ଟା ବସି ରହିବା ଦ୍ୱାରା ଦେଖାଯାଏ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା । ନିଦ୍ରାହୀନତା ସହ ମନ କ୍ଳାନ୍ତ ହୁଏ, ଓଜନ ବଢିବାକୁ ଲାଗେ । ପ୍ରତିଦିନ ଜିମ୍ ଯାଉଥିବା ଲୋକ ମଧ୍ୟ ଏହାର ଶିକାର ହୋଇଥାନ୍ତି। ଗୋଟିଏ ସ୍ଥାନରେ ବସି ରହିବା କାରଣରୁ ଶରୀରରେ ଚର୍ବି ବୃଦ୍ଧି ହୋଇଥାଏ। ଉଚ୍ଚ ରକ୍ତଚାପ ଏବଂ ହୃଦରୋଗର ଆଶଙ୍କା ମଧ୍ୟ ବଢ଼ିଥାଏ । ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ଦୀର୍ଘ ସମୟ ବସି ରହୁଥିବା ଲୋକଙ୍କଠାରେ କର୍କଟ ରୋଗର ଆଶଙ୍କା ବୃଦ୍ଧି ।

# ଶୀତଦିନେ ଅତ୍ୟଧିକ ଚା' କିମ୍ବା କଫି ଶରୀର ଉପରେ ଖରାପ ପ୍ରଭାବ ପକାଏ



ଆପଣ ଜାଣିଛନ୍ତି କି ଚା' କିମ୍ବା କଫି ଅଧିକ ପରିମାଣରେ ପିଇଲେ ତାହା ଆପଣଙ୍କ ଗଣ୍ଠି ଓ ହାଡ ଉପରେ ଖରାପ ପ୍ରଭାବ ପକାଇଥାଏ। ଚେତାଇଲେ ଏମ୍ସ ଡାକ୍ତର ଦୁଷ୍ୟନ୍ତ ଚୌହାନ। ଭାଇରାଲ ହେଲା ଇନ୍‌ଷ୍ଟା ପୋଷ୍ଟ । ଶୀତଦିନ ଆରମ୍ଭ ହୋଇଗଲେ ଲୋକମାନେ ନିଜ ଶରୀରକୁ ଉଷ୍ମ ରଖିବା ପାଇଁ ଚା' କିମ୍ବା କଫି ପିଇଥାନ୍ତି। ଏହା ଦ୍ୱାରା ଶୋଷ କମ୍ ଲାଗିଥାଏ। ତେଣୁ ଲୋକମାନେ ପାଣି ପିଇବା କମ୍ କରି ଦେଇଥାନ୍ତି। ଏହା କାରଣରୁ ଶରୀରରୁ ଜଳୀୟ ଅଂଶ କମିବାକୁ ଲାଗେ। ଆପଣ ଜାଣିଛନ୍ତି କି ଚା' କିମ୍ବା କଫି ଅଧିକ ପରିମାଣରେ ପିଇଲେ ତାହା ଆପଣଙ୍କ ଗଣ୍ଠି ଓ ହାଡ ଉପରେ ଖରାପ ପ୍ରଭାବ ପକାଇଥାଏ। ଅଧିକ ଚା' ପିଇବା ଦ୍ୱାରା ଶରୀରରେ ଶର୍କରା ପରିମାଣ ବଢିଯାଏ ଏବଂ ଶରୀର ଶୁଷ୍କ ହୋଇଯାଏ। ରାୟପୁର ଏମ୍ସ ହସ୍ପିଟାଲର ଅର୍ଥୋପେଡିକ୍ ଏବଂ ସ୍ପୋର୍ଟ୍ସ ଇନ୍ ?ଜୁରୀ ସର୍ଜନ ଡାକ୍ତର ଦୁଷ୍ୟନ୍ତ ଚୌହାନ ତାଙ୍କ ଇନ୍ ?ଷ୍ଟାଗ୍ରାମ୍ ? ପୋଷ୍ଟରେ କହିଛନ୍ତି ଯେ, ଥଣ୍ଡା ଦିନେ ଚା' କିମ୍ବା କଫି ଅଧିକ ପରିମାଣରେ ପିଇବା ଉଚିତ୍ ? ନୁହେଁ ଓ ଏଥିରୁ ବଞ୍ଚିବା ପାଇଁ କ'ଣ କରିବା ଜରୁରୀ। ଡାକ୍ତର ଦୁଷ୍ୟନ୍ତ କହିଛନ୍ତି, 'ଯଦିଓ ଆପଣ ଗରମ ଚା' ପିଉଛନ୍ତି, ଏହା ଆପଣଙ୍କ ହାଡ଼କୁ ଥଣ୍ଡା କରିପାରେ। ଏହି କଥା ଅଜବ ଲାଗିପାରେ, କିନ୍ତୁ ଏହା ପଛରେ ଏକ କାରଣ ଅଛି। ଶୀତଦିନ ଆସିବା ମାତ୍ରେ ଆମେ ନିଜକୁ ଉଷ୍ମ ରଖିବା ପାଇଁ ଅତ୍ୟଧିକ ଚା' କିମ୍ବା କଫି ପିଇବା ଆରମ୍ଭ କରିଦେଉ ଓ ଥଣ୍ଡା ଲାଗିବା କାରଣରୁ ଆମେ ପାଣି ପିଇବା କମ କରିଦେଉ ଯେଉଁଥିପାଇଁ ଶରୀର ଶୁଷ୍କ ହେବାକୁ ଲାଗେ। ଶରୀର ଶୁଷ୍କ ହେଲେ ଆଣ୍ଠୁ ମଧ୍ୟରେ ଥିବା କାର୍ଟିଲେଜ (ଦୁଇ ହାଡ଼ ମଧ୍ୟରେ କୁଶନ ଭାବରେ କାମ କରୁଥିବା ନରମ ସ୍ତର) ଶୁଖିବାକୁ ଲାଗେ। ଏହା ଦ୍ୱାରା ଦୁଇ ହାଡ଼ ପରସ୍ପର ସହ ଘସି ହୋଇ ଯନ୍ତ୍ରଣା ଦେଇଥାଏ। ତେଣୁ, ଶୀତଦିନେ ଶରୀରକୁ ଉଷ୍ମ ରଖିବା ଏବଂ ହାଡ଼ ଉପରେ ଅତ୍ୟଧିକ ଚାପ ରୋକିବା ପାଇଁ ଚା' କିମ୍ବା କଫି ସୀମିତ ପରିମାଣରେ ପିଇବା ଉଚିତ୍।'

ଡାକ୍ତର ଚୌହାନ ଆହୁରି କହିଛନ୍ତି ଯେ, ଶୀତଦିନେ ଚା' ଏବଂ କଫି ନିଶ୍ଚିତ ଭାବରେ ପିଇବା ଉଚିତ୍। କିନ୍ତୁ ପିଇବା ପୂର୍ବରୁ ପାଣି ପ୍ରଚୁର ପରିମାଣରେ ପିଅନ୍ତୁ। ଏହା ଆପଣଙ୍କ କାର୍ଟିଲେଜଗୁଡ଼ିକ ଶୁଷ୍କ ନହୋଇ ସୁସ୍ଥ ରହିଥାଏ। ତେଣୁ ଯଦି ଆପଣ ଚା' କିମ୍ବା କଫି ପିଉଛନ୍ତି, ତେବେ ପୂର୍ବରୁ ପାଣି ପିଇବାକୁ ଭୁଲନ୍ତୁ ନାହିଁ। ଏହା କେବଳ ଆପଣଙ୍କ ଶରୀରକୁ ହାଇଡ୍ରେଟ୍ ରଖିବ ନାହିଁ ବରଂ ଶୀତଦିନେ ଆଣ୍ଠୁ ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ଦେବ।



କଟକ : ବାରବାଟୀରେ ଘଣ୍ଟି ବଜାଇ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ଆରମ୍ଭ ହେଲା ଓଡ଼ିଶା ମାଷ୍ଟର୍ସ ବିଡବ୍ଲୁଏଫ୍ ଟୁର୍ ସୁପର-୧୦୦

# ଭାଗ ନେଲେ ୧୭ ଦେଶର ୩୭୭ ଖେଳାଳି

**କଟକ**

କଟକ ସ୍ଥିତ ଜବାହରଲାଲ ନେହରୁ ଇନଡୋର ଷ୍ଟାଡ଼ିୟମରେ ଆରମ୍ଭ ହୋଇଛି ଓଡ଼ିଶା ମାଷ୍ଟର୍ସ ୨୦୨୫-ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦। ବ୍ୟାଡ଼ମିଣ୍ଟନ ବିଶ୍ୱ ଫେଡ଼େରେସନ୍ (ବିଡ୍ଲ୍ୟୁଏଫ୍), ବ୍ୟାଡ଼ମିଣ୍ଟନ ଆସୋସିଏସନ୍ ଅଫ୍ ଇଣ୍ଡିଆ (ବାଇ), ଓଡ଼ିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରତିଯୋଗିତା ଆୟୋଜିତ ହୋଇଛି। ଓଡ଼ିଶା ମାଷ୍ଟର୍ସର ଏହା ଚତୁର୍ଥ ସଂସ୍କରଣ।

ଚଳିତ ବର୍ଷର ୧୭ଟି ଦେଶରୁ ୩୭୭ ଜଣ କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୩୩୪ ଜଣ ଭାରତୀୟ ଏବଂ ୪୩ ଜଣ ବିଦେଶୀ ଖେଳାଳି ରହିଛନ୍ତି। ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ, ଏବଂ ମିକ୍ସଡ଼ ଡବଲ୍ସ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ହେବ। ପୁରୁଷ ସିଙ୍ଗଲ୍ସରେ କିରଣ ଜର୍ଜ ଦ୍ୱିତୀୟ ସିଡ୍ ଓ ପ୍ରିୟାଂଶୁ ରାୱତ ଚତୁର୍ଥ ସିଡ୍ ରହିଛନ୍ତି। ସେମିତି ମହିଳା ସିଙ୍ଗଲ୍ସରେ ଉନ୍ନତି ହୁଡା ଟପ୍ ସିଡ୍, ରକ୍ଷିତ ଶ୍ରୀ ସନ୍ତୋଷ ଚତୁର୍ଥ ସିଡ୍ ଏବଂ ଅନୁପମା ଉପାଧ୍ୟାୟ ପଞ୍ଚମ ସିଡ୍ ରହିଛନ୍ତି। ଗତ ୧ରୁ ୬ ତାରିଖ ପର୍ଯ୍ୟନ୍ତ ୩୭ତମ ଜାତୀୟ ସବ ଜୁନିୟର ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପ୍ କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ହୋଇଥିଲା। ଓଡ଼ିଶାର ତନଭୀ ପତ୍ରୀ ଉଭୟ ୧୫ ଓ ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଚାମ୍ପିଅନ ହୋଇଥିଲେ।

### ॥ ୨୧ରୁ ମହିଳା ଟି-୨୦ ସିରିଜ୍ ॥

# ଶ୍ରୀଲଙ୍କା ବିପକ୍ଷରେ ଇଣ୍ଡିଆର ଟିମ୍ ଘୋଷଣା

**ନୂଆଦିଲ୍ଲୀ**



ବିଶ୍ୱ ଚାମ୍ପିଅନ ଟିମ୍ ଇଣ୍ଡିଆ ଖୁବ୍‌ଶୀଘ୍ର ପଡ଼ିଆକୁ ଫେରିବାକୁ ଯାଉଛି। ପ୍ରଥମ ଥର ପାଇଁ ଆଇସିସି ମହିଳା ବିଶ୍ୱକପ ଜିତିଥିବା ଭାରତୀୟ କ୍ରିକେଟ ଦଳ ଡିସେମ୍ବର ଶେଷ ଭାଗରେ ଶ୍ରୀଲଙ୍କା ବିପକ୍ଷରେ ଏକ ଟି୨୦ ସିରିଜ୍ ଖେଳିବ। ବିସିସିଆଇ ଚୟନ କମିଟି ଏହି ସିରିଜ ପାଇଁ ଭାରତୀୟ ଦଳ ଘୋଷଣା କରିଛି। ହରମନପ୍ରୀତ କୌରଙ୍କ ଅଧିନାୟକତ୍ୱରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜ ପାଇଁ ୧୫ ଜଣିଆ ଦଳ ଚୟନ କରାଯାଇଛି, ଯେଉଁଥିରେ ଉପ-ଅଧିନାୟିକା ସ୍ମୃତି ମନ୍ଧାନା ମଧ୍ୟ ସାମିଲ ଅଛନ୍ତି। ଏହି ସିରିଜ୍ ଡିସେମ୍ବର ୨୧ ତାରିଖରୁ ଖେଳାଯିବ।

ନଭେମ୍ବର ୨ ତାରିଖରେ ବିଶ୍ୱକପ ଫାଇନାଲ ଜିତିଥିବା ଭାରତୀୟ ଦଳ ସେବେଠାରୁ ବିରତି ନେଇଛି। କିଛି ଖେଳାଳି ଘରୋଇ କ୍ରିକେଟ୍‌ରେ ସକ୍ରିୟ ଥିବା ବେଳେ, ଅଧିକାଂଶ ଏହି ସମୟକୁ ବିଶ୍ରାମ କରୁଥିଲେ। ଏବେ, ଦଳର ବିରତି ଶୀଘ୍ର ଶେଷ ହେବ କାରଣ ଶ୍ରୀଲଙ୍କା ଦଳ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ପାଇଁ ଭାରତ ଗସ୍ତ କରୁଛି, ଯାହା ବିଶ୍ୱକପ ପରେ ଟିମ୍ ଇଣ୍ଡିଆର ପ୍ରଥମ ସିରିଜ ହେବ।

ଏହି ଦଳରେ ଓଡିଆଇ ବିଶ୍ୱକପ ବିଜୟୀ ଦଳର ଅଧିକାଂଶ ଖେଳାଳି ମଧ୍ୟ ସାମିଲ ଅଛନ୍ତି। କିନ୍ତୁ ସବୁଠାରୁ ପ୍ରମୁଖ ନାମ ହେଉଛି ସ୍ମୃତି ମନ୍ଧାନା। ସମ୍ପ୍ରତି, ମନ୍ଧାନାଙ୍କୁ ତାଙ୍କ ବିବାହ ବାତିଲ କରିବାକୁ ବାଧ୍ୟ କରାଯାଇ ଥିଲା। ପଲାଶ ମୁଚ୍ଛଲଙ୍କ ସହ ତାଙ୍କ ବିବାହ ନଭେମ୍ବର ୨୩ ତାରିଖରେ ସ୍ଥିର ହୋଇଥିଲା, କିନ୍ତୁ ସେହିଦିନ ଏହାକୁ ସ୍ଥଗିତ ରଖିବାକୁ ପଡ଼ିଲା ଏବଂ ତା'ପରେ ଦୁଇ ସପ୍ତାହ ପରେ ମନ୍ଧାନା ବିବାହ ବାତିଲ କରିବାର ନିଷ୍ପତ୍ତି ଘୋଷଣା କଲେ। ସମସ୍ତଙ୍କ ନଜର ଥିଲା ଯେ ମନ୍ଧାନା ତାଙ୍କ ବ୍ୟକ୍ତିଗତ ଜୀବନରେ ଏହି ବଡ଼ ବିପର୍ଯ୍ୟୟ ପରେ ତୁରନ୍ତ ପଡ଼ିଆକୁ ଫେରିବେ କି ବିରତି ନେବେ। ତଥାପି ଟିମ୍ ଇଣ୍ଡିଆର ଉପ-ଅଧିନାୟିକା ସ୍ପଷ୍ଟ କରିଛନ୍ତି ଯେ ସେ ଫେରିବାକୁ ପ୍ରସ୍ତୁତ ଅଛନ୍ତି।

# ୧୬ରେ ନିଲାମ : ଭାଗ ନେବେ ୩୫୦ ଖେଳାଳି

**ନୂଆଦିଲ୍ଲୀ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ ୨୦୨୬)ର ଆଗାମୀ ମିନି ନିଲାମରେ ଅଂଶଗ୍ରହଣ କରିବା ପାଇଁ ୧୩୫୫ ଜଣ ଖେଳାଳି ପଞ୍ଜୀକୃତ କରଥିଲେ। ସେମାନଙ୍କ ମଧ୍ୟରୁ ବିସିସିଆଇ ପକ୍ଷରୁ ୩୫୦ ଜଣ ଖେଳାଳିଙ୍କ ନାମ ଚୂଡ଼ାନ୍ତ କରିଛି। ଅର୍ଥାତ୍ ସେମାନଙ୍କୁ ନିଲାମରେ କିଣି ହେବ।

ଏହି ନିଲାମ ଡିସେମ୍ବର ୧୬ ତାରିଖରେ ଆବୁଧାବିରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରାରମ୍ଭିକ ତାଲିକାରେ ୧୩୫୫ ଜଣ ଖେଳାଳି ଥିଲେ, ଯାହା ପରେ ବିସିସିଆଇ ୧୦ଟି ଫ୍ରାଞ୍ଚାଇଜିକୁ ନିଲାମରେ ଦେଖିବାକୁ ଚାହୁଁଥିବା ଖେଳାଳିଙ୍କ ନାମ ମାଗିଥିଲା। ଆଲୋଚନା ପରେ, ତାଲିକାକୁ ସଂକ୍ଷିପ୍ତ କରାଯାଇଥିଲା ଏବଂ ୨୫ଟି ନୂତନ ନାମ ଯୋଡ଼ା ଯାଇଥିଲା।

ଏହି ବର୍ଷର ମିନି ନିଲାମରେ ୨୫ ଟି ନୂତନ ଖେଳାଳି ସାମିଲ ଅଛନ୍ତି। ତାଲିକାରେ ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ୍ ଡି କକ୍ ସମେତ ୧୨ ବିଦେଶୀ ଓ ୨୩ ଜଣ ଅଛନ୍ତି। କ୍ରିକବଜ୍ ଅନୁଯାୟୀ, ଏକ ଆଇପିଏଲ୍ ଫ୍ରାଞ୍ଚାଇଜି ଦ୍ୱାରା ସୁପାରିସ କରାଯିବା ପରେ ୱିକେଟକିପର-ବ୍ୟାଟସମ୍ୟାନ୍ କ୍ୱିଣ୍ଟନ ଡି' କକ୍ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇପାରିଥିଲେ। 'ନିଲାମରେ ୩୫୦ ଜଣ ଖେଳାଳି ଅଂଶଗ୍ରହଣ କରିବେ ଏବଂ ଏହା ଡିସେମ୍ବର ୧୬, ମଙ୍ଗଳବାର ଦିନ ୟୁଏଇ ସମୟ ଅପରାହ୍ଣ ୧ଟାରେ (ଭାରତୀୟ ସମୟ ଅପରାହ୍ଣ ସାଢେ ୨ଟାରେ) ଆବୁଧାବିର ଏତିହାଦ ଆରେନାରେ ଆରମ୍ଭ ହେବ, ସୋମବାର ରାତିରେ ବିସିସିଆଇ ଫ୍ରାଞ୍ଚାଇଜିଗୁଡ଼ିକୁ ଏକ ଇମେଲରେ ଲେଖିଛି।

# ଟି-୨୦ରେ ୧୦୦ ୱିକେଟ୍ ନେଇ ଇତିହାସ ରଚିଲେ ବୁମ୍ରା




**କଟକ**

ଦକ୍ଷିଣ ଆଫ୍ରିକା ବିପକ୍ଷ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଦ୍ରୁତ ବୋଲିଂ ସୁପରଷ୍ଟାର ଜସ୍‌ପ୍ରିତ ବୁମ୍ରା ଆଉ ଏକ ଐତିହାସିକ ସଫଳତା ହାସଲ କରିଛନ୍ତି। ତାଙ୍କର ପ୍ରଥମ ୱିକେଟ୍ ସହିତ ଜସ୍‌ପ୍ରିତ ବୁମ୍ରା ଟି-୨୦ କ୍ରିକେଟରେ ଏପରି ଏକ ସଫଳତା ହାସଲ କରିଛନ୍ତି ଯାହା ପୂର୍ବରୁ କୌଣସି ଭାରତୀୟ ବୋଲର ହାସଲ କରିନଥିଲେ।

ଏହି ମ୍ୟାଚ୍‌ରେ ପ୍ରଥମ ୱିକେଟ୍ ସହିତ ଜସପ୍ରିତ ବୁମ୍ରା ତାଙ୍କ ଟି-୨୦ ଅନ୍ତର୍ଜାତୀୟ କ୍ୟାରିୟରରେ ୧୦୦ ୱିକେଟ୍ ପୂରଣ କରିଛନ୍ତି। ଏହା ସହିତ ବୁମ୍ରା ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୧୦୦ କିମ୍ବା ତା'ଠାରୁ ଅଧିକ ୱିକେଟ୍ ନେବାରେ ଦ୍ୱିତୀୟ ଭାରତୀୟ ବୋଲର ହୋଇଛନ୍ତି। ଏହି ସଫଳତା ପ୍ରଥମେ ଅର୍ଶଦୀପ ସିଂହ ହାସଲ କରିଥିଲେ। ବୁମ୍ରା ମାତ୍ର ୮୧ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଏହି ସଫଳତା ହାସଲ କରିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜସପ୍ରିତ ବୁମ୍ରା ଏବେ ତିନୋଟି ଅନ୍ତର୍ଜାତୀୟ ଫର୍ମାଟରେ ୧୦୦ କିମ୍ବା ତା'ଠାରୁ ଅଧିକ ୱିକେଟ୍ ନେଇଥିବା ପ୍ରଥମ ଭାରତୀୟ ବୋଲର ହୋଇଛନ୍ତି। ଟେଷ୍ଟ, ଦିନିକିଆ ଏବଂ ଟି-୨୦ରେ ବୁମ୍ରା ୧୦୦ରୁ ଅଧିକ ୱିକେଟ ନେଇ ବଡ଼ ରେକର୍ଡ କରିଛନ୍ତି। ବୁମ୍ରା ଟେଷ୍ଟରେ ୨୩୪ ଏବଂ ଦିନିକିଆରେ ୧୪୯ ୱିକେଟ୍ ନେଇଛନ୍ତି। ବିଶ୍ୱ କ୍ରିକେଟରେ ମଧ୍ୟ, ତିନୋଟି ଫର୍ମାଟରେ ୧୦୦+ ୱିକେଟ୍ ନେଇଥିବା ବୋଲରଙ୍କ ତାଲିକା ବହୁତ ଛୋଟ। ଏବେ ଭାରତୀୟ କ୍ରିକେଟର ବୁମ୍ରାଙ୍କ ନାମ ଯୋଡିହୋଇଛି।

**ସମସ୍ତ ଫର୍ମାଟରେ ୧୦୦ ୱିକେଟ୍ ନେଇଥିବା ବୋଲର**

ଲସିଥ ମାଲିଙ୍ଗା : ଟେଷ୍ଟ (୧୦୧ ୱିକେଟ୍), ଦିନିକିଆ (୩୩୮ ୱିକେଟ୍), ଟି୨୦ (୧୦୭ ୱିକେଟ୍)। ଟିମ୍ ସାଉଦି : ଟେଷ୍ଟ (୩୯୧ ୱିକେଟ୍), ଦିନିକିଆ (୨୨୧ ୱିକେଟ୍), ଟି୨୦ (୧୬୪ ୱିକେଟ୍)।
ସାକିବ ଅଲ୍ ହାସନ : ଟେଷ୍ଟ (୨୪୬ ୱିକେଟ୍), ଦିନିକିଆ (୩୧୭ ୱିକେଟ୍), ଟି୨୦ (୧୪୯ ୱିକେଟ୍)। ଶାହିନ ଆଫ୍ରିଦି : ଟେଷ୍ଟ (୧୨୧ ୱିକେଟ୍), ଦିନିକିଆ (୧୩୫ ୱିକେଟ୍), ଟି୨୦ (୧୨୬ ୱିକେଟ୍)।
ଜସପ୍ରିତ ବୁମ୍ରା : ଟେଷ୍ଟ (୨୩୪ ୱିକେଟ୍), ଦିନିକିଆ (୧୪୯ ୱିକେଟ୍), ଟି୨୦ (୧୦୧ ୱିକେଟ୍)।

# ୧୩ ଓ ୧୪ରେ ଜାତୀୟସ୍ତରୀୟ ମହାରାଜା ସେଭେନ୍ସ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ମୟୂରଭଞ୍ଜ ଫାଉଣ୍ଡେସନ ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମିଳିତ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ସହଯୋଗରେ ଜାତୀୟ ସ୍ତରୀୟ ମହାରାଜା ସେଭେନ୍ସ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୩ ଓ ୧୪ ତାରିଖରେ ବାରିପଦା ଷ୍ଟାଡିୟମ ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ବେଲ-ଗଡ଼ିଆ ରାଜପ୍ରାସାଦରେ ମୟୂରଭଞ୍ଜ ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଥର ପାଇଁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଉପରେ ମହାରାଣୀ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ବିଭାଗରେ ବାରିପଦା, ଓଡ଼ିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ, କଳିଙ୍ଗ ରଗ୍‌ବୀ ଟିମ୍, କୋଲକାତାର ଫ୍ୟୁଚର ହୋପ୍ ହାର୍ଲିକିନ ଓ ଫ୍ୟୁଚର ହୋପ ଯାକେଲ, କୋଲକାତା ପୋଲିସ, ତାମିଲନାଡୁ ପୋଲିସ, ଝାଡ଼ଖଣ୍ଡ ହାକ୍ସ, ଦିଲ୍ଲୀ ହରିକେନ୍ସ ଓ ମୁମ୍ବାଇ ମାଜିସିଆନ ଏବଂ ମହିଳା ବିଭାଗରେ ଫ୍ୟୁଚର ହୋପ, କୋଲକାତା ପୋଲିସ, କଳିଙ୍ଗ ରଗବୀ, ସରସ୍ୱତୀପୁର ସିଲିଗୁରି, ଆସାମ, ବାରିପଦା, ଓଡ଼ିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଅଂଶଗ୍ରହଣ କରିବେ ବୋଲି ସହ ଆୟୋଜକ ଦିବ୍ୟ ରଞ୍ଜନ ଦାସ ପ୍ରକାଶ କରିଥିଲେ। ପ୍ରତ୍ୟେକ ଦିନ ସକାଳ ୯ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ କ୍ଲବରେ ବହୁ ଅନ୍ତର୍ଜାତୀୟ ଓ ବିଦେଶୀ ଖେଳାଳିଙ୍କ ଖେଳ ଦେଖିବାର ସୁଯୋଗ ମିଳିବ। ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଟୁର୍ଣ୍ଣାମେଣ୍ଟର ବହୁଳ ପ୍ରଚାର ଓ ପ୍ରସାର ଉପରେ ଆଲୋକପାତ କରିଥିଲେ। ମୟୂରଭଞ୍ଜ ଫାଉଣ୍ଡେସନର ସଦସ୍ୟ ବିଭୁଦତ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନାରେ ସହଯୋଗ କରିଥିଲେ।

# ପ୍ରେମିକାଙ୍କ 'ବ୍ୟକ୍ତିଗତ ମୁହୂର୍ତ୍ତ' ଭାଇରାଲ୍ : ଓଡ଼ିଶାରେ ଥାଇ ମିଡିଆ ଉପରେ ବର୍ଷିଲେ ହାର୍ଦ୍ଦିକ ପାଣ୍ଡ୍ୟା

**ଭୁବନେଶ୍ୱର**

ଭାରତୀୟ କ୍ରିକେଟ୍ ଦଳର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ନିଜ ପ୍ରେମିକା ମହିକା ଶର୍ମାଙ୍କ ଭିଡିଓ ଏବଂ ଫଟୋ ଅନୁଚିତ ଆଙ୍ଗେଲ୍‌ରେ ଉଠାଇଥିବା ପାପାରାଜିଙ୍କ ଉପରେ ସୋସିଆଲ ମିଡିଆରେ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଏହାକୁ 'ଅପମାନଜନକ' ଏବଂ 'ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ' ବୋଲି କହିବା ସହ ଉକ୍ତ ଘଟଣାକୁ ନେଇ କଡ଼ା ନିନ୍ଦା କରିଛନ୍ତି।

ହାର୍ଦ୍ଦିକ ପାଣ୍ଡ୍ୟା ଇନଷ୍ଟାଗ୍ରାମ ଷ୍ଟୋରୀରେ ଲେଖିଛନ୍ତି ଯେ, ସେ ଜାଣିଛନ୍ତି ସାର୍ବଜନୀନ ଜୀବନରେ ଧ୍ୟାନ ଏବଂ ସମୀକ୍ଷା ରହିଥାଏ, କିନ୍ତୁ ଆଜି ଯାହା ଘଟିଛି ତାହା ସବୁ ସୀମା ଟପି ଯାଇଛି। ସେ କହିଛନ୍ତି, "ମହିକା ବାନ୍ଦ୍ରାର ଏକ ରେଷ୍ଟୁରାଣ୍ଟରୁ ସିଡ଼ିରେ ଓହ୍ଲାଉଥିବା ବେଳେ ପାପାରାଜିମାନେ ତାଙ୍କର ଏପରି ଏକ ଆଙ୍ଗେଲରୁ ଫଟୋ ଉଠାଇବାକୁ ସ୍ଥିର କଲେ, ଯେଉଁଥିରେ କୌଣସି ମହିଳାଙ୍କୁ ଫଟୋଗ୍ରାଫ୍ କରାଯିବା ଉଚିତ୍ ନୁହେଁ। ଏକ ବ୍ୟକ୍ତିଗତ ମୁହୂର୍ତ୍ତକୁ ଶସ୍ତା ସେନସେସନ୍‌ରେ ପରିଣତ କରାଗଲା।"

ନିଜ ପୋଷ୍ଟରେ ହାର୍ଦ୍ଦିକ ସମସ୍ତଙ୍କ ପାଇଁ କିଛି ସୀମା ରହିବା ଉଚିତ୍ ବୋଲି କହିଛନ୍ତି। ସେ ଗଣମାଧ୍ୟମ କର୍ମଚାରୀଙ୍କ ପରିଶ୍ରମକୁ ସମ୍ମାନ ଜଣାଇବା ସହ ଅନୁରୋଧ କରିଛନ୍ତି ଯେ ସମସ୍ତେ ସାମାନ୍ୟ ଅଧିକ ବିଚାରଶୀଳ ହୁଅନ୍ତୁ।

# ରାଉରକେଲା କଲେଜର ୩୯ତମ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**




ରାଉରକେଲା କଲେଜ ଓ ରାଉରକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱି-ଦିବସୀୟ ୩୯ତମ ବାର୍ଷିକ କ୍ରୀଡ଼ା ଓ ଦୌଡ଼-କୁଦ ପ୍ରତିଯୋଗିତା ଉତ୍ସାହପୂର୍ଣ୍ଣ ପରିବେଶରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା। ଦ୍ୱିତୀୟ ଦିବସର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ରାଉରକେଲା ମହାନଗରର ରାସ୍ତା ଓ ଗୃହନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଯଶସ୍ୱିନୀ ମିଶ୍ର। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ କ୍ରୀଡ଼ା ଶାରୀରିକ ଓ ମାନସିକ ସୁସ୍ଥତା ଦିଏ, ଶୃଙ୍ଖଳିତ କରେ। କ୍ରୀଡ଼ା ଭିତରେ ଯୁବବର୍ଗ ଆଜି ବ୍ୟଷ୍ଟି ସହ ସାମାଜ ତଥା ରାଷ୍ଟ୍ରୀୟ ଇଚ୍ଛା-ଆକାଙ୍‌କ୍ଷାକୁ ଚିହ୍ନି ପାରିଛି। ସ୍ୱଚ୍ଛତା ସବୁବେଳେ ସଫଳତା ପ୍ରଦାନ କରେ। ତେଣୁ ଯୁବ ବର୍ଗ ଦ୍ୱନ୍ଦ୍ୱ ଠାରୁ ମୁକ୍ତ ହେବା ଜରୁରୀ। +୩ ଉପ-ସଭାପତି କରୁଣାକର ପାଟଶାଣୀ ଏବଂ +୨ ଉପ-ସଭାପତି ଅଜିତ୍ ବେକ ନିଜ ନିଜର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଉଭୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି କ୍ରୀଡ଼ା ମହୋତ୍ସବରେ ପ୍ରାୟ ୩୦୦ ଜଣ ଛାତ୍ର-ଛାତ୍ରୀ ବିଭିନ୍ନ ଦୌଡ଼କୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସଂପୂର୍ଣ୍ଣ ପ୍ରତିଯୋଗିତା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କ୍ରୀଡ଼ା ବିଶେଷଜ୍ଞ ନିଖିଳ କଳାକାର ପ୍ରଧାନ, ବିଶେଷଜ୍ଞ ସମୀର ସାହୁ, ଈଶ୍ୱର ଚନ୍ଦ୍ର ଟୁଡୁ, ପ୍ରଭାତ ରାଉଳ, ପ୍ରକାଶ ପଣ୍ଡା, ଅଶୋକ ପ୍ରସାଦ, ଅଭିଜିତ ପ୍ରସାଦ, ସାହାବ ଖାଁ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। +୩ ବିଭାଗର ସହଯୋଗୀ ଅଧିକାରୀ ରଶ୍ମିପ୍ରଭା ମାଥାନ ଓ ରଞ୍ଜିତ ପ୍ରଧାନ ଏବଂ +୨ ବିଭାଗର ସହଯୋଗୀ ଅଧିକାରୀ ଅନୁପ ଏକ୍କା ଓ ତରଣି ନାୟକ ସମସ୍ତ ପ୍ରତିଯୋଗିତା ସଂପନ୍ନ କରିବାର ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଦୁଇଦିନିଆ କ୍ରୀଡ଼ା ଉତ୍ସବରେ ପ୍ରତିଯୋଗୀମାନଙ୍କ ବିଶେଷ ଆକର୍ଷଣ ଥିଲା- ଦୌଡ଼ ପ୍ରତିଯୋଗିତାର ୧୦୦ମି., ୨୦୦ମି., ୪୦୦ମି., ୮୦୦ମି., ୧୫୦୦ମି ଦୌଡ଼, ୧୦୦ମି ରିଲେ, ୨୦୦ମି ୱାକ୍ ରେସ୍ ଏବଂ ଡିଆଁ ପ୍ରତିଯୋଗିତାର ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଫିଙ୍ଗା ପ୍ରତିଯୋଗିତାର ଜାଭେଲିନ୍ ଥ୍ରୋ, ଡିସ୍କସ୍ ଥ୍ରୋ, ପୁଟିଂ ଦ ସଟ୍ ଇତ୍ୟାଦି ଥିଲା। ଛାତ୍ର-ଛାତ୍ରୀମାନଙ୍କ ଗୁଣାତ୍ମକ ପ୍ରଦର୍ଶନ, ଉତ୍ସାହ ଓ ସ୍ପର୍ଦ୍ଧାମୂଳକ ଭାବନା ଦୁଇଦିନିଆ କାର୍ଯ୍ୟକ୍ରମର କେନ୍ଦ୍ରବିନ୍ଦୁ ଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। +୩ ପୁରୁଷ ବିଭାଗରେ ଅବିନାଶ ମୁଣ୍ଡାରୀ, ମହିଳା ବିଭାଗରେ ଅଙ୍କିତା କୁଲ୍ଲୁ, ପ୍ରିୟଙ୍କା ଲୁଗୁନ ଏବଂ +୨ ବାଳକ ବିଭାଗରେ ଦୀପକ ଭୂମିଜ ଓ ବାଳିକା ବିଭାଗରେ ଅସ୍ମିତା ଟପ୍ପୋ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ +୩ ବିଭାଗରେ ଅଜୟ କୁମାର ଯାଦବ, ରାଜଶ୍ରୀ ରାଉତିଆ, +୨ ବିଭାଗରେ ଅଞ୍ଜଳି ସାହୁ, ଧୀରଜ ଅଭିଜିତ ମିଞ୍ଜ୍ ସମ୍ମାନିତ ହୋଇଥିଲେ। କଲେଜ ପରିଚାଳନା ମଣ୍ଡଳୀ କହିଛନ୍ତି ଯେ ଏପରି କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ଛାତ୍ର-ଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ତଥା ପୂର୍ଣ୍ଣ ବ୍ୟକ୍ତିତ୍ୱ ନିର୍ମାଣରେ ଅତ୍ୟନ୍ତ ଦରକାରୀ। କଲେଜର ପ୍ରଶାସନିକ ଅଧିକାରୀ ରଶ୍ମି ରଞ୍ଜନ ରାଉତ ମଞ୍ଚ ପରିଚାଳନା କରିଥିଲେ। ପ୍ରାଧ୍ୟାପିକା ଭାରତୀ ବରୱା, ବନ୍ଦନା ସୋରେନ, ମନୋଜ କୁମାର ଦଳେଇ, ଦୀପାଳି ପ୍ରଧାନ, ମୌସୁମୀ ଦାସ, ସୌମ୍ୟରଞ୍ଜନ ପ୍ରଧାନ, ଅରବିନ୍ଦ ପ୍ରଧାନ, ମୀନକେତନ ନାଏକ, ଏଲିଜା ତୁଙ୍ଗଡୁଙ୍ଗ, ଶ୍ୱେତା ସାହୁ, ଦିବ୍ୟା ଦୀପ୍ତି ଷଡ଼ଙ୍ଗୀ, ଅଙ୍କିତା ପାଇକରାୟ, ରଚନା ମିଶ୍ର, ରଞ୍ଜିତା ପାଣିଗ୍ରାହୀ, ସାଗରୀକା ନାୟକ, ଗୀତାଞ୍ଜଳି ପାଣିଗ୍ରାହୀ ପ୍ରମୁଖ ଅଧ୍ୟାପିକା-ଅଧ୍ୟାପକ ତଥା ଅନ୍ୱେଷା ନାୟକ, ଚାନ୍ଦିନୀ ଗିରି, ଦୀପକ କୁମାର ଶାହା, ନରମୀ ମହାକୁଡ଼, କବିତା କିଷାନ, ଇସରାନ୍ତି ମୁଣ୍ଡା, ପୂଜା ତିର୍କି, ଆୟୁଷୀ ସିଂ, ଦିଶା ସିଂ, କାହ୍ନା ମହାରଣା, ଝରଣା ଭଞ୍ଜ, ବିଜୟ କୁମାର ଯାଦବ, ରାଜା ଖେସ, ଜଗନ ମହାନ୍ତି, ବିକି ନାଗ, ରୋହିତ ବେବର୍ତ୍ତା ପ୍ରମୁଖ ସ୍ୱେଚ୍ଛାସେବୀ ତଥା କଲେଜର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ ପ୍ରଦାନ କରିଥିଲେ।

# ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ କ୍ରିକେଟ ଲିଗ୍ ମ୍ୟାଚ୍

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ଜଗତସିଂହପୁର ପରିସରସ୍ଥ ସାତୋଟି ଷ୍ଟାଡିଅମରେ ୩୧ଟି କ୍ରୀଡ଼ାଜିଲ୍ଲା ମଧ୍ୟରୁ ମଙ୍ଗଳବାର ତୃତୀୟ ଦିନରେ ୧୭ ବର୍ଷରୁ କମ୍ ବାଳକ ବିଭଗରେ ୧୦ଟି ମ୍ୟାଚ୍ ଓ ବାଳିକା ବିଭାଗରେ ୪ଟି ମ୍ୟାଚ୍ ଲିଗ ଭିତ୍ତିରେ ଅନୁଷ୍ଠିତ ହୋଇଯାଇଛି। ବାଳକ ବିଭାଗରେ ନବ କୃଷ୍ଣ ଚୌଧୁରୀ ଷ୍ଟାଡିୟମଠାରେ ଯାଜପୁର ବନାମ ସୋନପୁର ଏବଂ ସୁନ୍ଦରଗଡ ବନାମ ଗଜପତି, ନନ୍ଦବ୍ରତ ଷ୍ଟାଡିୟମ ଠାରେ ଭୁବନେଶ୍ୱର ବନାମ ବଲାଙ୍ଗୀର ଓ ନବରଙ୍ଗପୁର ବନାମ ବୌଦ୍ଧ, ସତୀ ଖେଳପଡ଼ିଆ ଠାରେ ସମ୍ବଲପୁର ବନାମ ଦେଓଗଡ଼ ଓ ମାଲକାନଗିରି ବନାମ ଜଗତସିଂହପୁର, ତର୍ତ୍ତଙ୍ଗ ମିନିଷ୍ଟାଡିୟମ ଠାରେ ମୟୂରଭଞ୍ଜ ବନାମ କନ୍ଧମାଳ ଓ କଟକ ବନାମ କେଉଁଝର, ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ବରଗଡ଼ ବନାମ ପୁରୀ, ଗଞ୍ଜାମ ବନାମ ଅନୁଗୁଳ ମଧ୍ୟରେ ଅନୁଷ୍ଠିତ ଲିଗ୍ ପ୍ରତିଯୋଗିତାରେ ଯାଜପୁର, ଗଜପତି, ବଲାଙ୍ଗୀର, ନବରଙ୍ଗ ପୁର, ସମ୍ବଲପୁର, ମାଲକାନଗିରି, ମୟୂରଭଞ୍ଜ, କେଉଁଝର, ଗଞ୍ଜାମ ଏବଂ ପୁରୀ କ୍ରୀଡ଼ା ଜିଲ୍ଲା ବିଜୟୀ ହୋଇଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ପୁନଃଙ୍ଗ ସ୍ଥିତ ପୋଲିସ ବାରାକ ପଡ଼ିଆରେ ଭୁବନେଶ୍ୱର ବନାମ ସୁନ୍ଦରଗଡ଼ ଏବଂ ବାଲେଶ୍ୱର ବନାମ ନବରଙ୍ଗପୁର, ଜୟଦୁର୍ଗା ଯୁଥ ଆଥଲେଟିକ କ୍ଲବ ଖେଳ ପଡ଼ିଆରେ ଝାରସୁଗୁଡ଼ା ବନାମ ପୁରୀ, ଓ ଜଗତସିଂହପୁର ବନାମ କଟକ ମଧ୍ୟରେ ଅନୁଷ୍ଠିତ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭୁବନେଶ୍ୱର, ବାଲେଶ୍ୱର, ପୁରୀ ଓ କଟକ କ୍ରୀଡାଜିଲ୍ଲା ବିଜୟୀ ହୋଇଛନ୍ତ। ସମସ୍ତ ଲିଗ୍‌ମ୍ୟାଚ୍‌କୁ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେରଙ୍କ ମାର୍ଗଦର୍ଶନରେ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ଡ. ସୁଶାନ୍ତ ମହାନ୍ତି, ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡ଼ା ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଜୟନ୍ତ କୁମାର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଅନୁଷ୍ଠିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଓ ବିନାୟକ ଉପାଧ୍ୟାୟ। ଏହି ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତାରେ ସମସ୍ତ ବ୍ଲକର ଶିକ୍ଷାଧିକାରୀ, ଜିଲ୍ଲା କମିଟିର ସମସ୍ତ ସଦସ୍ୟ ଓ ରାଜ୍ୟ କର୍ମକର୍ତ୍ତାମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ଓ ସହଯୋଗ ପ୍ରଦାନ କରିଥିଲେ।

# ସୂର୍ଯ୍ୟକୁମାର ଯାଦବ ନୁହେଁ ଶୁଭମନ ଗିଲ୍‌ଙ୍କୁ ଦିଆଯାଉ ଟିମ୍ ଇଣ୍ଡିଆର ଟି-୨୦ କ୍ୟାପଟେନସିପ୍ : ଗାଙ୍ଗୁଲି

**ନୂଆଦିଲ୍ଲୀ**



ପୂର୍ବତନ ଭାରତୀୟ ଅଧିନାୟକ ଏବଂ ପୂର୍ବତନ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଟିମ୍ ଇଣ୍ଡିଆର ଭବିଷ୍ୟତ ଅଧିନାୟକତ୍ୱ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ସୂର୍ଯ୍ୟକୁମାର ଯାଦବ ବର୍ତ୍ତମାନ ଟି-୨୦ ଫର୍ମାଟରେ ଟିମ୍ ଇଣ୍ଡିଆର ଅଧିନାୟକ ଅଛନ୍ତି, କିନ୍ତୁ ତାଙ୍କ ସ୍ଥାନରେ ଶୁବମନ ଗିଲଙ୍କୁ ଏହି ଦାୟିତ୍ୱ ଦିଆଯିବା ଉଚିତ। ସେ ଶୁବମନ ଗିଲଙ୍କୁ ତିନୋଟି ଫର୍ମାଟର ଅଧିନାୟକ କରାଯିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି।

ଭାରତୀୟ କ୍ରିକେଟ ଦଳରେ ବର୍ତ୍ତମାନ ଏକ ବିଭାଜିତ ଅଧିନାୟକତ୍ୱ ବ୍ୟବସ୍ଥା ଅଛି, କିନ୍ତୁ ଏବେ ଗିଲ୍‌ଙ୍କୁ ସମସ୍ତ ଫର୍ମାଟର ଅଧିନାୟକ କରାଯିବା ନେଇ ଆଲୋଚନା ହେଉଛି। ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ମଧ୍ୟ ଏହି ବିଷୟରେ ନିଜର ମତ ଦେଇଛନ୍ତି। ଇଡେନ ଗାର୍ଡେନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗାଙ୍ଗୁଲିଙ୍କୁ ଟି-୨୦ ଅଧିନାୟକତ୍ୱ ବିଷୟରେ ପଚରାଯାଇଥିଲା। ସେ ଉତ୍ତର ଦେଇଥିଲେ, 'ମୋ ମତରେ, ଶୁବମନ ଗିଲ ସମସ୍ତ ଫର୍ମାଟରେ ଅଧିନାୟକ ହେବା ଉଚିତ।' ସୌରଭ ତିନି ମାସ ପୂର୍ବେ ଇଂଲଣ୍ଡ ଗସ୍ତକୁ ଉଲ୍ଲେଖ କରି କହିଥିଲେ, 'ତିନି ମାସ ପୂର୍ବେ ଇଂଲଣ୍ଡରେ ଶୁବମନଙ୍କ ପ୍ରଦର୍ଶନ ଦେଖନ୍ତୁ। ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ପରି ଅଭିଜ୍ଞ ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଏକ ଯୁବ ଦଳକୁ ଆଗରୁ ନେତୃତ୍ୱ ଦେବା ଚମତ୍କାର ଥିଲା। ସେ ବ୍ୟାଟିଂ ଏବଂ ଅଧିନାୟକତ୍ୱ ଉଭୟରେ ସୁନା ପରି ଚମକଦାର ଥିଲେ।'

ସେ ଆହୁରି ମନେ ପକାଇଲେ ଯେ ଶୁବମନ ସେହି ଟେଷ୍ଟ ସିରିଜରେ ୭୫୦ରନ ଏବଂ ୪ଟି ଶତକ କରିଥିଲେ। ଜଣେ ଯୁବ ଅଧିନାୟକ ଯିଏ ବିଦେଶୀ ମାଟିରେ ଚାପ ତଳେ ଏତେ ପରିପକ୍ୱତା ଦେଖାଇଛନ୍ତି, କେବଳ କିଛି ବିଫଳତାକୁ ଆଧାର କରି ତାଙ୍କୁ ଅଣଦେଖା କରାଯିବା ଉଚିତ ନୁହେଁ। ଗାଙ୍ଗୁଲି ପରାମର୍ଶ ଦେଇଥିଲେ ଯେ ଶୁବମନଙ୍କୁ ଅଧିନାୟକ ଭାବରେ ସମୟ ଦିଆଯିବା ଉଚିତ ଏବଂ ପ୍ରଶଂସକ ଏବଂ କ୍ରିକେଟ ବିଶେଷଜ୍ଞମାନେ ଶୀଘ୍ର ନିଷ୍ପତ୍ତି ନେବା ଉଚିତ ନୁହେଁ।

ସେ କହିଥିଲେ, 'ପରବର୍ତ୍ତୀ ତିନି ମାସ ପାଇଁ ଗୋଟିଏ ତ୍ରୟମାସରେ ଚମତ୍କାର ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ସମାଲୋଚନା କରିବା ଠିକ ନୁହେଁ। ଜଣେ ଅଧିନାୟକ ଭାବରେ, ତାଙ୍କୁ ପର୍ଯ୍ୟାପ୍ତ ସମୟ ଏବଂ ସମର୍ଥନ ଦିଆଯିବା ଉଚିତ। ଏଥିରେ କୌଣସି ରକେଟ ବିଜ୍ଞାନ ଜଡ଼ିତ ନାହିଁ; ଏଥିପାଇଁ କେବଳ ବିଶ୍ୱାସ ଏବଂ ଧୈର୍ଯ୍ୟ ଆବଶ୍ୟକ।'

# ନରେନ୍ଦ୍ର ମୋଦୀ ବିକାଶ ମିଶନ ଜଳେଶ୍ୱର ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ

**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ୬୦ ନଂ ଜାତୀୟ ରାଜପଥର ଜମାଲପୁର ବାଇପାସ୍‌ର ଆଶୀର୍ବାଦ ନର୍ସିଂହୋମ୍ ପାଖରେ ଯଶସ୍ୱୀ ନରେନ୍ଦ୍ର ଦାମୁଦର ମୋଦୀ ବିକାଶ ମିଶନର ଜଳେଶ୍ୱର ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ନରେନ୍ଦ୍ର ମୋଦୀ ବିକାଶ ମିଶନର ରାଜ୍ୟ ସଭାପତି ଡକ୍ଟର ଶେଖ ଅବଦୁଲ ଗନି ହୋସେନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ବିକାଶମୁଖୀ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ମହିଳା ମୋର୍ଚ୍ଚା ସଭା ନେତ୍ରୀ ତଥା ବୈଶିଙ୍ଗାର ପୂର୍ବତନ ବିଧାୟିକା ପ୍ରମିଳା ଗିରି, ରାଜ୍ୟ କିଷାନ ମୋର୍ଚ୍ଚା ସଭାପତି ତୁଷାର କାନ୍ତି ଦାସ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଶେଖ ଅବଦୁଲ ହାକିମ, ରାଜ୍ୟ ସାଧାରଣ ସମ୍ପାଦକ ତାପସ ମହାପାତ୍ର ଓ ଉତ୍ତର ଓଡ଼ିଶା ଜୋନାଲ ସଭାପତି ରତ୍ନାକର ରାୟ, ବାଲେଶ୍ୱର ଜିଲ୍ଲା ସଭାପତି ପଙ୍କଜ ପରିଡ଼ା, କାର୍ଯ୍ୟକାରୀ ସଭାପତି ଏସ.କେ ନାଜିମୁଦ୍ଦିନ, ସାଧାରଣ ସମ୍ପାଦକ ଶିଶିର କୁମାର ସେନାପତି, ସମ୍ପାଦକ ଅକ୍ଷୟ ପରିଡା. ମୟୂରଭଞ୍ଜ ଜିଲ୍ଲା-୧ ମହିଳା ସଭାନେତ୍ରୀ ସୁମିତ୍ରା ବଳବନ୍ତରାୟ, ଜୋନ୍-୨ ସଭାପତି ସୁକୁମାର ରଣା, ବ୍ଲକ କାର୍ଯ୍ୟକାରୀ ସଭାପତି ସୁଶୀଲ ପ୍ରଧାନ, ବରିଷ୍ଠ ନେତା ବଳରାମ କର, ବରିଷ୍ଠ ସମାଜସେବୀ ଓ ରାଜନେତା ନବକିଶୋର ଦାସ, ମଧୁସୂଦନ ଦତ୍ତ, ଜଳେଶ୍ୱର ମ୍ୟୁନିସିପାଲିଟିର ସଭାପତି ବିଜୟ ପରିଡ଼ା, ବସ୍ତା ବ୍ଲକ୍‌ର ରଘୁନାଥପୁର ପଞ୍ଚାୟତ ନେତା ଜଗନ୍ନାଥ ଜେନା ଓ ବିଭିନ୍ନ ପଞ୍ଚାୟତରୁ ଆସିଥିବା ନେତାମାନେ ଉପସ୍ଥିତ ରହି ବିଭିନ୍ନ ବିକାଶମୂଳକ ଯୋଜନା ବିଷୟରେ ଆଲୋଚନା କରିଥିଲେ ଓ ଆଗାମୀ ନିର୍ବାଚନରେ କେମିତି ଅଧିକା ବ୍ଲକ ଜିଲ୍ଲା ପରିଷଦ ଜିତିବେ ସେ ବିଷୟରେ ଆଲୋଚନା ହେଇଥିଲା। ତପସ୍ୱିନୀ ଦାସ ଓ ଅନ୍ନପୂର୍ଣ୍ଣା ମହାପାତ୍ର ମଞ୍ଚସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଶିଶିର କୁମାର ସେନାପତି ସଭା ପରିଚାଳନା କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ବିଜେପି ନେତା ନବ କିଶୋର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।





# ୨୦୨୭ ସୁଦ୍ଧା ରାଜ୍ୟର ସବୁଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ : ମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଗାମୀ ୨୦୨୭ ମସିହା ସୁଦ୍ଧା ରାଜ୍ୟର ସବୁ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁବିଧା ଉପଲବ୍ଧ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମଙ୍ଗଳବାର ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ପ୍ରକାଶ କରିଛନ୍ତି। ସେହିପରି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ ଗୃହରେ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ଶ୍ରୀ ସାରଦା ପ୍ରସନ୍ନ ଜେନାଙ୍କ ମୂଳ ପ୍ରଶ୍ନ ଏବଂ ବିଧାୟକ ସର୍ବଶ୍ରୀ ଅମରେନ୍ଦ୍ର ଦାସ, ସିଦ୍ଧାନ୍ତ ମହାପାତ୍ର, ଦିବ୍ୟଶଙ୍କର ମିଶ୍ର, ଆଶ୍ରିତ ପଟ୍ଟନାୟକ, ଧ୍ରୁବ ଚରଣ ସାହୁ, ଗଣେଶ୍ୱର ବେହେରା, ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖଙ୍କ ଅନ୍ୟ କେତେକଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଏପର୍ଯ୍ୟନ୍ତ ୮୮.୬୬ ପ୍ରତିଶତ ପରିବାର ମଧ୍ୟରୁ ୬୦ ପ୍ରତିଶତ ପରିବାରକୁ ପାନୀୟ ଜଳ ସୁବିଧା ଯୋଗାଇ ଦିଆଯାଇ ପାରିଛି।

## ବୁଣାକାରମାନଙ୍କ ସମସ୍ୟା ପ୍ରତି ସରକାର ଦୃଷ୍ଟି ଦିଅନ୍ତୁ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ବିଧାନସଭାର ଶୂନ୍ୟକାଳରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟର ବୁଣାକାରମାନଙ୍କ ସମସ୍ୟା ପ୍ରତି ସରକାର ଦୃଷ୍ଟି ଦେବାକୁ ନିବେଦନ କରିବା ସହ କହିଥିଲେ ଯେ, ସମ୍ପ୍ରତି କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନ ରାଶି ବନ୍ଦ କରି ଦିଆଯିବା ଫଳରେ ହଜାର ହଜାର ସଂଖ୍ୟାରେ ବୁଣାକାର ପରିବାର ହସ୍ତତନ୍ତ କାରବାର କରିବାରୁ ବଞ୍ଚିତ ହୋଇଛନ୍ତି। ସମ୍ବଲପୁର, ସୋନପୁର, ବଲାଙ୍ଗୀର ଓ ବରଗଡ଼ ସମେତ ରାଜ୍ୟର ବହୁ ଅଞ୍ଚଳରେ ବୁଣାକାର ପରିବାରଙ୍କ ଜୀବନ ଜୀବିକା ବିପନ୍ନ ହୋଇଛି। ସେମାନଙ୍କର ସଂଖ୍ୟା ମଧ୍ୟ କମିବାରେ ଲାଗିଲାଣି। ଅନ୍ୟ ପକ୍ଷରେ ତାମିଲନାଡୁ ଆଦି ରାଜ୍ୟରୁ ଛାପା ହ୍ୟାଣ୍ଡଲୁମ୍ ବସ୍ତ୍ର ଆସି ଏଠାରେ ବିକ୍ରି କାରିବାର କରାଯାଉଥିବାରୁ ଆମର ସଂସ୍କୃତି ପରମ୍ପରା ସହ ଜଡ଼ିତ ବହୁ ପ୍ରାଚୀନ ହସ୍ତତନ୍ତ ବସ୍ତ୍ରର ଚାହିଦା ଆନ୍ତର୍ଜାତିକ ବଜାରରେ ରହିଥିଲେ ମଧ୍ୟ ଏହାର ବିକାଶ ପାଇଁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ତେଣୁ ଏ ଦିଗରେ ଦୃଷ୍ଟି ଦେଇ ବୁଣାକାରମାନଙ୍କ ସ୍ୱାର୍ଥରକ୍ଷା କରିବାକୁ ସେ ନିବେଦନ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କୋଟିଆରେ ପୁଣି ଆନ୍ଧ୍ରର ଅନୁପ୍ରବେଶ ପ୍ରସଙ୍ଗ ଉଠାଇ ଉଦବେଗ ପ୍ରକାଶ କରିବା ସହ ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ।

# ଦିଲ୍ଲୀର ଭାରତ ମଣ୍ଡପମରେ ମହାନ 'ଅନ୍ତର୍ଜାତୀୟ ଜନମଙ୍ଗଳ ସମ୍ମିଳନୀ'

**ନୂଆଦିଲ୍ଲୀ :**

ଏକ ବିରଳ ସଂଯୋଗରେ, ଏହି ଦୁଇ ଦିନିଆ 'ଅନ୍ତର୍ଜାତୀୟ ଜନମମଙ୍ଗଳ ସମ୍ମିଳନୀ' ଯୋଗ ଏବଂ ଉପବାସର ଦୁଇ ପ୍ରଖ୍ୟାତ ସନ୍ଥ: ଯୋଗ ଋଷି ସ୍ୱାମୀ ରାମଦେବ ମହାରାଜ ଏବଂ ଜୈନ ସନ୍ଥ ଅନ୍ତର୍ମଣା ଆଚାର୍ଯ୍ୟ ପ୍ରସନ୍ନ ସାଗର ଜୀ ମହାରାଜଙ୍କ ପବିତ୍ର ମାର୍ଗଦର୍ଶନରେ ଅନୁଷ୍ଠିତ ହେଉଛି। 'ଜନମଙ୍ଗଳର ସଠିକ ଦୃଷ୍ଟିକୋଣ: ଉପବାସ, ଧ୍ୟାନ, ଯୋଗ ଏବଂ ସ୍ୱଦେଶୀ ଚିନ୍ତାଧାରା' ଉପରେ ଧ୍ୟାନ ଦିଆଯିବ।

ଡିସେମ୍ବର ୧୨-୧୩ ତାରିଖରେ 'ପ୍ରତି ମାସରେ ଗୋଟିଏ ଉପବାସ' ଅଭିଯାନର ଶୁଭାରମ୍ଭ ଅବସରରେ ସମ୍ମିଳନୀରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ, କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ, କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଦିଲ୍ଲୀ କ୍ୟାବିନେଟ ମନ୍ତ୍ରୀ ପରଭେଶ ସାହିବ ସିଂହ ଏବଂ କପିଲ ମିଶ୍ର, ସାଂସଦ ସୁଧାଂଶୁ ତ୍ରିବେଦୀ, ସାଂସଦ ଯୋଗେନ୍ଦ୍ର ଚାଣ୍ଡୋଲିଆ, ଇଣ୍ଡିଆ ଟିଭି ଅଧ୍ୟକ୍ଷ ରଜତ ଶର୍ମା, ପ୍ରସିଦ୍ଧ ଯକୃତ ବିଶେଷଜ୍ଞ ଡକ୍ଟର ଏସ.କେ. ସରିନ, ଭାରତୀୟ ଶିକ୍ଷା ବୋର୍ଡର ଅଧ୍ୟକ୍ଷ ଏନ.ପି. ସିଂହ, ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଅନୁରାଗ ଭାର୍ଷ୍ଣେ ଏବଂ ପଣ୍ଡିତ ସନ୍ଥ ବାବା ସତ୍ୟନାରାୟଣ ମୌର୍ଯ୍ୟ ଏହି ଅବସରରେ ଅଭିଭାଷଣ ପ୍ରଦାନ କରିବେ।

ପୂଜ୍ୟ ବାଗେଶ୍ୱର ସରକାର ଧୀରେନ୍ଦ୍ର ଶାସ୍ତ୍ରୀ ଏକ ଡିଜିଟାଲ ଅଭିଭାଷଣ ପ୍ରଦାନ କରିବେ, ଯେତେବେଳେ ପୂଜ୍ୟ ଆଚାର୍ଯ୍ୟ ବାଳକୃଷ୍ଣ ଜୀ ମହାରାଜ, ଗୀତା ମଣିଷି ମହାମଣ୍ଡଳେଶ୍ୱର ଜ୍ଞାନାନନ୍ଦ ଜୀ ମହାରାଜ ଏବଂ ମହନ୍ତ ବାଳକନାଥ ଯୋଗୀ ଜୀ ମହାରାଜ ସେମାନଙ୍କର ପବିତ୍ର ଉପସ୍ଥିତି ପ୍ରଦାନ କରିବେ।




ଆପଣମାନେ ସାକ୍ଷୀ ଯେ ବିଶ୍ୱବାସୀଙ୍କ କଲ୍ୟାଣ ପାଇଁ ଯୋଗୀର୍ଷି ସ୍ୱାମୀ ରାମଦେବ ଜୀଙ୍କ ଅଟଳ ପ୍ରୟାସ ଦ୍ୱାରା ଯୋଗ ହରିଦ୍ୱାରରୁ ପ୍ରତ୍ୟେକ ଦ୍ୱାରରେ ପ୍ରସାରିତ ହୋଇଥିଲା ଏବଂ ମାନବତାକୁ ଏକ ବରଦାନ ମିଳିଥିଲା। ସେହିପରି ଆଚାର୍ଯ୍ୟ ପ୍ରସନ୍ନ ସାଗରଜୀ ମହାରାଜ ଅତୁଳନୀୟ ୫୫୭ ଦିନ ପାଇଁ ନିରନ୍ତର ଉପବାସ କରି 'ଉପବାସ ସାଧନା ଶିରୋମଣି'ର ଖ୍ୟାତି ଅର୍ଜନ କରିଛନ୍ତି ଏବଂ ଆଜି ପର୍ଯ୍ୟନ୍ତ ୩୫୦୦ରୁ ଅଧିକ ଥର ଉପବାସ କରିଛନ୍ତି।

ବର୍ତ୍ତମାନ ଯୁଗର ଉଭୟ ମହାପୁରୁଷ ଲୋକଙ୍କ କଲ୍ୟାଣ ପାଇଁ 'ପ୍ରତି ମାସରେ ଗୋଟିଏ ଉପବାସ'ର ଏକ ବିଶାଳ ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହା ଦ୍ୱାରା 'ଉପବାସ'ର ସର୍ବସିଦ୍ଧିକାରୀ ମନ୍ତ୍ର ମାନବତାର କଲ୍ୟାଣ ଆଣିପାରିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭୁବନେଶ୍ୱର : ଜଳବନ୍ଦୀ...

ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭୁବନେଶ୍ୱର ସହର ମଧ୍ୟରେ ଥିବା ସମସ୍ତ ପ୍ରାକୃତିକ ନାଳ (ନ୍ୟାଚୁରାଲ ଡ୍ରେନ୍) ଗୁଡ଼ିକର ପୁନରୁଦ୍ଧାର ସହ ଡ୍ରେନେଜ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯାଇଛି। ମନ୍ତ୍ରୀ କହିଛନ୍ତି ଯେ, ଇସ୍କନ ମନ୍ଦିର ଠାରୁ ବେହେରା ସାହି ଦେଇ ବର୍ଷାଜଳ ନିଷ୍କାସନ ପାଇଁ ଏକ ବୃହତ୍ ଡ୍ରେନ୍‌ର ଡିପିଆର ପ୍ରସ୍ତୁତ କରାଯାଇ ସାରିଛି ଏବଂ ଏହାର ଟେଣ୍ଡର ମଧ୍ୟ ହୋଇଛି। ୧୫ କୋଟି ୬୬ ଲକ୍ଷ ଟଙ୍କା ବ୍ୟୟରେ ଏହି କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରାଯିବ। ଏହା କାର୍ଯ୍ୟକାରୀ ହେଲା ପରେ ଭୁବନେଶ୍ୱର ସହରରେ ଜବଲନ୍ଦୀ ସମସ୍ୟାର ୩୦ ପ୍ରତିଶତ ସମାଧାନ ହୋଇପାରିବ। ଏହାଛଡ଼ା ଉପରମୁଣ୍ଡରୁ ବମିଖାଲ ପର୍ଯ୍ୟନ୍ତ ଯାଇଥିବା ବୃହତ ନାଳର ଡ୍ରେନେଜ ବ୍ୟବସ୍ଥା ପାଇଁ ୮କୋଟି ୪୧ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଆଉ ଏକ ଟେଣ୍ଡର ହୋଇସାରିଛି ଏବଂ ଏହି କାର୍ଯ୍ୟ ମଧ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ। ଇସ୍କନ ମନ୍ଦିର ଠାରୁ ବାଣୀ ବିହାର ପର୍ଯ୍ୟନ୍ତ ରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ପାଇଁ ଡିପିଆର ପ୍ରସ୍ତୁତ ହୋଇଛି ବୋଲି ମନ୍ତ୍ରୀ କହିଥିଲେ। ବିଜେପି ବିଧାୟକ ବାବୁ ସିଂ ଭୁବନେଶ୍ୱର ସହରରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ସରକାର ସ୍ଥାୟୀ ପଦକ୍ଷେପ ନେଇଛନ୍ତି କି, ଏହା ଉପରେ ସରକାରଙ୍କ ସ୍ପଷ୍ଟ ନୀତି କଣ ରହିଛି ବୋଲି ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହା କହିଛନ୍ତି। ସେ କହିଥିଲେ ଭୁବନେଶ୍ୱର ସହରରେ ଜଳବନ୍ଦୀ ସମସ୍ୟା ଦୀର୍ଘ ଦିନ ହେଲା ଲାଗି ରହିଛି। ପ୍ରାକୃତିକ ନାଳ ଗୁଡିକର ଜବରଦଖଲ ହୋଇଥିବା କାରଣରୁ ଇସ୍କନ ମନ୍ଦିର ପାଖରେ ବର୍ଷା ସମୟରେ ବଡ ବଡ ଗାଡି ଗୁଡିକ ମଧ୍ୟ ଭାସମାନ ଅବସ୍ଥାର ସମ୍ମୁଖୀନ ହୋଇଥାନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବର୍ତ୍ତମାନର ସରକାର ଆରମ୍ଭ କରିଥିବା ପଦକ୍ଷେପ କାର୍ଯ୍ୟକାରୀ ହେଲେ ନିଶ୍ଚିତ ଭାବେ ସ୍ଥିତିରେ ସୁଧାର ଆସିବ।

## ଓଡ଼ିଶାକୁ 'ଶ୍ରେଷ୍ଠ ...

ଭାଗ ନେଇଥିଲେ। ଓଡ଼ିଶା ଟ୍ୟୁରିଜିମ୍ ପାଭିଲିୟନ୍‌ରେ ରାଜ୍ୟର ଇକୋ-ରିଟ୍ରିଟ୍, ନେଚର ଟ୍ରେଲ୍, ଐତିହ୍ୟ ସର୍କିଟ୍ ଏବଂ ଦୁଃସାହସିକ ପର୍ଯ୍ୟଟନ ସମ୍ବନ୍ଧରେ ଆକର୍ଷଣୀୟ ପ୍ରଦର୍ଶନୀ ଉପସ୍ଥାପନ କରାଯାଇଥିଲା, ଯାହା ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା। ରାଜ୍ୟର ପ୍ରତିନିଧିମଣ୍ଡଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଅଧିକ ସହଯୋଗ ଏବଂ ନୂତନ ପନ୍ଥା ଖୋଜିବା ପାଇଁ ଟ୍ରାଭେଲ୍ ଇଣ୍ଡଷ୍ଟ୍ରି ଷ୍ଟେକ୍‌ହୋଲ୍ଡର, ଟୁର୍ ଅପରେଟର ଏବଂ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ।

## ଯୁକ୍ତ ଦୁଇ ...

ବ୍ୟତୀତ ଅନ୍ୟ ସମସ୍ତ ମାତୃଭାଷା ପେପର ଯଥା- ହିନ୍ଦୀ, ବଙ୍ଗଳା, ତେଲୁଗୁ, ଉର୍ଦ୍ଦୁ, ସଂସ୍କୃତ, ଏବଂ ଆଲଟରନେଟିଭ୍ ଇଂରାଜୀ ଆଦି ପରୀକ୍ଷାଗୁଡ଼ିକ ବର୍ତ୍ତମାନ ମାର୍ଚ୍ଚ ୨୩ ରେ ସକାଳ ୧୦ ଟାରୁ ଦିନ ୧ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି, ପୂର୍ବରୁ ମାର୍ଚ୍ଚ ୨୧, ୨୦୨୬ (ଶନିବାର) ରେ ଧାର୍ଯ୍ୟ ହୋଇଥିବା ପରୀକ୍ଷାକୁ ମାର୍ଚ୍ଚ ୨୫, ୨୦୨୬ (ବୁଧବାର) ରେ ପରିବର୍ତ୍ତନ କରାଯାଇଛି। ଏହି ପରିବର୍ତ୍ତନ କଳା ବିଭାଗର ଲଜିକ୍, ବାଣିଜ୍ୟ ବିଭାଗର ଆକାଉଣ୍ଟାନ୍ସି ଏବଂ ସମସ୍ତ ଭୋକେସନାଲ୍ ଟ୍ରେଡ୍ ସବଜେକ୍ଟ ପେପର-୪ ପରୀକ୍ଷାର୍ଥୀଙ୍କୁ ପ୍ରଭାବିତ କରିବ। ଭୋକେସନାଲ୍ ବିଷୟର ପରୀକ୍ଷା ସେମାନଙ୍କ ପୂର୍ବ ନିର୍ଦ୍ଧାରିତ ମାର୍କ ଭିତ୍ତିକ ସମୟ ଅନୁଯାୟୀ (୪୦ ମାର୍କ ପାଇଁ ସକାଳ ୧୦ଟାରୁ ୧୨ଟା କିମ୍ବା ୫୦ ମାର୍କ ପାଇଁ ସକାଳ ୧୦ଟାରୁ ୧୨:୩୦ ପର୍ଯ୍ୟନ୍ତ) ଅନୁଷ୍ଠିତ ହେବ। ସିଏଚ୍‌ଏସ୍‌ଇ ସ୍ପଷ୍ଟ କରିଛି ଯେ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା-୨୦୨୬ ର ଅନ୍ୟ ସମସ୍ତ ତାରିଖ ଏବଂ ବିବରଣୀ ଅପରିବର୍ତ୍ତିତ ରହିବ। ପରିଷଦ ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ପରୀକ୍ଷା କେନ୍ଦ୍ରକୁ ଏହି ପରିବର୍ତ୍ତନକୁ ଧ୍ୟାନ ଦେବା ସହ ବିଦ୍ୟାର୍ଥୀମାନଙ୍କୁ ଦ୍ୱନ୍ଦ୍ୱରୁ ଦୂରେଇ ରଖିବା ପାଇଁ ସୂଚନା ଫଳକ ଓ ୱେବସାଇଟ୍‌ରେ ତୁରନ୍ତ ଏହାକୁ ପ୍ରଦର୍ଶିତ କରିବାକୁ ନିର୍ଦ୍ଦେଶ ଦେଇଛି।

## ବୃଦ୍ଧି ହେଲା ...

ବଦଳରେ ୩୦୦୦ ପାଇବେ। ରାଜ୍ୟ ବାହାରେ ବୈଠକ ପାଇଁ ଦୈନିକ ୨୦୦୦ ବଦଳରେ ୧୦ ହଜାର ମିଳିବ। ରାଜ୍ୟ ଭିତରେ କାର ଯାତ୍ରା ପାଇଁ କିଲୋମିଟର ପିଛା ୨୫ ଟଙ୍କା ବଦଳରେ ମିଳିବ ୩୫ ଟଙ୍କା। ମାସିକ ଯାନ ବାହନ ଭତ୍ତା ୧୫ ହଜାର ବଦଳରେ ମିଳିବ ୫୦ ହଜାର ଟଙ୍କା। ମାସକୁ ପୁସ୍ତକ କିଣିବା ପାଇଁ ୨୦୦୦ ବଦଳରେ ମିଳିବ ୧୦ ହଜାର, ବିଜୁଳି ବିଲ ପାଇଁ ୫୦୦୦ ବଦଳରେ ୨୦ ହଜାର ଟଙ୍କା, ଚିକିତ୍ସା ଖର୍ଚ୍ଚ ୫୦୦୦ ଟଙ୍କା ବଦଳରେ ୩୫ ହଜାର ମିଳିବ। ସେହିପରି କ୍ୱାର୍ଟର୍ସ ମିଳି ନ ଥିବା ବିଧାୟକଙ୍କୁ ରହଣି ପାଇଁ ଦିନକୁ ୧୦୦୦ ଟଙ୍କା ବଦଳରେ ମିଳିବ ୨୦୦୦ ଟଙ୍କା। ଗାଡି କିଣିବା ପାଇଁ ୫ ଲକ୍ଷ ଟଙ୍କା ବଦଳରେ ୧୦ ଲକ୍ଷ ଟଙ୍କା ମିଳିବ। ଗାଡ଼ି କିଣା ଖର୍ଚ୍ଚ, କମିଟି ବୈଠକ ଭତ୍ତା, ରାଜ୍ୟ ବାହାର ବୈଠକ ଭତ୍ତା, ରାଜ୍ୟ ଭିତରେ କାର ଯାତ୍ରା ଭତ୍ତାକୁ ବାଦ ଦେଲେ ଅନ୍ୟାନ୍ୟ ଭତ୍ତା ଏବଂ ମୂଳ ଦରମାକୁ ମିଶାଇ ବିଧାୟକମାନେ ମାସିକ ୩ ଲକ୍ଷ ୨୬ ହଜାର ଟଙ୍କା ପାଇବେ।

ସେହିପରି ପୂର୍ବତନ ବିଧାୟକମାନେ ପୂର୍ବରୁ ୩୬ ହଜାର ଟଙ୍କା ପାଉଥିଲାବେଳେ ଏବେ ୯୨ ହଜାର ଟଙ୍କା ଦରମା ପାଇବେ। ବିଧାୟକଙ୍କ ଦରମା ବୃଦ୍ଧିକୁ ଗୃହରେ ଦଳମତ ନିର୍ବିଶେଷରେ ବିଧାୟକମାନେ ସ୍ୱାଗତ ଜଣାଇଥିଲେ। ବିଧାୟକ ସର୍ବଶ୍ରୀ ଭାସ୍କର ମଢେଇ, ସନାତନ ବିଜୁଳି, ପୂର୍ଣ୍ଣଚନ୍ଦ୍ର ସେଠୀ, ଗଣେଶ୍ୱର ବେହେରା, ଦାସରଥି ଗମାଙ୍ଗ, ସନ୍ତୋଷ ଖଟୁଆ, ରାମଚନ୍ଦ୍ର କାଡାମ, ଭାଦବ ହାଂସଦା ଓ ପ୍ରମିଳା ମଲ୍ଲିକ ପ୍ରମୁଖ ବିଧାନସଭା ସଦସ୍ୟ, ବାଚସ୍ପତି, ଉପବାଚସ୍ପତି ଓ ମନ୍ତ୍ରୀଙ୍କ ଦରମା ଭତ୍ତା ବୃଦ୍ଧି ସାଂପ୍ରତିକ ପେକ୍ଷାପଟରେ ମୁଦ୍ରାସ୍ଫିତୀ ଓ ଦରଦାମ ବୃଦ୍ଧିକୁ ନେଇ ଆବଶ୍ୟକତା ଅନୁସାରେ କରାଯାଇଥିବାରୁ ସରକାର ବିଶେଷକରି ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ।

## ସେନସେକ୍ସ ୬୧୦...

୯୬୧ରେ ସ୍ଥିର ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ବ୍ୟାପକ ବଜାର ସୂଚକାଙ୍କ ମଧ୍ୟ ହ୍ରାସ ପାଇଥିଲା। ମିଡ୍-କ୍ୟାପ୍ ସୂଚକାଙ୍କ ୧.୭%ରୁ ଅଧିକ ହ୍ରାସ ପାଇଥିଲା, ଯେତେବେଳେ ସ୍ମଲ୍-କ୍ୟାପ୍ ସୂଚକାଙ୍କ ୨.୨% ହ୍ରାସ ପାଇଥିଲା। ସେନସେକ୍ସ ପ୍ୟାକ୍‌ରେ, ୩୦ଟି କମ୍ପାନୀ ମଧ୍ୟରୁ ୨୬ଟି କମ୍ପାନୀ ହ୍ରାସ ପାଇଛି। ଶୀର୍ଷ ପଛୁଆ କମ୍ପାନୀମାନଙ୍କ ମଧ୍ୟରେ, ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ୫% ହ୍ରାସ ପାଇଥିବା ବେଳେ ଇଟର୍ନାଲ୍ ୨.୪%ରୁ ଅଧିକ ହ୍ରାସ ପାଇଛି ଏବଂ ଟ୍ରେଣ୍ଟ ୨.୩%ରୁ ଅଧିକ ହ୍ରାସ ପାଇଛି।

## ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ...

ଗୃହକୁ ଆସି ବିବୃତ୍ତି ରଖିବାକୁ ବାଚସ୍ପତି ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। ସେ କହିଥିଲେ ଗଲା କିଛି ଦିନ ଧରି ସେହି ଅଞ୍ଚଳରେ ଜାତିଗତ ସଂଘର୍ଷ ଉଗ୍ରରୂପ ଧାରଣ କରିଛି। ହଜାର ହଜାର ଲୋକ ଗାଁ ଛାଡି ଭୟରେ ପଳଉଛନ୍ତି। ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ଏଭଳି ଘଟଣାକୁ ପ୍ରଶୟ ଦିଆଯିବା ଉଚିତ ହେବ ନାହିଁ। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ ନକଲେ ଓଡ଼ିଶାରେ ମଣିପୁର ଭଳି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାକୁ ଏଡାଇ ଦେଇ ହେବ ନାହିଁ ବୋଲି ସେ ଚେତାବନୀ ଶୁଣାଇଥିଲେ।

## ବିଧାନସଭାରେ ...

୧୫୦ବର୍ଷ ପୂର୍ତ୍ତି ପରେ ବି ଏହା ଯଥେଷ୍ଟ ପ୍ରାସଙ୍ଗିକ, ଓଡ଼ିଶାର ମାଟି, ପାଣି ଓ ପବନ ମହର୍ଷି ବଙ୍କିମ୍ ଚନ୍ଦ୍ରଙ୍କୁ ପ୍ରଭାବିତ କରିଥିଲା। କର୍ମଭୂମି ଓଡ଼ିଶାରେ ତାଙ୍କ ସାରସ୍ୱତ ସାଧନା ଥିଲା ଗତିଶୀଳ। ପରମ ବୈଭବଶାଳୀ ରାଷ୍ଟ୍ର ନିର୍ମାଣରେ ଭାରତୀୟମାନଙ୍କୁ ଶକ୍ତି ସାହସ ଓ ଆତ୍ମ ବିଶ୍ୱାସ ପ୍ରଦାନ କରିବାରେ ବନ୍ଦେମାତରମ୍‌ର ଭୂମିକା ସର୍ବାଗ୍ରେ ସ୍ୱୀକାର୍ଯ୍ୟ। ଏହାର ୧୫୦ବର୍ଷ ପୂର୍ତ୍ତି ଅବସରରେ ଆସନ୍ତୁ ସମସ୍ତେ ମନପ୍ରାଣ ଦେଇ ସେହି ଅମର ଅଜର ଓ ଅମ୍ଳାନ ବିତ୍‌କୁ ବାରମ୍ବାର ସ୍ମରଣ କରିବା ପୂର୍ବକ ଭାରତୀୟତାର ଜୟଗାନ କରିବା। ଦେଶକୁ ଏକତାର ଡୋରିରେ ବାନ୍ଧି ରଖିବାର ପ୍ରୟାସ କରିବା। ଏହି ପରିପ୍ରେକ୍ଷୀରେ ଏହାକୁ ରାଜ୍ୟବ୍ୟାପୀ ପାଳନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଧାନସଭା ସରକାରଙ୍କୁ ସୁପାରିସ କରୁଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ ତାଙ୍କ ପ୍ରସ୍ତାବରେ ଦର୍ଶାଇଥିଲେ। ବିରୋଧୀ ଦଳରୁ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ଦେ ମାତରମ୍‌ର ଗୁରୁତ୍ୱ ଏବଂ ଦେଶ ପାଇଁ ଏହାର ପ୍ରାସଙ୍ଗିକତା ଉପରେ ବିଶଦ୍‌ଭାବେ ଆଲୋକପାତ କରିଥିଲେ।

# ବରିଷ୍ଠ ନାଗରିକ ବିକାଶ ପରିଷଦ ତରଫରୁ "ଡିଜିଟାଲ ସାକ୍ଷର" କାର୍ଯ୍ୟକ୍ରମ





**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଜିକାଲି କମ୍ପ୍ୟୁଟରର ଯୁଗ। ଯାହାବି କର କମ୍ପ୍ୟୁଟରର ସାହାଯ୍ୟ ନିହାତି ଆବଶ୍ୟକ। ଆଜିକାଲିର ବରିଷ୍ଠ ନାଗରିକ, ଯେଉଁମାନେ ୬୫-୭୦ ବର୍ଷ ତଳେ ଜନ୍ମ ନେଇଥିଲେ, ସେମାନେ ଏ ବିଦ୍ୟାରେ ଅନଭିଜ୍ଞ। କିନ୍ତୁ, ଜମିର ଖଜଣା ଜମା ହେଉ କିମ୍ବା ପାଣି ବିଲ, ଗ୍ୟାସ ବିଲ, ଇଲେକ୍ଟ୍ରି ବିଲ ଜମା ହେଉ, ସବୁ ପାଇଁ ମୋବାଇଲର ସାହାଯ୍ୟ ଲୋଡ଼ା।ତା ଛଡ଼ା, ବୃଦ୍ଧ ଲୋକଙ୍କୁ ଡ଼ିଜିଟାଲ ମାଧ୍ୟମରେ ଠକି ବ୍ୟାଙ୍କରୁ ସେମାନଙ୍କ ପଇସା ଉଠେଇ ନେଇ ସେମାନଙ୍କୁ ବର୍ବାଦ କରି ଦେବାର ନଜର ସାମ୍ନାକୁ ବାରମ୍ବାର ଆସୁଛି।

ଏ ସବୁଠୁ ଆମେ ଦୂରେଇ ରହି ପାରିବା ଯଦି, ଆମ ଲୋକେ ଏହାର ଉପକାର ସହ ଏହାର ଦୁର୍ବ୍ୟବହାର ଦ୍ୱାରା ହେବାକୁ ଥିବା ଠକାମୀରୁ ରକ୍ଷା ପାଇଁ ଜ୍ଞାନ ଆହରଣ ସହ, ସତର୍କ ରହିବାର କଳା ଶିଖିବା ନିହାତି ଆବଶ୍ୟକ।

ଏଇ ସବୁ ବିଷୟକୁ ଦୃଷ୍ଟିରେ ରଖି, ନୀଳାଦ୍ରି ବିହାର ସ୍ଥିତ "ବରିଷ୍ଠ ନାଗରିକ ବିକାଶ ପରିଷଦ" ଦ୍ୱାରା ଏକ ଦିନିକିଆ "ଡ଼ିଜିଟାଲ ସାକ୍ଷରତା କର୍ମଶାଳା" ତା ୯.୧୨.୨୦୨୫ରେ ଅନୁଷ୍ଠିତ ହୋଇଥିଲା। ଶତାଧିକ ବରିଷ୍ଠ ନାଗରିକ ଏହି କର୍ମଶାଳାରେ ଭାଗ ନେଇ ଶିକ୍ଷା ଗ୍ରହଣ କରିବା ସହ, ମନରେ ଥିବା ଅନେକ ସନ୍ଦେହ ଦୂରୀଭୂତ ପାଇଁ ପ୍ରଶ୍ନ ପଚାରି ବୁଝିଥିଲେ। ଏହି କର୍ମଶାଳାଟି, "ଓଡିଶା କମ୍ପ୍ୟୁଟର ଆପଲିକେସନ ସେଣ୍ଟର" ଓ ସର୍ବ ଭାରତୀୟ ସ୍ତରର ସଂସ୍ଥା "ହେଲ୍ପ ଏଜ ଇଣ୍ଡିଆ"ଙ୍କ ସହାୟତାରେ, ସମ୍ପାଦନା ହୋଇଥିଲା।

ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ, ୱାର୍ଡ ନମ୍ବର ୧୪ର କର୍ପୋରେଟର ଶ୍ରୀମତୀ ମୋନାଲିସା ସାହୁ, ମୁଖ୍ୟ ବକ୍ତା ଭାବେ, ଓଡିଶା କମ୍ପ୍ୟୁଟର ଆପଲିକେସନ ସେଣ୍ଟରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଶ୍ରୀ ପ୍ରଦୀପ ରାଉତ ଓ ସମ୍ମାନୀୟ ଅତିଥି ଭାବେ ହେଲ୍ପ ଏଜ ଇଣ୍ଡିଆର ଓଡିଶା ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ଯୋଗ ଦେଇ ଏ ପ୍ରଶିକ୍ଷଣର ତାତ୍ପର୍ଯ୍ୟ ଓ ଉପାଦେୟତା ବିଷୟରେ ନିଜ ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ, ବିକାଶ ପରିଷଦର ସଭାପତି ତଥା ପୂର୍ବତନ ପ୍ରଶାସକ ଶ୍ରୀ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ।

ଅନ୍ୟ ପ୍ରମୁଖ ସଭ୍ୟ ମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ, ଶ୍ରୀ ବିଜୟ କେତନ ପଟ୍ଟନାୟକ, ଶ୍ରୀ ଅଜିତ କୁମାର ପଟ୍ଟନାୟକ, ଶ୍ରୀ ଦିଲ୍ଲୀପ କୁମାର ମହାନ୍ତି, ଶ୍ରୀ ବିଶ୍ୱଜିତ ମିଶ୍ର, ଶ୍ରୀ ଦୁର୍ଯ୍ୟୋଧନ ବେହେରା, ଶ୍ରୀ ଅଶୋକ କୁମାର ସାହୁ, ଶ୍ରୀ ନିତ୍ୟାନନ୍ଦ ଦାସ, ଶ୍ରୀ ବସନ୍ତ କୁମାର ପ୍ରଧାନ, ଶ୍ରୀ ରବୀନ୍ଦ୍ର କୁମାର ବଳ, ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ ପ୍ରମୁଖ। ଶେଷରେ ପରିଷଦର ଯୁଗ୍ମ ସମ୍ପାଦକ ଶ୍ରୀ ମନୋରଞ୍ଜନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ସୀମାନ୍ତ ଗ୍ରାମାଞ୍ଚଳରେ ସକାରାତ୍ମକ ପରିବର୍ତ୍ତନ ଆଣିଛି ୟୁଏଆଇଏଲ୍

**ରାୟଗଡ଼ା, ନ୍ୟୁଜ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ଦୋରାଗୁଡା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଏହାର ସିଏସଆର୍ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଉଦ୍ୟମି ଗ୍ରାମାଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି ଆଣିଛି। ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ସୀମାନ୍ତ ୨ଟି ବ୍ଲକରେ ସୃଷ୍ଟି ହେଲାଣି ୩୦୧ କ୍ଷୁଦ୍ର ଉଦ୍ୟୋଗ। ଏଥିପାଇଁ ସ୍ୱାବଲମ୍ବୀ ହେଉଛନ୍ତି କ୍ଷୁଦ୍ର ଉଦ୍ୟୋଗୀ। ମାସିକ ରୋଜଗାରରେ ୧୨୦ ପ୍ରତିଶତରୁ ଉର୍ଦ୍ଧ୍ୱ ବୃଦ୍ଧି ହୋଇଥିବା ବେଳେ ୟୁଏଆଇଏଲର ଏଭଳି ପଦକ୍ଷେପ ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉତ୍ସାହ ପରିଲକ୍ଷିତ ହୋଇଛି। ଟିକିରି ତଥା ପର୍ଶ୍ୱସ୍ଥ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳ ଚେତନା ବିକାଶ ତଥା ସେମାନଙ୍କୁ ଅର୍ଥନୈତିକ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟ ନେଇ ଉତ୍କଳ ଆଲୁମିନା ଉଦ୍ୟମି ପ୍ରକଳ୍ପ କାର୍ଯ୍ୟକାରୀ କରିଛି। ପ୍ଲାଣ୍ଟ ପ୍ରଭାବିତ ତଥା ପାର୍ଶ୍ୱସ୍ଥ କାଶୀପୁର ଓ ପଡ଼ୋଶୀ କଳାହାଣ୍ଡି ଜିଲ୍ଲାର ଥୁଆମୁଲ ରାମପୁର ବ୍ଲକର ୧୦୫ ଟି ଗ୍ରାମରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ସମ୍ପ୍ରତି ଗ୍ରାମରେ କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି କରିବା ତଥା ଏହାର ପରିଚାଳନା ପାଇଁ ଉଦ୍ୟୋଗୀ ମାନଙ୍କୁ ସମ୍ପୂର୍ଣ୍ଣ କୌଶଳ, ପ୍ରାରମ୍ଭିକ ପାଣ୍ଠି, ଆବଶ୍ୟକ ଯାନ୍ତ୍ରିକ ଉପକରଣ, ପ୍ରଶାସନିକ ସହାୟତା ସମେତ କଞ୍ଚାମାଲ୍ ଯୋଗାଇ ବାଜରିକରଣ ପାଇଁ ପ୍ରତ୍ୟେକ୍ଷ ସହଯୋଗ ପ୍ରଦାନ କରିବା ହେଉଛି ଏହାର ଉଦ୍ଦେଶ୍ୟ। ଗତ ୨୦୨୧ ଜୁଲାଇ ଠାରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଜରିଆରେ ଉତ୍କଳ ଆଲୁମିନା ଚତୃପାର୍ଶ୍ୱ ଗ୍ରାମାଞ୍ଚଳରେ ଶତାଧିକ ଉଦ୍ୟମୀ ମାନେ ନିଜର ଇଚ୍ଛାଶକ୍ତି ଏବଂ କମ୍ପାନୀର ପ୍ରତ୍ୟେକ୍ଷ ସହଯୋଗରେ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା କରି ନିଜେ ଆତ୍ମନିର୍ଭରଶୀଳ ହୋଇଛନ୍ତି। ବାସୁଦେବ ବିଶୋଇ ଏପରି ଜଣେ ସଫଳ ଉଦ୍ୟମି। ଟିକିରି ସହରାଞ୍ଚଳରେ ଛୋଟ ଦୋକାନରୁ ନିଜ ବ୍ୟବସାୟ ଆରମ୍ଭ କରି ପରବର୍ତ୍ତୀ ପର୍ଯ୍ୟାୟରେ ସେ ଫ୍ଲେକ୍ସ ଓ ଷ୍ଟୁଡିଓ ବ୍ୟବସାୟ କରି ଭଲ ଲାଭବାନ ହୋଇଛନ୍ତି। ଏହି ଉଦ୍ୟମି ପ୍ରକଳ୍ପ ଦ୍ୱାରା ମୋଟ ୩୦୧ ଟି କ୍ଷୁଦ୍ର ଶିଳ୍ପ ତଥା ଉଦ୍ୟୋଗ ପ୍ରତିଷ୍ଠା ହୋଇଥିବାବେଳେ ପରୋକ୍ଷ ଭାବେ ୨୪୮ଜଣ ବ୍ୟକ୍ତିବିଶେଷଙ୍କୁ ରୋଜଗାର ମିଳିଛି। ଏହାଦ୍ୱାରା ପୂର୍ବରୁ ଦାଦନ ଖଟିବାକୁ ଯାଇଥିବା ୩୭ଜଣ ବ୍ୟକ୍ତିଙ୍କୁ ନିଜ ଗ୍ରାମରେ ରହି ରୋଜଗାର କରିବା ପାଇଁ ସୁଯୋଗ ପ୍ରଦାନ କରିଛି। ଉପରୁକ୍ତ ଉଦ୍ୟୋଗ ମଧ୍ୟରୁ ସେବା କ୍ଷେତ୍ରରେ ୧୩୪ ଗୋଟି ଉଦ୍ୟୋଗ ପ୍ରତିଷ୍ଠା ହୋଇଥିବା ସ୍ଥଳେ ଉତ୍ପାଦନ କ୍ଷେତ୍ରରେ ୭୦ ଟି ଓ ବ୍ୟବସାୟ ଭିତ୍ତିକ ଶିଳ୍ପରେ ୯୭ ଗୋଟି ଉଦ୍ୟୋଗ କାର୍ଯ୍ୟକାରୀ ହୋଇଛି। ଉଦ୍ୟମି ଦ୍ୱାରା ଉପକୃତ ହୋଇଥିବା ଜଣେ ମହିଳା ଉଦ୍ୟୋଗୀ ହେଉଛନ୍ତି ରୋଜାଲିନ ଖୋରା। ଏନେଇ ସେ ସୂଚନା ଦେଇ କହିଛନ୍ତି ଯେ, ବ୍ୟବସାୟ ଆରମ୍ଭ କରିବା ନେଇ ସେ ବହୁତ ଆଶାବାଦୀ ଥିଲେ। କିନ୍ତୁ କୌଣସି ଉପାୟ ନପାଇ ନିରାଶ ହୋଇଥିଲେ। ଏହାପରେ ଉତ୍କଳ ଆଲୁମିନା ପକ୍ଷରୁ ପରିଚାଳିତ ଉଦ୍‌ଯମି ପ୍ରକଳ୍ପ ସଂକ୍ରାନ୍ତରେ ଜାଣିବା ପରେ ସେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ପ୍ରାରମ୍ଭିକ ପର୍ଯ୍ୟାୟରେ ଆର୍ଥିକ ସହାୟତା ଓ ପ୍ରଶିକ୍ଷଣ ପାଇ ସେ ନିଜ ଘରୁ ବ୍ୟବସାୟ ଆରମ୍ଭ କରିଥିଲେ। ଯଦ୍ୱାରା ଉକ୍ତ ବ୍ୟବସାୟରୁ ଅର୍ଥ ଉପାର୍ଜନ କରି ପରିବାର ଚଳାଇବାରେ ସହଯୋଗ କରିଥିବା ସେ ପ୍ରକାଶ କରିଛନ୍ତି। ଉଦ୍ୟମି ପ୍ରକଳ୍ପ ଜରିଆରେ ପ୍ଲାଣ୍ଟ ଓ ଏହାର ପର୍ଶ୍ୱସ୍ଥ ଅଞ୍ଚଳରେ ନୂତନ ଉଦ୍ୟୋଗ ପ୍ରତିଷ୍ଠା ହେବା ସହିତ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ତଥା ସାମାଜିକ ଉନ୍ନତୀକରଣ ଘଟିଛି। ପୂର୍ବରୁ ଯେଉଁ ବ୍ୟକ୍ତି ବିଶେଷ ମାନେ ଏହି ଉଦ୍ୟୋଗ ଦ୍ୱାରା ଲାଭବାନ ହୋଇଛନ୍ତି। ସେମାନଙ୍କର ମାସିକ ରୋଜଗାର କ୍ଷମତା ୧୨୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅର୍ଥାତ୍ ହାରାହାରି ୬ହଜାର ଟଙ୍କାରୁ ବୃଦ୍ଧି ହୋଇଛି। ସାଂପ୍ରତିକ ସ୍ଥିତିରେ ୧୪ ରୁ ୧୮ ହଜାର ଯାଏଁ ଟଙ୍କା ରୋଜଗାର ସେମାନେ କରିପାରୁଛନ୍ତି। ଏହି ଉଦ୍ୟମି ପ୍ରକଳ୍ପ ଏଣ୍ଟରପ୍ରାଇଯେଶ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟେ ଅଫ ଇଣ୍ଡିଆ (ଇଡିଆଇଆଇ) ସହଭାଗିତାରେ କାର୍ଯ୍ୟକାରୀ ହୋଇଛି। ଏହାର କେନ୍ଦ୍ର ପରିଚାଳକ ଦୈତାରି ସାମନ୍ତରାୟ ବ୍ୟବସାୟ ଆରମ୍ଭ କରିବାକୁ ଇଚ୍ଛା ପ୍ରକାଶ କରୁଥିବା ବ୍ୟକ୍ତିଙ୍କୁ ସମସ୍ତ ଜ୍ଞାନ କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥାନ୍ତି। ଶ୍ରୀ ସାମନ୍ତରାୟ କହିଛନ୍ତି ଯେ, ଗ୍ରାମ ଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ପ୍ରକଳ୍ପ ଉଦ୍ୟମି କାର୍ଯ୍ୟକାରୀ ହେଉଛି। ଏହାଦ୍ୱାରା ୨ଟି ବ୍ଲକରେ ପ୍ରତିଭାବାନ ଉଦ୍ୟମିଙ୍କୁ ଆର୍ଥିକ ସହାୟତା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଗ୍ରାମାଞ୍ଚଳରେ ଲୋକଙ୍କୁ ସ୍ୱାବଲମ୍ବୀ କରିବା ଓ ନିଯୁକ୍ତି ସୃଷ୍ଟି କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ପ୍ରଥମ ପର୍ଯ୍ୟାୟରେ ଏହା ସଫଳ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଉଦ୍ୟମି ୨.୦ ପ୍ରାରମ୍ଭ ହୋଇଛି ବୋଲି ଶ୍ରୀ ସାମନ୍ତରାୟ ପ୍ରକାଶ କରିଛନ୍ତି। ଉକ୍ତ ସଂସ୍ଥା ଦ୍ୱାରା ଉପରୁକ୍ତ ୧୫୦ ଟି ଗ୍ରାମରେ ସର୍ଭେ ଜରିଆରେ ନୂତନ ଉଦ୍ୟମୀଙ୍କୁ ଚିହ୍ନଟ ତଥା ଅଞ୍ଚଳରେ ଚାହିଦା ମୁତାବକ ଶ୍ରେଷ୍ଠ ଉଦ୍ୟୋଗ ଚୟନ କରି ଆଶାୟୀ ଉଦ୍ୟୋଗୀଙ୍କୁ ଯୋଗ୍ୟ ବିବେଚିତ କରି ସେମାନଙ୍କୁ ସମସ୍ତ ପ୍ରକାର ଯାନ୍ତ୍ରିକ ଓ ବ୍ୟବସାୟୀ ଭିତ୍ତିକ କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ। ଏହି ଉଦ୍ୟମି ପ୍ରକଳ୍ପ ଅଞ୍ଚଳରେ ନୂତନ କ୍ଷୁଦ୍ର ଗ୍ରାମୀଣ ଉଦ୍ୟୋଗ ସୃଷ୍ଟି କରିଥିବା ସ୍ଥଳେ ସ୍ଥାନୀୟ ଲୋକଙ୍କ ସାମାଜିକ ତଥା ଅର୍ଥନୈତିକ ଅଭିବୃଦ୍ଧି ଘଟିଛି। ଉକ୍ତ ପ୍ରକଳ୍ପ ସଫଳ ରୂପାୟନ ହେବାରୁ ଏହା ଆହୁରି ୩ବର୍ଷ ଯାଏଁ କାର୍ଯ୍ୟକାରୀ ହେବ।




# ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ କାନ୍ତକବିଙ୍କ ଅବଦାନ ଅତୁଳନୀୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ମହାନ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ତଥା ସାମ୍ବାଦିକତା କ୍ଷେତ୍ରରେ ଓଡ଼ିଶାର ସମ୍ମାନ, ସ୍ୱାଭିମାନକୁ ବହୁ ଆଗକୁ ନେଇଥିବା ସାରସ୍ୱତ ପ୍ରତିଭା ଧାରୀ ତଥା ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୮ ତମ ଜୟନ୍ତୀ ସ୍ଥାନୀୟ ମହାଡାକପାଳଙ୍କ କାର୍ଯ୍ୟାଳୟ ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ପୁଷ୍ପ ମାଲ୍ୟ ଅର୍ପଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ଅଧ୍ୟକ୍ଷ, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସ୍ତମ୍ଭକାର, ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୁଜ୍ୟପୂଜା ପ୍ରାଣ କାନ୍ତକବିଙ୍କ ଦାୟାଦ ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର, ବରିଷ୍ଠ ସମାଜସେବୀ ମନୋରଞ୍ଜନ ମହାନ୍ତି, ପୁଜ୍ୟପୂଜା ପ୍ରାଣ କାମଦେବ ମହାପାତ୍ର, ସଂଯୋଜକ ବାପୁ ଓଝା, ବରିଷ୍ଠ ସାମାଜିକ କର୍ମୀ କ୍ରାନ୍ତି କୁମାର ସାକସେନା, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ରମେଶ ପାତାଳ ସିଂ, ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିବା ସହ ଓଡ଼ିଆ ଭାଷା ସାହିତ୍ୟ, ସ୍ୱାଧୀନତା ସଂଗ୍ରାମ, ସାହିତ୍ୟ ରଚନା, ସମ୍ପାଦକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' କାଳଜୟୀ ସଂଗୀତର ବହୁ ପ୍ରାସଙ୍ଗିକତା ରହିଥିବା ଶ୍ରୀ ଶତପଥୀ ସ୍ମୃତି ଚାରଣ ପୂର୍ବକ ମତ ବ୍ୟକ୍ତ କରିଥିଲେ। ତାଙ୍କ ରଚିତ ବୁଢା ଶଙ୍ଖାରି, କଣା ମାମୁଁ ସମାଜକୁ ନୂତନ ବାର୍ତ୍ତା ଦେଇଥିବା ସହିତ 'ଡଗର' ପତ୍ରିକା ସମ୍ପାଦନା କରିବା ତାଙ୍କ କୃତୀ ଓ କୀର୍ତ୍ତି ମଧ୍ୟରେ ଅନ୍ୟତମ ବୋଲି ପ୍ରକାଶ ପାଇଥିବା ଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବି, ଶିକ୍ଷକ ତଥା ପୁଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ କଟକ ଜିଲ୍ଲାର ସଭାପତି ସାରସ୍ୱତ ପ୍ରତିଭା ଧାରୀ ସୁନୀଲ କୁମାର ମିଶ୍ରଙ୍କୁ 'କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ସ୍ମୃତି ସମ୍ମାନ - ୨୦୨୫' ପ୍ରଦାନ କରାଯାଇଥିଲା। ପୁଜ୍ୟପୂଜା ପ୍ରାଣ ଶ୍ରୀ ମହାପାତ୍ର କାନ୍ତକବିଙ୍କ ଉପରେ ଏକ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ତନ୍ମୟ ସାମନ୍ତରାୟ ଓ ଅମିତ ପାତାଳ ସିଂ ପରିଚାଳନା କରିଥିଲେ।



Email- rd_nuapada@rediffmail.com

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, NUAPADA

O-1684

BID IDENTIFICATION NO. RWNPD - 05 (Online) of 2025-26

"e" PROCUREMENT NOTICE

Bid documents consisting of Work, Estimate Cost, Cost of tender Paper, EMD / BID security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1. Name of the Work : Building works in the District of Nuapada as mentioned in DTCN
2. Total No of Works ; 22 Nos.
3. Estimated Cost: : Rs.1.68 to 4.20 Lakhs (Building)
4. Period of Completion : 01 (one), Calendar Month
5. Other Details:

| Procurement officer | Bid Identification No. | Availability of Tender online for bidding | | Last date & time of Seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Nuapada | RWNPD-05 / 2025-26 (Online) | 10.12.2025 at 10.00 AM | 20.12.2025 up to 5.00 PM | 19.12.2025 upto 05.00 PM | 21.12.2025 at 11.00 AM |

Further details can be seen from the website www.tendersodisha.gov.in

Sd/- Executive Engineer
Rural Works Division, Nuapada
OIPR-25050/11/0009/2526

ଭୁବନେଶ୍ୱର
୧୦ ଡିସେମ୍ବର,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଗୁପ୍ତାଙ୍ଗ ଧରିବା ଦୁଷ୍କର୍ମ ନୁହେଁ' ଟିପ୍ପଣୀରେ ସୁପ୍ରିମକୋର୍ଟ କ୍ଷୁବ୍ଧ

**ନୂଆଦିଲ୍ଲୀ, ୦୯/୧୨**



ପାଇଜାମାର ନାଡ଼ା ଖୋଲିବା, ଗୁପ୍ତାଙ୍ଗ ଧରିବା ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ପାଇଁ ଯଥେଷ୍ଟ ନୁହେଁ ବୋଲି ଆହ୍ଲାବାଦ ହାଇକୋର୍ଟ ଦେଇଥିବା ଟିପ୍ପଣୀକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ମାମଲାରେ ହାଇକୋର୍ଟ ଦେଇଥିବା ରାୟକୁ ଖାରଜ କରାଯିବ ଏବଂ ଟ୍ରାଏଲ ଜାରି ରହିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ହାଇକୋର୍ଟ ଅଭିଯୁକ୍ତଙ୍କ ଉପରେ ଲାଗିଥିବା ଦୁଷ୍କର୍ମ ଉଦ୍ୟମ ଅଭିଯୋଗକୁ ହଟାଇବାକୁ କହିଥିଲେ । ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ଖଣ୍ଡପୀଠ କହିଥିଲେ, ସମସ୍ତ ହାଇକୋର୍ଟ ପାଇଁ ଏକ ବିସ୍ତୃତ ଗାଇଡଲାଇନ ଜାରି କରାଯାଇପାରିବ । ଅଦାଲତଙ୍କ ଏପରି ଟିପ୍ପଣୀ ପୀଡ଼ିତ/ପୀଡ଼ିତାଙ୍କ ଉପରେ ଭୟଙ୍କର ପ୍ରଭାବ ପକାଇପାରେ। ଅନେକ କ୍ଷେତ୍ରରେ ସେମାନଙ୍କୁ ମାମଲା ପ୍ରତ୍ୟାହାର କରିନେବା ଲାଗି ଚାପ ମଧ୍ୟ ପଡ଼ିପାରେ । ଏହା ଦ୍ୱାରା ସେମାନଙ୍କ ମନରେ ଭୟ ସୃଷ୍ଟି ହେବ । ବିଶେଷକରି ହାଇକୋର୍ଟ ଫଇସଲା କରିବା ବେଳେ ଏବଂ ଶୁଣାଣି ସମୟରେ ଏପରି ଦୁର୍ଭାଗ୍ୟପୂର୍ଣ୍ଣ ଟିପ୍ପଣୀ ଦେବାରୁ ବିରତ ରହିବା ଉଚିତ। ବରିଷ୍ଠ ଓକିଲ ଶୋଭା ଗୁପ୍ତା ସୁପ୍ରିମକୋର୍ଟରେ ଆହ୍ଲାବାଦ ହାଇକୋର୍ଟଙ୍କ ଆଉ ଏକ ଟିପ୍ପଣୀ କଥା ମଧ୍ୟ ଉଠାଇଥିଲେ, ଯେଉଁଥିରେ ହାଇକୋର୍ଟ କହିଥିଲେ ଯେ 'ମହିଳା ନିଜେ ନିଜ ପାଇଁ ବିପଦକୁ ଆମନ୍ତ୍ରଣ କରିଥିଲେ, ତେଣୁ ତାଙ୍କ ସହ ଯାହା ଘଟିଛି ସେଥିପାଇଁ ସେ ନିଜେ ଦାୟୀ'। ଏଥିସହ ସେ ରାଜସ୍ଥାନ, କୋଲକାତା ହାଇକୋର୍ଟ କଥା ମଧ୍ୟ ଉଠାଇ ଏହି ଅଦାଲତଗୁଡ଼ିକ ଏପରି ଟିପ୍ପଣୀ ଦେଇଥିବା କହିଥିଲେ । ଏଭଳି ସ୍ଥିତିରେ ଆମେ ମାର୍ଗଦର୍ଶିକା ଜାରି କରିପାରିବୁ ବୋଲି ସୁପ୍ରିମକୋର୍ଟ କହିଥିଲେ।

# କିଟ୍ ଅନ୍ତର୍ଜାତୀୟ ଛାୟା ଜାତିସଂଘ (ମୁନ୍) ଉଦ୍ୟାପିତ

**ଭୁବନେଶ୍ୱର, ୯ ।୧୨**
**ନ୍ୟୁଜ ବ୍ୟୁରୋ**




ତିନି ଧରି ଚାଲିଥିବା ବହୁ ପ୍ରତୀକ୍ଷିତ କିଟ୍ ଅନ୍ତର୍ଜାତୀୟ ଛାୟା ଜାତିସଂଘ (ମୁନ୍)ର ୧୩ତମ ସଂସ୍କରଣ ଉଦ୍ୟାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତିନି ଜଣ ଅନ୍ତର୍ଜାତୀୟ କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟ, ୨୦ରୁ ଅଧିକ କର୍ପୋରେଟ୍ ବ୍ୟକ୍ତିତ୍ୱଙ୍କ ଉପସ୍ଥିତି ଓ ବଲିଉଡ୍ ପ୍ଲେବ୍ୟାକ୍ ଗାୟକ ଆଶ୍ କିଙ୍ଗଙ୍କ ଷ୍ଟାର ନାଇଟ୍ ପ୍ରମୁଖ ମୁଖ୍ୟ ଆକର୍ଷଣ ଥିଲା। ଏଥିରେ ଭାରତ ଓ ବିଦେଶରୁ ଯୁବ ପ୍ରତିନିଧି ଓ ୩୦ରୁ ଅଧିକ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଛାୟା ଜାତିସଂଘର ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କହିଲେ ଛାତ୍ରଛାତ୍ରୀମାନେ କୂଟନୀତିକୁ ଠିକ୍ ଭାବେ ବୁଝିବା ଆବଶ୍ୟକ। କାରଣ ଛାତ୍ରଛାତ୍ରୀମାନେ ବିଶ୍ୱର ଭବିଷ୍ୟତ। ଏହା ସହ ସେ ପ୍ରତିନିଧିମାନଙ୍କୁ ବିତର୍କ ଓ ଆଲୋଚନାରେ ଅର୍ଥପୂର୍ଣ୍ଣ ଭାବରେ ସାମିଲ ହେବାକୁ ଉତ୍ସାହିତ କରିଥିଲେ। ଉପକୁଳପତି ପ୍ରଫେସର ରାଜୁ କେ. ଡି. ସମସାମୟିକ ବିଶ୍ୱରେ କୂଟନୀତିର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। 'ଡିଜିଟାଲ ଯୁଗରେ, କୂଟନୀତି କଳାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ସେ କହିଲେ, ମୁନ୍ ଭଳି କାର୍ଯ୍ୟକ୍ରମ ବିଶ୍ୱ ଜଟିଳତାକୁ ବୁଝିବାର ଏକ ସୁଯୋଗ। ବ୍ରିଗେଡିୟର ଜୀବନ ରାଜପୁରୋହିତ ମଧ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ଉଦ୍‌ବୋଧନ ଦେଇଥିଲେ। କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ମୁନ୍ ପ୍ରତି ବର୍ଦ୍ଧିତ ଅନ୍ତର୍ଜାତୀୟ ଆଗ୍ରହ ଉପରେ ଆଲୋକପାତ କରିବା ସହ ବିଦେଶରୁ ୩୩ଜଣ ସଦସ୍ୟ ଏହି ବିଶ୍ୱ ଯୁବ ମଞ୍ଚରେ ଅଂଶଗ୍ରହଣ କରିଥିବାରୁ ଖୁସି ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ସମୟରେ, ପ୍ରତିନିଧିମାନେ ସମସାମୟିକ ଓ ଐତିହାସିକ ଭୂ-ରାଜନୈତିକ ସଙ୍କଟକୁ ଅନୁକରଣ କରି ଏକାଧିକ ଜାତିସଂଘ କମିଟିରେ ତୀବ୍ର ବିତର୍କ, ଆଲୋଚନା ଓ ନୀତି ପ୍ରସ୍ତୁତରେ ନିୟୋଜିତ ହୋଇଥିଲେ।

କମିଟି ଅଧିବେଶନ ବ୍ୟତୀତ ସମ୍ମିଳନୀରେ କର୍ମଶାଳା, ଶୈକ୍ଷିକ ମାଷ୍ଟରକ୍ଲାସ୍, ସାଂସ୍କୃତିକ ପ୍ରଦର୍ଶନ ଏବଂ ସ୍ପନ୍ଦନଶୀଳ କ୍ୟାମ୍ପସ୍ ସଂଯୋଗ କାର୍ଯ୍ୟକଳାପ ପ୍ରଦର୍ଶିତ ହୋଇଥିଲା।

# ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ : ସରପଞ୍ଚ ହେବା ପାଇଁ ଓଡ଼ିଆ ପଢ଼ି ଲେଖି ଜାଣିଥିବା ଦରକାର

**କଟକ, ୯/୧୨ ନ୍ୟୁଜ ବ୍ୟୁରୋ**



ଜଣେ ଲୋକପ୍ରତିନିଧି ଭାବେ ସରପଞ୍ଚଙ୍କ ଦାୟିତ୍ୱକୁ କମ୍ ଗୁରୁତ୍ୱ ଦେଇ ହେବ ନାହିଁ । ଜଣେ ସରପଞ୍ଚଙ୍କ ପାଇଁ ଯଥେଷ୍ଟ ସାହିତ୍ୟ ଜ୍ଞାନର ଆବଶ୍ୟକତା ନାହିଁ । କିନ୍ତୁ ସରପଞ୍ଚ ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ରହୁଥିବା ବ୍ୟକ୍ତି ନିଶ୍ଚିତ ଭାବେ ଓଡ଼ିଆ ପଢ଼ିବା ସହ ଲେଖି ଜାଣୁଥିବା ଆବଶ୍ୟକ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ଯଦି ଜଣେ ସରପଞ୍ଚ ଉଭୟ ଓଡ଼ିଆକୁ ପଢ଼ି ଏବଂ ଲେଖି ଜାଣି ନଥିବେ ତା'ହେଲେ ସେ ତାଙ୍କ ଦାୟିତ୍ୱକୁ କିପରି ନିର୍ବାହ କରିବେ ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ଯଦିଓ ଓଡ଼ିଆ ପଢ଼ିବା ଜାଣିଥିବା ଯଥେଷ୍ଟ ବୋଲି କୁହାଯାଇ ପାରିବ କିନ୍ତୁ ଏଥିସହ ଲେଖିବା ମଧ୍ୟ ନିହାତି ଆବଶ୍ୟକ । ନଚେତ୍ ପଞ୍ଚାୟତ ଭଳି ଏତେବଡ଼ ଅନୁଷ୍ଠାନର ଗତି କୁଆଡ଼େ ବୋଲି ହାଇକୋର୍ଟ ଆଶଙ୍କା ବ୍ୟକ୍ତ କରିଛନ୍ତି । ତେଣୁ ଏହି ପରିପ୍ରେକ୍ଷୀରେ ସରପଞ୍ଚ ପଦରେ ବସିଥିବା ମହେଶ୍ୱର ଜେନାଙ୍କୁ ବରଖାସ୍ତ ନେଇ ନିମ୍ନ ଅଦାଲତ ଦେଇଥିବା ଆଦେଶରେ କୌଣସି ପ୍ରକାର ତ୍ରୁଟି ନାହିଁ ବୋଲି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ମତ ଦେବା ସହ ଆବେଦନକାରୀଙ୍କ ପିଟିସନକୁ ଖାରଜ କରି ଦେଇଛନ୍ତି ।

ମାମଲାରୁ ଜଣାଯାଇଛି, ବାଲେଶ୍ୱର ଜିଲ୍ଲା ବିଷ୍ଣୁପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଭାବେ ମହେଶ୍ୱର ଜେନା ନିର୍ବାଚିତ ହୋଇଥିଲେ । କିନ୍ତୁ ସେ ଓଡ଼ିଆ ଭାଷା ଠିକ୍ ଭାବେ ଲେଖି, ପଢ଼ି ଜାଣି ନଥିବା ଦର୍ଶାଇ ତାଙ୍କ ବିରୋଧରେ ବାଲେଶ୍ୱର ସିଭିଲ୍ ଜଜ୍‌ରେ ମାମଲା ରୁଜୁ ହୋଇଥିଲା। ସରପଞ୍ଚ ଶ୍ରୀ ଜେନା ଓଡ଼ିଆ ଠିକ୍ ଭାବେ ଲେଖି, ପଢ଼ି ଜାଣି ନଥିବା ଦର୍ଶାଇ ଅଦାଲତ ତାଙ୍କ ପଦକୁ ରଦ୍ଦ କରି ଦେଇଥିଲେ । ଏହି ଆଦେଶ ବିରୋଧରେ ବାଲେଶ୍ୱର ଜିଲ୍ଲା ଜଜ୍‌କୋର୍ଟରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଗୋଟିଏ ମାମଲା ଆବେଦନକାରୀ କରିଥିଲାବେଳେ ଅନ୍ୟ ଏକ ମାମଲା ସେହି ପଞ୍ଚାୟତର ଦ୍ୱିତୀୟ ନମ୍ବରରେ ଥିବା ପ୍ରାର୍ଥୀ କରିଥିଲେ। ଆବେଦନକାରୀଙ୍କୁ ସରପଞ୍ଚ ପାଇଁ ଅସିଦ୍ଧ ଘୋଷଣା କରାଗଲା ପରେ ଖାଲି ପଡ଼ିଥିବା ପଦରେ ତାଙ୍କୁ ସରପଞ୍ଚ ଭାବେ ଘୋଷଣା କରିବାକୁ ସେ ପ୍ରାର୍ଥନା କରିଥିଲେ । ବାଲେଶ୍ୱର ଜିଲ୍ଲା କୋର୍ଟ ମଧ୍ୟ ସିଭିଲ୍ ଜଜଙ୍କ ଆଦେଶ କାଏମ୍ ରଖିଥିଲେ । ଫଳରେ ଏହି ଆଦେଶ ବିରୋଧରେ ମହେଶ୍ୱର ଜେନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ହାଇକୋର୍ଟ ବିଭିନ୍ନ ପକ୍ଷଙ୍କୁ ଶୁଣିବା ପରେ ରାୟରେ କହିଛନ୍ତି ଯେ, ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନର ଧାରା ୧୧(ବି)ରେ କୁହାଯାଇଛି କି ଯଦି ଜଣେ ଓଡ଼ିଆ ଠିକ୍ ଭାବେ ପଢ଼ି ଜାଣି ନଥିବେ ତାହେଲେ ସେ ସରପଞ୍ଚ ପଦ ଲାଗି ଯୋଗ୍ୟ ନୁହଁନ୍ତି । ଏହାର ଅର୍ଥ ହେଉଛି ଯଦି ସମ୍ପୃକ୍ତ ବ୍ୟକ୍ତି ଉଭୟ ଓଡ଼ିଆକୁ ପଢ଼ି ଏବଂ ଲେଖି ଜାଣି ନଥିବ ତାହେଲେ ସେ ସରପଞ୍ଚ ପଦରେ ରହିପାରିବେ ନାହିଁ । କେବଳ ଓଡ଼ିଆ ପଢ଼ିଦେବା ଯଥେଷ୍ଟ ନୁହେଁ । ଯେତେବେଳେ ଜଣେ ବ୍ୟକ୍ତି ସରପଞ୍ଚ ପଦ ଲାଗି ପ୍ରାର୍ଥୀ ହେଉଛନ୍ତି ସେତେବେଳେ ସେ ନିଶ୍ଚିତ ଭାବେ ଓଡ଼ିଆ ଲେଖି ଜାଣିଥିବା ଦରକାର ବୋଲି ହାଇକୋର୍ଟ କହିଛନ୍ତି । ହାଇକୋର୍ଟ ଏଠି ଦୁଇଟି ଯାକ ପିଟିସନକୁ ଖାରଜ କରିବା ସହ ଉକ୍ତ ପଞ୍ଚାୟତରେ ସାନି ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ହାଇକୋର୍ଟ ଆହୁରି କହିଛନ୍ତି ଯେ, ଯଦି ପରବର୍ତ୍ତୀ ନିର୍ବାଚନ ପୂର୍ବରୁ ଆବେଦନକାରୀ ଓଡ଼ିଆ ଉଭୟ ପଢ଼ି ଏବଂ ଲେଖି ଜାଣିବା ଲାଗି ନିଜକୁ ସକ୍ଷମ କରିପାରିବେ ତାହେଲେ ସେ ପୁନର୍ବାର ନିର୍ବାଚନରେ ଲଢ଼ିବାରେ କୌଣସି ସମସ୍ୟା ନାହିଁ।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାରସ୍ୱତ ସାଧକ

**ଭୁବନେଶ୍ୱର, ୦୯/୧୨**
**ନ୍ୟୁଜ ବ୍ୟୁରୋ**



ଓଡ଼ିଶାର ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାରସ୍ୱତ ସାଧକ ଓ ସମ୍ପାଦକ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ୧୯୩୦ର ଲବଣ ସତ୍ୟାଗ୍ରହ କାନ୍ତକବିଙ୍କ ଜୀବନ ଉପରେ ଗଭୀର ପ୍ରଭାବ ପକାଇଥିଲା। ସେହି ସମୟରେ ସାଧାରଣ ଜନତାଙ୍କୁ ଏହି ସବୁ ଆନ୍ଦୋଳନରେ ଯୋଗଦାନ ପାଇଁ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ଏବଂ ସେମାନଙ୍କୁ ଜାତୀୟତା ପ୍ରତି ଆକର୍ଷିତ କରିବା ପାଇଁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର କଲମର ସାହାଯ୍ୟ ନେଇଥିଲେ । ଗଳ୍ପ, ଉପନ୍ୟାସ, ନାଟକ ଓ କବିତାମାନ ରଚନା କରି ଲୋକମାନଙ୍କ ମଧ୍ୟରେ ଦେଶପ୍ରେମ ବଢ଼ାଇବାରେ ସେ ଲାଗି ପଡ଼ିଲେ ।

କାନ୍ତକବିଙ୍କ ରଚିତ ଦେଶାତ୍ମବୋଧକ କବିତାମାନ ଲୋକମାନଙ୍କୁ ଏକଜୁଟ କରିବାରେ ସାହାଯ୍ୟ କଲା। ସାଧାରଣ ଜନତାଙ୍କୁ ଇଂରେଜମାନଙ୍କ ବିରୋଧରେ ଲଢ଼ିବାକୁ ଏବଂ ସ୍ୱାଧୀନତା ପ୍ରାପ୍ତ କରିବାକୁ ସେ କବିତାକୁ ନିଜର ଅସ୍ତ୍ର ଭାବରେ ବ୍ୟବହାର କରିଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚନାରେ ଦେଶ ଓ ଜାତିପ୍ରେମର ଝଲକ ଦେଖିବାକୁ ମିଳିଥାଏ । କବିତା ସାଙ୍ଗକୁ ସେ ଅନେକ ଉପନ୍ୟାସ, ବ୍ୟଙ୍ଗ ସାହିତ୍ୟ, ଗଳ୍ପ ରଚନା କରିଯାଇଛନ୍ତି । ସେ ମାସିକ ସାହିତ୍ୟ ପତ୍ରିକା 'ଡଗର'ର ମଧ୍ୟ ପ୍ରତିଷ୍ଠାତା ସମ୍ପାଦକ ଥିଲେ। ଓଡ଼ିଆ ଭାଷା, ସାହିତ୍ୟର ଉତ୍କର୍ଷ ସହ ଓଡ଼ିଆଙ୍କ ହୃଦୟରେ ଜାତିପ୍ରୀତି ଜାଗ୍ରତ କରିବାରେ କାନ୍ତକବି ଯେଉଁ ଅବଦାନ ରଖିଯାଇଛନ୍ତି ସେଥି ପାଇଁ ସେ ପ୍ରତି ଓଡ଼ିଆଙ୍କ ହୃଦୟରେ ଚିରଅମର ରହିବେ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ଫକୀର ନାୟକ ଓ ରଘୁନାଥ ମାଛ ଏବଂ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ବିଧାନସଭା ପାର୍ଶ୍ୱବର୍ତ୍ତୀ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ୪୪,୭୭୧ କୋଟି ଟଙ୍କାର ରାସ୍ତା ପ୍ରକଳ୍ପ ଅନୁମୋଦିତ

# ଭୁବନେଶ୍ୱରରୁ ପାରାଦୀପକୁ ସଂଯୋଗ ହେବ ଗ୍ରୀନ ଫିଲଡ଼ ରାସ୍ତା

**ଭୁବନେଶ୍ୱର, ୯ ।୧୨ ନ୍ୟୁଜ ବ୍ୟୁରୋ**



କେନ୍ଦ୍ର ସରକାର ଓଡ଼ିଶାରେ ୪୪,୭୭୧ କୋଟି ଟଙ୍କାର ରାସ୍ତା ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ସେଥିରେ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ୩୦ ହଜାର କୋଟି ଓ ରାଜ୍ୟ ରାଜପଥ ପ୍ରକଳ୍ପ ପାଇଁ ୧୩ ହଜାର କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ଭୁବନେଶ୍ୱରରୁ ପାରାଦୀପକୁ ସଂଯୋଗ ହେବ ନୂତନ ଗ୍ରୀନ ଫିଲଡ଼ ରାସ୍ତା। ରାଜ୍ୟରେ ଥିବା ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥର ଉନ୍ନତିକରଣ ଏବଂ ପ୍ରସ୍ତାବିତ ନୂତନ ପ୍ରକଳ୍ପକୁ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଏହି ଅନୁମୋଦନ ମିଳିଛି । ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ ଗଡ଼କରିଙ୍କ ସହ ନୂଆଦିଲ୍ଲୀରେ ସାକ୍ଷାତ କରି ରାଜ୍ୟରେ ଥିବା ବିଭିନ୍ନ ରାସ୍ତା ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି । ଏ ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟରେ ୫ଟି ଜାତୀୟ ରାଜପଥ ପ୍ରକଳ୍ପ, ୫ଟି ରାଜ୍ୟ ରାଜପଥ ଓ ସିଆଇଆରଏଫ୍ ପ୍ରକଳ୍ପ ପାଇଁ ମୋଟ ୪୪,୭୭୧ କୋଟି ଟଙ୍କାର ଅନୁମୋଦନ ମିଳିଛି । ଏଥିରେ ଭୁବନେଶ୍ୱର-ପୁରୀ ରାସ୍ତାକୁ ୮ ଲେନ୍ କରିବା, ୧୪୦ କିଲୋମିଟର ଦୀର୍ଘ ଟାଙ୍ଗୀ-ପୁଇଁତୋଳା-ଇଚ୍ଛାପୁରମ୍ ରାସ୍ତାକୁ ୬ ଲେନ୍ ବିଶିଷ୍ଟ କରିବା ପାଇଁ ଅନୁମୋଦନ ମିଳିଛି । ସେହିପରି ୪୦୦ କିଲୋମିଟର ଦୀର୍ଘ ରାଉରକେଲା-ବଡବିଲ୍-ପାରାଦୀପ ଭାୟା ଡୁବୁରି ରାସ୍ତାକୁ ୮ ଲେନ କରିବା ପାଇଁ ଏବଂ ଏନ୍‌ଏଚ୍-୧୪୯ ଅଧିନରେ ଥିବା ୬୮ କିଲୋମିଟର ଦୀର୍ଘ ପାଲଲହଡ଼ା-ପିଟିରି ରାସ୍ତାକୁ ୪ ଲେନ୍ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଛି । ଅନ୍ୟପକ୍ଷରେ ୨୦୨୫ ନଭେମ୍ବର ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ଇଣ୍ଡିଆନ୍ ରୋଡ୍ କଂଗ୍ରେସ ଅବସରରେ ସଡ଼କ ପରିବହନ ଓ ଜାତୀୟ ରାଜମାର୍ଗ ମନ୍ତ୍ରଣାଳୟର ମନ୍ତ୍ରୀଙ୍କ ପ୍ରତିଶ୍ରୁତି ମୁତାବକ ୧୫୦୦ କୋଟି ଟଙ୍କା ସିଆଇଅରଏଫ୍ ଯୋଜନା ଅଧିନରେ ଅନୁମୋଦନ ମିଳିଛି । ସେହିପରି ୫ଟି ରାଜ୍ୟ ରାଜପଥ ପ୍ରକଳ୍ପର ଉନ୍ନତିକରଣ ଓ ପ୍ରଶସ୍ତିକରଣ ପାଇଁ ୧୩,୧୪୧ କୋଟି ଟଙ୍କାର ଅନୁମୋଦନ ମିଳିଛି । ଏଥିରେ ବରପାଲି-ବଲାଙ୍ଗିର ରାସ୍ତା ଓ କେସିଙ୍ଗା - ଭବାନୀପାଟଣା - ଜୁନାଗଡ଼ ରାସ୍ତାକୁ ୪ ଲେନ୍ କରିବା, ୪ ଲେନ ବିଶିଷ୍ଟ ବଲାଙ୍ଗିର-ନୟାଗଡ଼ ରାସ୍ତା, ହିଞ୍ଜିଳିକାଟୁ ବାଇପାସ ରାସ୍ତା ସହ ବ୍ରହ୍ମପୁରରୁ କାଳୁଷଣ୍ଡପୁର ରାସ୍ତାକୁ ୪ ଲେନ୍ କରିବା ଏବଂ ମୋହନାରୁ ପାରଳାଖେମୁଣ୍ଡି ରାସ୍ତାର ଉନ୍ନତିକରଣ ସହ ଏନ୍‌ଏଚ୍-୨୬ର ପ୍ରଶସ୍ତିକରଣକୁ ଅନୁମୋଦନ ମିଳିଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱରରୁ ପାରାଦୀପ ସିଧାସଳଖ ନୂଆ ଗ୍ରୀନ ଫିଲଡ଼ ରାସ୍ତା ନିର୍ମାଣ ନେଇ ଆଲୋଚନା ହୋଇଛି । ଆଗାମୀ ଦିନରେ ପାରାଦ୍ୱୀପ ସହର ପରିସର ଯଥେଷ୍ଟ ବୃଦ୍ଧି ପାଇବାକୁ ଥିବାବେଳେ ପ୍ରମୁଖ ବନ୍ଦର ସହରକୁ ରାଜଧାନୀ ଭୁବନେଶ୍ୱର ସହ ଯୋଡିବା ପାଇଁ ଏହି ଗ୍ରୀନଫିଲଡ ରାସ୍ତା ବେଶ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି । ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଏଲ. କେ ପାଢ଼ୀ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏ.ଡି.ଜି. ଅତୁଲ କୁମାର ଏବଂ ଜାତୀୟ ରାଜପଥ ପ୍ରାଧିକରଣ ସଦସ୍ୟ ବିପନେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶାରେ କୃଷି ବିକାଶକୁ ସୁଦୃଢ଼ କରିବା ପାଇଁ ଦୁଇଟି ଏମଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର,୯/୧୨ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ରାଜ୍ୟର କୃଷି ପରିସ୍ଥିତିରେ କୃଷି ପ୍ରକଳ୍ପକୁ ଆଗକୁ ବଢାଇବା ଏବଂ ଡିଜିଟାଲ ପରିବର୍ତ୍ତନ ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଓଡ଼ିଶାରେ ଅଦା, ହଳଦୀ ଏବଂ ଶ୍ରୀଅନ୍ନ ମୂଲ୍ୟ ଶୃଙ୍ଖଳ ବିକାଶକୁ ସୁଦୃଢ଼ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ହେଫର ଇଣ୍ଟରନ୍ୟାସନାଲ ମଧ୍ୟରେ ପ୍ରଥମ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପଦକ୍ଷେପ ଓଡ଼ିଶାରେ ଅଦା, ହଳଦୀ ଏବଂ ଶ୍ରୀଅନ୍ନ ଉତ୍ପାଦକମାନଙ୍କ ପାଇଁ ଆୟ ବୃଦ୍ଧି ଏବଂ ମୂଲ୍ୟ ଶୃଙ୍ଖଳ ବିକାଶ, କୃଷି ଆଧୁନିକୀକରଣ ଏବଂ ବଜାର ସଂଯୋଗକୁ ପ୍ରୋତ୍ସାହିତ କରିବ । ଓଡ଼ିଶାର ଡିଜିଟାଲ ମୋବାଇଲ୍ ଆଧାରିତ ସମ୍ପ୍ରସାରଣ ସେବା, କୃଷି ସମୃଦ୍ଧି ହେଲ୍ପଲାଇନର ପରିଚାଳନା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ଏବଂ ମେସର୍ସ ତତ୍ତ୍ୱ ଟେକ୍ନୋଲୋଜି ଲିମିଟେଡ୍ ମଧ୍ୟରେ ଦ୍ୱିତୀୟ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ତୃଣମୂଳସ୍ତରରେ ଉପଲବ୍ଧ ମୋବାଇଲ୍-ଆଧାରିତ ଡିଜିଟାଲ କୃଷି-ସେବା ପ୍ଲାଟଫର୍ମ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଏକ ଚାଷୀ-କେନ୍ଦ୍ରିକ ମୂଲ୍ୟ ଶୃଙ୍ଖଳ ସମ୍ପ୍ରସାରଣ ବ୍ୟବସ୍ଥା ସୃଷ୍ଟି କରିବା, ଡିଜିଟାଲ ନବସୃଜନ, ବାସ୍ତବ ସମୟ ଆଧାରିତ ଫସଲ, ପାଣିପାଗ ପରାମର୍ଶ ମାଧ୍ୟମରେ କୃଷି କାର୍ଯ୍ୟ ଏବଂ ପ୍ରସାରକୁ ଉନ୍ନତ କରିବା। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ମତ୍ସ୍ୟ ଓ ପ୍ରାଣିସମ୍ପଦ ତଥା ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। କୃଷକଙ୍କ ଲାଭ ତଥା କୃଷି ପ୍ରଗତି ଓ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଗ୍ରହଣ ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଏହି ଦୁଇଟି ବୁଝାମଣାପତ୍ର ଆମକୁ ଅପହଞ୍ଚ ଲୋକଙ୍କ ପାଖରେ ପହଞ୍ଚିବାରେ ଏବଂ ସେମାନଙ୍କ ଆବଶ୍ୟକତା ସମୟରେ ସରକାରୀ ସହାୟତା ପ୍ରଦାନ କରିବାରେ ସାହାଯ୍ୟ କରିବ। ମତ୍ସ୍ୟ ଓ ପ୍ରାଣିସମ୍ପଦମନ୍ତ୍ରୀ ଶ୍ରୀ ମଲ୍ଲିକ କିପରି ବାସ୍ତବ ସମୟ ଆଧାରିତ ପଶୁପାଳନ ପରାମର୍ଶ ଚାଷୀ ଏବଂ ପଶୁପାଳନକାରୀଙ୍କୁ ସାହାଯ୍ୟ କରୁଛି ତାହା ଉପରେ ଆଲୋକପାତ କରିଥିଲେ। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି ଯେ, କୃଷି ସମୃଦ୍ଧି ହେଲ୍ପଲାଇନ୍ କାର୍ଯ୍ୟକ୍ରମ ହେଉଛି ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ଟୋଲ୍-ଫ୍ରି ନମ୍ବର ଆଧାରିତ ପରାମର୍ଶ ସେବା। ବର୍ତ୍ତମାନ, ଏହି ପ୍ଲାଟଫର୍ମରେ ୮୦ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ସାମିଲ ଅଛନ୍ତି ଓ ୭୦ପ୍ରକାରର ଫସଲ, ୧୧ପ୍ରକାରର ପଶୁପାଳନ ଏବଂ ୩ ପ୍ରକାରର ମତ୍ସ୍ୟଚାଷ ପ୍ରଣାଳୀ ଉପରେ ପରାମର୍ଶ ପ୍ରଦାନ କରାଯାଉଛି । ଏହାର ସ୍ଥାପନା ପରଠାରୁ ଏହା ୯୫,୧୫,୩୬,୯୪୧ ଫସଲ ପରାମର୍ଶ, ୪୦,୮୮,୨୭,୨୩୫ ପଶୁପାଳନ ପରାମର୍ଶ, ୫,୩୨,୬୯,୨୨୬ ମତ୍ସ୍ୟପାଳନ ଏବଂ ୨୬,୦୪,୧୯,୧୦୭ ପାଣିପାଗ ସମ୍ବନ୍ଧୀୟ ପରାମର୍ଶ ଚାଷୀ ଓ ପ୍ରାଣୀପାଳକଙ୍କୁ ପଠାଇଛି। ଉପସ୍ଥିତ ବ୍ୟକ୍ତିଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟପାଳନ, ପଶୁପାଳନ ନିର୍ଦ୍ଦେଶକ, ହେଫର୍ ପ୍ରକଳ୍ପ ଓ ମେସର୍ସ ତତ୍ତ୍ୱ ଟେକ୍ନୋଲୋଜିର ପ୍ରତିନିଧି, କୃଷି ଏବଂ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।


